
‘ବର୍ଡର ୨’
ଆସିଲା ବରୁଣଙ୍କ ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-135 ♦TUESDAY ♦11 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୫ ♦ମଙ୍ଗଳବାର ♦୧୧ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ବିସ୍ଫୋରଣରେ ଥରିଲା ଦିଲ୍ଲୀ; ୮ ମୃତ

## ଲାଲ୍‌କିଲ୍ଲା ନିକଟରେ ଭୟଙ୍କର କାର୍ ଧମାକା




**ଜଳିଗଲା ୮ଟି କାର୍; ୨୨ଟି ଗାଡ଼ି କ୍ଷତିଗ୍ରସ୍ତ**

**ଘଟଣାସ୍ଥଳରେ ଏନ୍ଆଇଏ, ଏନ୍ଏସ୍‌ଜି ଫୋରେନ୍‌ସିକ୍ ଟିମ୍**

**ହାଇଆଲର୍ଟରେ ଦେଶର ପ୍ରମୁଖ ମେଟ୍ରୋ ସହର**

■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଆଜି ସନ୍ଧ୍ୟାରେ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ଥରହର ହୋଇଛି ଜାତୀୟ ରାଜଧାନୀ ନୂଆଦିଲ୍ଲୀ। ଏହି ବିସ୍ଫୋରଣରେ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଆହୁରି ୧୭ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆସନ୍ତାକାଲି ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି ଏବଂ ସମଗ୍ର ଦେଶବାସୀଙ୍କ ନଜର ବିହାର ଉପରେ ଥିବା ବେଳେ ଦିଲ୍ଲୀରେ ଏଭଳି ବିସ୍ଫୋରଣ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ତେବେ ଏହି ବିସ୍ଫୋରଣ ପଛରେ କିଏ ଅଛନ୍ତି, ତାହା ଜଣାପଡ଼ି ନାହିଁ। ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯିବା ପରେ ଏହି ବିସ୍ଫୋରଣ ଘଟିଛି। ବିସ୍ଫୋରଣ ପରେ ଦିଲ୍ଲୀ ସମେତ ମୁମ୍ବଇ, ଚେନ୍ନଇ, ଉତ୍ତରପ୍ରଦେଶ, ହରିଆଣା, ଉତ୍ତରାଖଣ୍ଡ ଏବଂ ମହାରାଷ୍ଟ୍ରରେ ହାଇ ଆଲର୍ଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରିଦିଆଯାଇଛି। ରାଜଧାନୀ ଦିଲ୍ଲୀର ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି।

ସୂଚନା ଅନୁଯାୟୀ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ୍ ନିକଟସ୍ଥ ଟ୍ରାଫିକ ସିଗନାଲ ।।ରେ ଏକ ହୁଣ୍ଡାଇ ଆଇ-୨୦ କାର୍‌ରେ ଆଜି ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ ନିଆଁ ବ୍ୟାପି ଆଖପାଖରେ ଥିବା ଅନ୍ୟ ଗାଡ଼ିକୁ କବଳିତ କରି ନେଇଥିଲା। ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୁରକ୍ଷାବାହିନୀ, ଏନ୍ଆଇଏ ଏବଂ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥି ।।ଲେ ।ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରି ତଦନ୍ତ ଆରମ୍ଭ କରାଯାଉଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। କିନ୍ତୁ ଜମ୍ମୁ-କଶ୍ମୀରରୁ ବିସ୍ଫୋରକ ▶ପୃଷ୍ଠା-୭



### ସବୁ ଦିଗରୁ ଯାଞ୍ଚ ହେବ: ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବିସ୍ଫୋରଣକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଜୀବନହାନୀର କଷ୍ଟକୁ ଶବ୍ଦର ପ୍ରକାଶ କରିହେବ ନାହିଁ ବୋଲି କହିଛନ୍ତି। ସେ ବିସ୍ଫୋରଣ ସ୍ଥଳକୁ ଗସ୍ତ କରବା ସହିତ ହସ୍ପିଟାଲ ଯାଇ ଆହତଙ୍କ ସହ କଥା ହୋଇଛନ୍ତି। ପ୍ରମୁଖ ଏଜେନ୍ସିଗୁଡ଼ିକ ମାମଲାର ତଦନ୍ତ ଆରମ୍ଭ କରିଦେଇଛନ୍ତି। ଶାହା ଦିଲ୍ଲୀ ପୁଲିସ ମୁଖ୍ୟ ଏବଂ ସ୍ପେସିଆଲ ବ୍ରାଞ୍ଚର ପ୍ରଭାରୀଙ୍କ ସହ ଆଲୋଚନା କରିଛନ୍ତି। ବିସ୍ଫୋରଣର ପ୍ରତ୍ୟେକ ସମ୍ଭାବନାକୁ ଧ୍ୟାନରେ ରଖି ଯାଞ୍ଚ କରାଯିବ ବୋଲି ଶାହା କହିଛନ୍ତି। ସବୁ ବିକଳ୍ପ ଯାଞ୍ଚ କରାଯିବ ଏବଂ ଫଳାଫଳକୁ ଜନତାଙ୍କ ସାମ୍ନାରେ ରଖାଯିବ।

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୋହନ ଓ ନବୀନଙ୍କ ଶୋକ

ଦିଲ୍ଲୀ ବିସ୍ଫୋରଣକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆହତଙ୍କୁ ଅଧିକାରୀମାନେ ସହାୟତା ପ୍ରଦାନ କରୁଛନ୍ତି। ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ▶ପୃଷ୍ଠା-୭

## ଆତଙ୍କବାଦର ନୂଆ ଚେହେରା

# ବିସ୍ଫୋରକ, ରାଇଫଲ ସହ ୪ ଡାକ୍ତର ଗିରଫ

**ଆକ୍ରମଣ ପାଇଁ ଚାଲିଥିଲା ଯୋଜନା; ପଣ୍ଡ କଲା କଶ୍ମୀର ପୁଲିସ**

**ଟାର୍ଗେଟରେ ଥିଲା ଦିଲ୍ଲୀ ସମେତ ଉତ୍ତର ଭାରତ**



■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଏକ ଉଦ୍‌ବେଗଜନକ ଘଟଣା କ୍ରମେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତର ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ୨୯୦୦ କିଲୋ ବିସ୍ଫୋରକ ସହିତ ଏକେ-୪୭ ରାଇଫଲ ଏବଂ କିଛି ବିଷାକ୍ତ ରସାୟନ ସାମଗ୍ରୀ ଜବତ କରାଯାଇଛି। ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ପାଇଁ ଚାଲିଥିଲା ଯୋଜନା। ଠିକ୍ ସମୟରେ ପୁଲିସ ସେମାନଙ୍କୁ ଧରିବା ପରେ ଏକ ବଡ଼ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଛି ଜମ୍ମୁ-କଶ୍ମୀର ପୁଲିସ। ଏହି ୪ ଜଣ ଡାକ୍ତରଙ୍କୁ ଜମ୍ମୁ-କଶ୍ମୀର, ଉତ୍ତର ପ୍ରଦେଶ, ହରିଆଣା ଏବଂ ଗୁଜରାଟରୁ ଗିରଫ କରାଯାଇଛି। କଶ୍ମୀର ।।ରେ ଧରାପଡ଼ିଥିବା ଜଣେ ଡାକ୍ତରଙ୍କ ସୂଚନା ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। ତାଙ୍କ କାରରେ ରାଇଫଲ ଓ ବିସ୍ଫୋରକ ସାମଗ୍ରୀ ଥିଲା। ଏହି ଘଟଣାରେ ମୋଟ୍ ୮ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସେମାନେ ପାକିସ୍ତାନୀ ଆତଙ୍କବାଦୀଙ୍କ ଇସାରାରେ କାମ କରୁଥିଲେ।


ଗିରଫ ଡାକ୍ତରମାନେ ହେଲେ ଆଦିଲ ଅହମଦ, ମୁଜାମ୍ମିଲ ସକିଲ, ସାହିନ ସହିଦ ଓ ଅହମଦ ସୟାଦ। ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ଓ ଗଜବତ-ଅଲ- ହିନ୍ଦ ସହିତ ସେମାନଙ୍କର ସଂପର୍କ ରହିଛି। ଜମ୍ମୁ-କଶ୍ମୀର, ଉତ୍ତର ▶ପୃଷ୍ଠା-୭

## ବିହାରରେ ବିଧାନସଭା ନିର୍ବାଚନ

# ଶେଷ ପର୍ଯ୍ୟାୟ ମତଦାନ ଆଜି

**ସୀମାଞ୍ଚଳ ଉପରେ ନଜର**

**୧୨୨ ଆସନରେ ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ ୩.୭ କୋଟି ଭୋଟର**




■ **ପାଟନା, ୧୦।୧୧ (ଏଜେନ୍ସି):** ବିହାର ନିର୍ବାଚନ ପାଇଁ ମଙ୍ଗଳବାର ଅନ୍ତିମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ସକାଳ ୭ଟାରୁ ଏହି ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହେବ। ଏହି ପର୍ଯ୍ୟାୟରେ ୨୦ ଜିଲ୍ଲାର ୩.୭ କୋଟି ଭୋଟର ୧୨୨ ଆସନର ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ। ୨୪୩ ଆସନ ବିଶିଷ୍ଟ ବିହାରରେ କିଏ ପରବର୍ତ୍ତୀ ସରକାର ଗଠନ କରୁଛି ତାହା ଏହି ପର୍ଯ୍ୟାୟ ନିର୍ବାଚନରୁ ସ୍ଥିର ହେବ ବୋଲି କୁହାଯାଉଛି। ଏହି ପର୍ଯ୍ୟାୟରେ ମୋଟ ୧୩୦୨ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ୧୩୬ ମହିଳା ସାମିଲ ଅଛନ୍ତି। ଶାନ୍ତିପୂର୍ଣ୍ଣ ନିର୍ବାଚନ କରିବା ପାଇଁ ୪ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷାବାହିନୀ ନିୟୋଜିତ କରାଯାଇଛି। ୪୫, ୩୯୯ ବୁଥ୍ ପ୍ରତିଷ୍ଠା ହୋଇଛି। ଏହି ପର୍ଯ୍ୟାୟରେ ମୁସଲିମ ବହୁଳ ସୀମାଞ୍ଚଳ ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ କ୍ଷେତ୍ର ପାଲଟି ଯାଇଛି। ପୂର୍ଣ୍ଣିଆ, ଅରରିଆ, କଟିହାର ଏବଂ କିଶନଗଞ୍ଜର ୨୪ ▶ପୃଷ୍ଠା-୭

### ଆଜି ନୂଆପଡ଼ା ଭୋଟ

■ **ନୂଆପଡ଼ା, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଷ୍ଟେସନରେ ପୋଲିଂ ଟିମ ନିଜ ନିଜ ସ୍ଥାନରେ ପହଞ୍ଚିସାରିଛନ୍ତି। ମତଦାନ ପ୍ରକ୍ରିୟାକୁ ସୁରୁଖୁରରେ ସମ୍ପନ୍ନ କରିବା ପାଇଁ ୧୫୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୨୩୧ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକ ନୂଆପଡ଼ା ଏବଂ କୋମନା, ଦୁଇଟି ଏନ୍ଏସି ଖରିଆରରୋଡ ଏବଂ ନୂଆପଡାରେ ଭୋଟ ଗ୍ରହଣ ହେବ। ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ। ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ▶ପୃଷ୍ଠା-୭

## ୨୭ରୁ ବିଧାନସଭା ଶୀତ ଅଧିବେଶନ

# ସମ୍ବୋଧିତ କରିବେ ରାଷ୍ଟ୍ରପତି



**୨୯ଟି କାର୍ଯ୍ୟଦିବସ**

**୨୮ରେ ଅତିରିକ୍ତ ବଜେଟ ଉପସ୍ଥାପନ**


■ **ଭୁବନେଶ୍ୱର, ୧୦।୧୧ (ସମିସ):** ଆସନ୍ତା ୨୭ ତାରିଖରୁ ସପ୍ତଦଶ ବିଧାନସଭାର ପଞ୍ଚମ ଅର୍ଥାତ୍ ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ କାର୍ଯ୍ୟସାରଣୀ ପ୍ରକାଶ ପାଇଛି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିବେ। ▶ପୃଷ୍ଠା-୭

## ସିଇସିଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ

# ନିରବ ଅବଧିରେ ଆଚରଣ ବିଧି ଉଲ୍ଲଘଂନ

**ବିଶ୍ୱସନୀୟତା ରକ୍ଷା ପାଇଁ ନିଅନ୍ତୁ ତୁରନ୍ତ ପଦକ୍ଷେପ**

**କଡ଼ାକଡ଼ି ଲାଗୁ ହେଉ ୩୬ ଘଣ୍ଟାର ନିରବ ଅବଧି**



■ **ଭୁବନେଶ୍ୱର, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଘଂନ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୋଟଗ୍ରହଣର ୩୬ ଘଣ୍ଟା ପୂର୍ବରୁ ଧାର୍ଯ୍ୟ ସାଇଲେନ୍ସ ପିରିୟଡ (ନିରବ ଅବଧି)ରେ ଏପରି ଅନେକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି, ଯାହା ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଘଂନ କରୁଛି। ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଶାସକ ଦଳର ସ୍ୱାର୍ଥ ପୂରଣ ଦିଗରେ ପୂରା ଜୋରରେ ଲାଗିପଡ଼ିଛି। ମୁକ୍ତ ଓ ଅବାଧ ନିର୍ବାଚନ ▶ପୃଷ୍ଠା-୭

## ଅପମିଶ୍ରିତ ତିରୁପତି ଲଡ୍ଡୁ ମାମଲା: ବଡ଼ ସୂଚନା ଦେଲା ସିବିଆଇ

# ନକଲି ଘିଅ ଦେଇଥିଲା ଉତ୍ତରାଖଣ୍ଡ କମ୍ପାନୀ



**୬୮ ଲକ୍ଷ କେଜି ଘିଅ ବିକି ଆୟ କରିଥିଲା ୨୫୦ କୋଟି ଟଙ୍କା**

**ନକଲି ଥିଲା କମ୍ପାନୀର ସବୁ କାଗଜପତ୍ର**

**ଧରାପଡ଼ିବା ସତ୍ତ୍ୱେ ନୂଆ କମ୍ପାନୀ ଗଠନ କରି ଚାଲିଥିଲା ଯୋଗାଣ**

■ **ତିରୁପତି, ୧୦।୧୧ (ଏଜେନ୍ସି):** ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି)ରେ ଅପମିଶ୍ରିତ ପ୍ରସାଦ ମାମଲାକୁ ନେଇ ଚାଞ୍ଚଲ୍ୟକର ସୂଚନା ସାମ୍ନାକୁ ଆସିଛି। ମନ୍ଦିରକୁ ଘିଅ ଯୋଗାଣ କରୁଥିବା ଉତ୍ତରାଖଣ୍ଡ ଡାଏରୀ କମ୍ପାନୀର କଳାକାରନାମାର ଗୁମର ଖୋଲି ଯାଇଛି। ଏହି କମ୍ପାନୀ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେଜି ଅପମିଶ୍ରିତ ଘିଅ ମନ୍ଦିରକୁ ଯୋଗାଣ କରିଥିଲା। ଏହି ବାବଦରୁ ୨୫୦ କୋଟି ଟଙ୍କା ଲାଭ କରିଥିଲା। ସିବିଆଇ ଏବଂ ଆନ୍ଧ୍ର ପ୍ରଦେଶ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚରୁ ଏହା ଜଣାପଡ଼ିଛି।

ଯାଞ୍ଚ ରିପୋର୍ଟ ଅନୁଯାୟୀ ଏହି ଘିଅ ଯୋଗାଣ କରୁଥିବା ଡାଏରୀ କମ୍ପାନୀର ସବୁ କାଗଜପତ୍ର ନକଲି ଥିଲା। ଏହି କମ୍ପାନୀ କେବେ ବି କ୍ଷୀର ଏବଂ ▶ପୃଷ୍ଠା-୭

# ବିରାଦରୀ ପ୍ରୀତି: ବରିଷ୍ଠ ସୁରକ୍ଷିତ; କନିଷ୍ଠଙ୍କୁ ବଳି

**ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ପୁଲିସ ଏଡିଜିଙ୍କୁ କାହିଁକି ଅନୁକମ୍ପା**

**ରଥଯାତ୍ରା ମହାବିଭ୍ରାଟ**

**ଲୋକ ମଲେ ବାବୁଙ୍କର କି ଯାଏ?**

- ୫ ମେଗାପିକ୍ସଲ ପରିବର୍ତ୍ତେ କାହିଁକି ଲାଗିଲା ୨ ମେଗାପିକ୍ସଲ କ୍ୟାମେରା
- ୨୮୨ ବଦଳରେ ୧୭୦ଟି କ୍ୟାମେରା ଲଗାଇବା ପଛରେ କାହା ହାତ
- ସିସିଟିଭି ଲଗାଇବା ନିମନ୍ତେ ସମ୍ପୃକ୍ତ ଠିକା ସଂସ୍ଥାକୁ କାହିଁକି ବଞ୍ଚାଗଲା
- ଠିକା ସଂସ୍ଥା ବାଛିଥିବା ତତ୍କାଳୀନ ଏଡିଜି (ମୁଖ୍ୟାଳୟ)ଙ୍କ ଭୂମିକାକୁ ନେଇ ପ୍ରଶ୍ନ
- ୨୦ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟା ଅଧିକାରୀ କ'ଣ ଦୋଷମୁକ୍ତ
- ରିପୋର୍ଟରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ରହସ୍ୟମୟ ନିରବତା



■ **ଭୁବନେଶ୍ୱର, ୧୦।୧୧ (ସମିସ):** ଅପରେସନ ସିନ୍ଦୂର ପରେ ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଥିଲା ଦେଶର ସବୁଠାରୁ ବଡ଼ ଧାର୍ମିକ ଉତ୍ସବ। ରଥଯାତ୍ରାରେ ୧୫ ଲକ୍ଷ ଲୋକଙ୍କ ସମାଗମ ହେବା ଆକଳନ ହୋଇଥିଲା ଓ ଏହାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ ପରିଚାଳନା ପାଇଁ ସରକାର ଯୋଜନା କରିଥିଲେ। ତୁହାକୁ ତୁହା ବୈଠକ ବସିଲା, ସରକାର ଘନଘନ ବିବୃତି ଦେଲେ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଠାରୁ ଆରମ୍ଭ କରି ପୁଲିସ ଡ଼ିଜିଙ୍କ ପର୍ଯ୍ୟନ୍ତ ରଥଯାତ୍ରାକୁ ଐତିହାସିକ କରାଯିବ ବୋଲି ଘୋଷଣା କଲେ। ସତରେ ଚଳିତ ବର୍ଷ ରଥଯାତ୍ରା ଐତିହାସିକ ହେଲା। ରଥଯାତ୍ରା ଦିନ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଗଡ଼ିଲା ନାହିଁ। କେବଳ ବିଧି ଦୃଷ୍ଟିରୁ ରାତିରେ ଆଲୁଅ ଲଗାଇ କେଇ ହାତ ରଥ ଟଣାଗଲା। ରଥଯାତ୍ରାରେ ଠେଲାପେଲାରେ ଶହଶହ ଭକ୍ତ ଆହତ ହେଲେ; ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହେଲା। ସରକାର ଉନ୍ନୟନ କମିଶନରଙ୍କୁ ଘଟଣାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଲେ ଓ ତଦନ୍ତ ରିପୋର୍ଟ ଆଧାରରେ ୭ ଜଣ କନିଷ୍ଠ ପୁଲିସ କର୍ମଚାରୀଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ। ରଥଯାତ୍ରା ପରିଚାଳନା ପାଇଁ ▶ପୃଷ୍ଠା-୭

# ଦିଲ୍ଲୀ ବିସ୍ଫୋରଣ ପଛରେ କିଏ ?

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଆଜି ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ଭୟଙ୍କର ବିସ୍ଫୋରଣରେ ୮ ଜଣ ପ୍ରାଣ ହରାଇଥିବା ବେଳେ ଅନ୍ୟ ୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ନେସନାଲ ସିକୁରିଟି ଗାର୍ଡ, ନେସନାଲ ସିକୁରିଟି ଏଜେନସି, ଦିଲ୍ଲୀ ପୁଲିସ ଏବଂ ଫରେନସିକ୍ ସାଇନ୍ସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ବିସ୍ଫୋରଣ ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ବିସ୍ଫୋରଣ ପଛରେ କିଏ, ତାହା ମଧ୍ୟ ଜଣାପଡ଼ି ନାହିଁ। ତେବେ ଯେଉଁ କାରରେ ବିସ୍ଫୋରଣ ହୋଇଛି, ତାହାର ମାଲିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ମହମ୍ମଦ ସଲମାନ ନାମକ ଏହି ବ୍ୟକ୍ତି ଦୁଇ ବର୍ଷ ପୂର୍ବେ ଉକ୍ତ କାରକୁ ଓଖଲାର ଦେବେନ୍ଦ୍ର ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ପୁଣି ଦେବେନ୍ଦ୍ର ଏହି କାରକୁ ଅମ୍ବାଲାରେ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ସଲମାନଙ୍କ ଘର ହରିଆଣାର ଗୁରୁଗ୍ରାମ ହୋଇଥିବା ବେଳେ କାରର ନମ୍ବର ମଧ୍ୟ ହରିଆଣାରେ ପଞ୍ଜୀକରଣ ହୋଇଛି। ତେବେ ଏବେ ଯେଉଁ

## ■ କାର୍‌ର ପୁରୁଣା ମାଲିକ ଅଟକ
## ■ ଗିରଫ ଡାକ୍ତରଙ୍କୁ ପଚରାଉଚରା

ଲୋକର ନାମରେ ଏହି କାର ରହିଛି, ତାହାକୁ ପୁଲିସ ଖୋଜୁଛି। ଏହି ବିସ୍ଫୋରଣରେ ସେମାନଙ୍କର ସଂପୃକ୍ତି ରହିଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ଏହି କାରଟି ହେଉଛି ହୁଣ୍ଡାଇ ଆଇ-୨୦ କାର ଏବଂ ଏଥିରେ ତିନି ଚାରି ଜଣ ଲୋକ ବସିଥିଲେ ବୋଲି କୁହାଯାଉଛି। ପୁଲିସ ଏଅଧିକ କିଛି ସୂଚନା ଦେଉନାହିଁ।

ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଆକ୍ରମଣ ପାଇଁ ଯୋଜନା କରୁଥିବା ବେଳେ ଧରାପଡ଼ିଥିବା ୮ ଜଣ ବ୍ୟକ୍ତିଙ୍କୁ ପୁଲିସ ଏସଂପର୍କରେ ପଚରାଉଚରା କରୁଛି। ଆଜିର ବିସ୍ଫୋରଣ ସହିତ ସେମାନଙ୍କର ସଂପର୍କ ରହିଛି କି ନାହିଁ ତାହାର ଖୋଳତାଡ଼ କରଉଛି ପୁଲିସ। ଗିରଫ ୮ ଜଣଙ୍କ ମଧ୍ୟରୁ ୪ ଜଣ ଡାକ୍ତର ଥିବା ବେଳେ ୭ ଜଣ ହେଉଛନ୍ତି କଶ୍ମୀର ବାସିନ୍ଦା। ସେମାନେ ମଧ୍ୟ ଦିଲ୍ଲୀ ସମେତ ଉତ୍ତର ଭାରତରେ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ ବୋଲି ପୁଲିସ ଆଗରେ ବୟାନ ଦେଇଥିଲେ। ତେଣୁ ଆଜିର ବିସ୍ଫୋରଣ ପଛରେ ସେମାନଙ୍କ ଗୋଷ୍ଠୀର ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେଣୁ ସେମାନେ ଆଉ କାହା ସହିତ ସଂପର୍କରେ ଥିଲେ, ସେସଂପର୍କରେ ସୂଚନା ହାସଲ ଲାଗି ଆଜି ରାତି ତମାମ ସେମାନଙ୍କୁ ଜେରା କରାଯାଉଛି। ଇଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ପରେ ବିସ୍ଫୋରଣ ସ୍ଥଳକୁ ମଧ୍ୟ ଯାଇଥିଲେ।





● ଦିଲ୍ଲୀ ବିସ୍ଫୋରଣରରେ ନୂଆ ପାଟର୍ଣ୍ଣ

## ହୋଇନି ଖାଲ କି କଳା ପଡ଼ିନି ଆହତଙ୍କ ଶରୀର

ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣରେ ନୂଆ ପାଟର୍ଣ୍ଣ ସାମ୍‌ନାକୁ ଆସିଛି। ଯେଉଁ କାର୍‌ରେ ବିସ୍ଫୋରଣ ହୋଇଥିଲା, ସେଥିରେ ଆଉ କିଛି ଲୋକ ବସି ଥିଲେ। ତେବେ ଏହି ବିସ୍ଫୋରଣ ଯୋଗୁଁ ଘଟଣାସ୍ଥଳରେ କୌଣସି ଖାଲ ହୋଇ ନ ଥିଲା। ଆହତଙ୍କ ଶରୀରରେ କଣ୍ଟା କିମ୍ବା ତାର ପଶି ଯାଇ ନ ଥିଲା। ଆହତ ବ୍ୟକ୍ତିଙ୍କ ମୁହଁ କିମ୍ବା ଶରୀର କଳା ପଡ଼ି ନ ଥିଲା। ଦିଲ୍ଲୀ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହା ସାଧାରଣ ବିସ୍ଫୋରଣ ନ ଥିଲା। ଏହା ଏକ ବଡ଼ ବୋମା ବିସ୍ଫୋରଣ ଥିଲା। ୨୦୦ ମିଟର ପର୍ଯ୍ୟନ୍ତ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏହା ଏକ ବଡ଼ ଆତଙ୍କବାଦୀ ଘଟଣା ବୋଲି ଜଣାପଡୁଛି। ଏବେ ଯାଞ୍ଚ ଜାରି ରହିଛି। ଏବେ ବିସ୍ଫୋରଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ବିସ୍ଫୋରଣରେ କେଉଁ ବାରୁଦ ବ୍ୟବହାର କରାଯାଇଥିଲା? କାହିଁକି ବିସ୍ଫୋରଣ ପରେ ମୃତାହତଙ୍କ ଶୀରର କଳା ପଡ଼ି ନ ଥିଲା? କାର୍ ଭିତରେ କିଏ ବସି ଥିଲେ? ଜମ୍ମୁ-କଶ୍ମୀରରୁ ଜବତ ବିସ୍ଫୋରକ ସହ ଏହାର କୌଣସି ଲିଙ୍କ୍ ନାହିଁ ତ? ବିସ୍ଫୋରଣ ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ନାହିଁ ତ? ଏଭଳି ଅନେକ ପ୍ରଶ୍ନ ଉଠୁଛି।

## ଆତଙ୍କୀଙ୍କ ଟାର୍ଗେଟରେ ଦିଲ୍ଲୀ: ୧୯୯୬ରୁ ୨୦୨୫

୧୯୯୬ ମେ ୨୫: ଲାଜପତ ନଗରରେ ବିସ୍ଫୋରଣ, ୨୦ ମୃତ
୧୯୯୭ ନଭେମ୍ବର ୩୦; ଲାଲକିଲ୍ଲା ଅଞ୍ଚଳରେ ଟ୍ୱିନ୍ ବ୍ଲାଷ୍ଟ, ୩ ମୃତ
୧୯୯୭ ଡିସେମ୍ବର ୩୦: ପଞ୍ଜାବୀ ବାଗରେ ବସ୍ ବିସ୍ଫୋରଣ, ୪ମୃତ
୨୦୦୦ ଜନୁ ୧୮; ଲାଲକିଲ୍ଲାରେ ଦୁଇଟି ବିସ୍ଫୋରଣ, ୨ ମୃତ
୨୦୦୧ ଡିସେମ୍ବର: ପାର୍ଲାମେଣ୍ଟ ଉପରେ ଆକ୍ରମଣ, ୯ ସୁରକ୍ଷା କର୍ମୀ ସହିଦ
୨୦୦୫ ଅକ୍ଟୋବର ୨୯: ସରୋଜିନୀ ନଗର, ପାହାଡଗଞ୍ଜରେ ବିସ୍ଫୋରଣ, ୬୭ ମୃତ
୨୦୦୬ ଏପ୍ରିଲ ୧୪; ଜାମା ମସଜିଦ ପରିସରରେ ବିସ୍ଫୋରଣ, ୧୪ ଆହତ
୨୦୦୮ ସେପ୍ଟେମ୍ବର ୧୩; କାରୋଲ ବାଗ, କନଟ ପ୍ଲେସ, ଗ୍ରେଟର କୈଳାଶ-୧ରେ ସିରିଜ ବିସ୍ଫୋରଣ, ୩୦ ମୃତ
୨୦୧୧ ମେ ୨୫: ଦିଲ୍ଲୀ ହାଇକୋର୍ଟ ପାର୍କିଂ ଲଟ୍‌ରେ ବିସ୍ଫୋରଣ, ୧୫ ମୃତ
୨୦୨୫ ନଭେମ୍ବର ୧୦: ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ, ୮ ମୃତ



## ଭେଣ୍ଟିଲେଟରରେ ହି-ମ୍ୟାନ ଧର୍ମେନ୍ଦ୍ର

ମୁମ୍ବଇ, ୧୦।୧୧(ଏଜେନ୍ସି): ବର୍ଷୀଆନ ବଲିଉଡ ଅଭିନେତା ତଥା ହି-ମ୍ୟାନ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡିଛି। ମୁମ୍ବଇର ବ୍ରିଚ୍‌କାଣ୍ଡି ହସ୍ପିଟାଲ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଛି ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ନିଃଶ୍ୱାସ ନେବାରେ ସମସ୍ୟା ହେବା କାରଣରୁ ତାଙ୍କୁ ଗୋଟିଏ ସପ୍ତାହ ତଳେ ହସ୍ପିଟାଲ ନିଆଯାଇଥିଲା। ଆଗାମୀ ଡିସେମ୍ବର ୮ରେ ସେ ୯୦ ବର୍ଷରେ ପଦାର୍ପଣ କରିବେ। ପୂର୍ବରୁ ଏପ୍ରିଲ୍‌ରେ ତାଙ୍କର ଚକ୍ଷୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଧର୍ମେନ୍ଦ୍ର ହସ୍ପିଟାଲରେ ଅଛନ୍ତି। ତେବେ ଧର୍ମେନ୍ଦ୍ରଙ୍କୁ ଭେଣ୍ଟିଲିଟରରେ ରଖାଯାଇନାହିଁ ବୋଲି ତାଙ୍କ ଟିମ୍ ତରଫରୁ କୁହାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି। ସେ ଏକାଧିକ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିଛନ୍ତି। ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି କୁହାଯାଇଛି। ପୂରା ପରିବାର ତାଙ୍କ ସହ ଅଛନ୍ତି। ଦୁଇ ଝିଅଙ୍କୁ ମଧ୍ୟ ଆମେରିକାରୁ ଡକାଯାଇଛି। ୧୯୬୦ରେ ସେ 'ଦିଲ୍ ଭି ତେରା, ହମ୍ ଭି ତେରା' ସିନେମାରେ ସେ ବଲିଉଡ୍‌ରେ ପଦାର୍ପଣ କରିଥିଲେ। ୧୯୬୦ ଦଶକରେ ସେ ଅନପଢ଼, ବନ୍ଦିନୀ, ଅନୁପମା ଓ ଆୟା ସାବନ ଝୁମ୍‌କେରେ ଅଭିନୟ କରି ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ସୃଷ୍ଟି କରିଥିଲେ। ସେ ସୁପରହିଟ୍ ଚଳଚ୍ଚିତ୍ର ଶୋଲେ, ଧରମବୀର, ଚୁପ୍‌କେ ଚୁପ୍‌କେ, ମେରା ଗାଁଓ ମେରା ଦେଶ ଓ ଡ୍ରିମ ଗର୍ଲରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ଦୀର୍ଘ ୬ ଦଶନ୍ଧିର କ୍ୟାରିୟରରେ ସେ ମୋଟ ୩୦୦ଟି ସିନେମାରେ ଅଭିନୟ କରିଛନ୍ତି।

## ଫ୍ଲାଇଟ୍ ଜିପିଏସ୍‌ରେ ଟ୍ୟାମ୍ପରିଂ କରାଯାଇଥିଲା

ନୂଆଦିଲ୍ଲୀ, ୧୦।୧୧(ଏଜେନ୍ସି): ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ଦୁଇଦିନ ତଳେ ୮୦୦ରୁ ଊର୍ଦ୍ଧ୍ୱ ବିମାନ ଉଡାଣ ବାଧାପ୍ରସ୍ତ ହୋଇଥିଲା ଓ ଏଥିପାଇଁ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ଏବେ ଏହି ଘଟଣା ପଛର କାରଣ ସାମ୍ନାକୁ ଆସିଛି। ଜିପିଏସ୍ ଅର୍ଥାତ ଗ୍ଲୋବାଲ ପୋଜିସନିଂ ସିଷ୍ଟମର ସିଗନାଲ୍‌କୁ ଟ୍ୟାମ୍ପରି କରାଯାଇଥିଲା ବୋଲି ଯାଞ୍ଚ ଓ ବିଶେଷଜ୍ଞଙ୍କଠାରୁ ମିଳିଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ନଭେମ୍ବର ୬ ଓ ୭ରେ ସନ୍ଧ୍ୟା ୭ଟାରେ ବିମାନଗୁଡିକର ଜିପିଏସ୍‌ର ନକଲି ସିଗ୍‌ନାଲ ମିଳିଥିଲା। କକ୍‌ପିଟ୍‌ର ପର୍ଦ୍ଦାରେ ବିମାନର ପୋଜିସନିଂ ବଦଳି ଯାଇଥିଲା ଓ ନକଲି ଚିତ୍ର ଦେଖିବାକୁ ମିଳିଥିଲା। ଫଳରେ ଏହି ଅବସରରେ ରନୱେ ବଦଳରେ ଚାଷଜମି ଦେଖିବାକୁ ମିଳିଥିଲା। ସେହିପରି ବିମାନର ଉଚ୍ଚତା ନେଇ ଭ୍ରମ ସୃଷ୍ଟି ହୋଇଥିଲା। ଫଳରେ ବିମାନର ପାଇଲଟ୍ ଜିପିଏସ୍ ବେଷ୍ଟ ଅଟୋ ମେସେଜିଂ ବଦଳରେ ମାନୁଆଲ ପୋଜିସନକୁ ସ୍ଥାନାନ୍ତର ହୋଇଥିଲା। ନଭେମ୍ବର ୭ରେ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)ର ଅଟୋମେଟିକ ମେସେଜ ସୁଇଚ୍ ସିଷ୍ଟମ୍ (ଏଏମ୍ଏସ୍ଏସ୍)ରେ ବୈଷୟିକ ତ୍ରୁଟି ବିମାନଗୁଡିକର ଚଳାଚଳ ୧୨ ଘଣ୍ଟାଧରି ପ୍ରଭାବିତ ହୋଇଥିଲା। ୮୦୦ରୁ ଊର୍ଦ୍ଧ୍ୱ ଘରୋଇ ଓ ଅନ୍ତର୍ଜାତୀୟ ବିମାନର ଉଡାଣ ବିଳମ୍ବିତ ହୋଇଥିଲା। ଏପରିକି ୨୦ଟି ବିମାନର ଉଡାଣକୁ ବାତିଲ କରିବାକୁ ପଡ଼ିଥିଲା। ୪୮ ଘଣ୍ଟା ପରେ ଯାଇ ବିମାନବନ୍ଦରର ପରିଚାଳନା ସାଧାରଣ ହୋଇଥିଲା।

## ପାଟନାରେ ଛାତ ଭୁଶୁଡ଼ି ଗୋଟିଏ ପରିବାରର ୫ ମୃତ

ପାଟନା, ୧୦।୧୧(ଏଜେନ୍ସି): ବିହାର ରାଜଧାନୀ ପାଟନା ଉପକଣ୍ଠରେ ଥିବା ଦାନପୁରରେ ଘରର ଛାତ ଭୁଶୁଡିବା ଫଳରେ ଗୋଟିଏ ପରିବାର ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ରବିବାର ରାତି ୯ଟାରେ ମାନସ ନୟା ପାନାପୁର ଗାଁରେ ଏହି ଘଟଣା ଘଟିଛି। ଏହି ଗାଁ ପାଟନା ଓ ସାରଣ ସୀମରେ ଅବସ୍ଥିତ। ଛାତ ଭୁଶୁଡିବା ଫଳରେ ୩୫ ବର୍ଷୀୟ ମହମ୍ମଦ ବବଲୁ, ପତ୍ନୀ ୩୦ ବର୍ଷୀୟ ରୋଶନ ଖାତୁନ ଓ ତାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ପ୍ରାଣ ହରାଇଛନ୍ତି। ଭଙ୍ଗା ଛାତ ଓ କାନ୍ଥ ତଳେ ସମସ୍ତଙ୍କ ମୃତଦେହ ଫସି ରହିଛି। ଭଗ୍ନାବଶେଷ ତଳେ ପିଲାଙ୍କ ସ୍କୁଲ ବ୍ୟାଗ, କିଛି ପୋଷାକ ଓ ପଙ୍ଖା ଦେଖିବାକୁ ମିଳିଛି। କେତୋଟି ଇଟାରେ ରକ୍ତର ଛିଟା ମଧ୍ୟ ଦେଖାଯାଇଛି। ପାଖରେ ଏକ କଡେଇ, ଗ୍ୟାସ ଚୁଲା ଓ ଅନ୍ୟାନ୍ୟ ରୋଷେଇ ତଥା ଘରୋଇ ଉପକରଣ ପଡ଼ି ରହିଛି। ଛାତ ଭୁଶୁଡିବା ପରେ ଜୋରରେ ଶବ୍ଦ ଶୁଣି ଲୋକେ ଘରୁ ବାହରକୁ ଆସିଥିଲେ। ପୂରା ପରିବାର ରାତିରେ ଖାଇ ସାରିବା ପରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା ବୋଲି ପଡୋଶୀ କହିଛନ୍ତି। ଇନ୍ଦିରା ଆବାସ ଯୋଜନାରୁ ବବ୍‌ଲୁ ଏହି ଘର ତିଆରି କରିଥିଲେ। କିନ୍ତୁ ଏହି ଘର ପୁରଣା ହୋଇଯାଇଥିଲା ଓ ଅତି ବିପଦ ଶଙ୍କୁଳ ଅବସ୍ଥାରେ ଥିଲା। ଏହି ଘର ୩୦ ବର୍ଷର ପୁରୁଣା ଘର ଥିଲା। ଆରଜେଡି ନେତ୍ରୀ ତଥା ପାଟଳିପୁତ୍ର ସାଂସଦ ମିସା ଭାରତୀ ପୀଡିତ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।

## ସଂରକ୍ଷଣକୁ ନେଇ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଲୋକସଭା, ବିଧାନସଭା ନିର୍ବାଚନରେ ମହିଳା ସଂରକ୍ଷଣ ନିୟମ କାର୍ଯ୍ୟକାରୀ କରିବାକୁ ନେଇ ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାର ଉପରେ ଜବାବ ଦେବାକୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ମହିଳା ସଂରକ୍ଷଣ ଆଇନରେ ନିର୍ବାଚନରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାର ନିୟମ ରହିଛି।

ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ନାଗରତ୍ନା ବଡ଼ ଟିପ୍ପଣୀ ଦେଇଥିଲେ। ଦେଶରେ ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ ବୋଲି କହିଥିଲେ। ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି ଯେ ସମସ୍ତ ନାଗରିକ ରାଜନୈତିକ ଏବଂ ସାମାଜିକ ସମାନତା ପାଇବାକୁ ହକ୍‌ଦାର। ଏହି ଦେଶରେ ମହିଳା ସବୁଠାରୁ ବଡ଼ ସଂଖ୍ୟାଲଘୁ। ମହିଳା ସଂଖ୍ୟା ୪୮ ପ୍ରତିଶତ ରହିଛି। ତେବେ ଏହା ମହିଳାଙ୍କ ରାଜନୈତିକ କ୍ଷମତା ଆଧାରରେ ବୋଲି ଜଷ୍ଟିସ ନାଗରତ୍ନା ସ୍ପଷ୍ଟ କରିଥିଲେ। କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ଆବେଦନର ଶୁଣାଣି କରି ସେ ଏହି ଟିପ୍ପଣୀ ଦେଇଛନ୍ତି। ୨୦୨୪ରେ ଅଣାଯାଇଥିବା ମହିଳା ସଂରକ୍ଷଣ ନିୟମକୁ ତୁରନ୍ତ ଲାଗୁ କରିବାକୁ କଂଗ୍ରେସ ନେତ୍ରୀ ଏଥିରେ ଦାବି କରିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ସୋଫିଆ ଗୁପ୍ତା କହିଥିଲେ ଯେ ଦେଶ ସ୍ୱାଧୀନତାକୁ ୭ ଦଶନ୍ଧି ବିତି ଯାଇଥିଲେ ମଧ୍ୟ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଦୁର୍ଭାଗ୍ୟର ବିଷୟ। ଏହା ଉପରେ ଜଷ୍ଟିସ ନାଗରତ୍ନା କେନ୍ଦ୍ରକୁ ନୋଟିସ ଜାରି କରିବାକୁ କହିଥିଲେ ଏବଂ ପରିସୀମା ନିର୍ଦ୍ଧାରଣ କେବେ ହେବ ବୋଲି ଜବାବ ମାଗିଥିଲେ। ତେବେ ସେ ସ୍ପଷ୍ଟ କରିଥିଲେ ଯେ ଆଇନ କାର୍ଯ୍ୟକାରୀ କରିବା କାର୍ଯ୍ୟପାଳିକା ଉପରେ ନିର୍ଭର କରୁଛି। ଏ ନେଇ କୋର୍ଟ ମାଣ୍ଡାମସ ରୁଜୁ କରିପାରିବେ ନାହିଁ।



## ଆମେରିକାରେ ଶେଷ ହେବ ସଟ୍‌ଡାଉନ୍

ୱାସିଂଟନ, ୧୦।୧୧(ଏଜେନ୍ସି): ରେକର୍ଡ ୪୦ ଦିନ ହେବ ଆମେରିକାରେ ସଟ୍‌ଡାଉନ୍ ଜାରି ରହିଥିବା ବେଳେ ଏବେ ଏହା ଶେଷ ହେବା ନେଇ ଆଶା ସଞ୍ଚାର ହୋଇଛି। ରବିବାର ଆମେରିକାର ଉପର ଗୃହ ସିନେଟ୍‌ରେ ଫଣ୍ଡିଂ ବିଲ୍ ପାରିତ କରାଇବା ପ୍ରକ୍ରିୟା ଆଗକୁ ବଢ଼ିଛି। ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଫଣ୍ଡିଂ ଉପଲବ୍ଧ କରାଇବ। ଏହି ବିଲ୍ ଅନୁସାରେ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଛଟେଇ କରିବାରୁ ରୋକାଯିବ। ଏଥିସହ ସଟ୍‌ଡାଉନ୍ ଅବସରରେ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ବାକିଆ ପାଉଣା ପ୍ରଦାନ କରାଯିବ। ଏହି ବିଲ୍ ୬୦-୪୦ ଅନ୍ତରେ ପାରିତ ହୋଇଛି।

**'ଓବାମା କେୟାର' ଉପରେ ଭୋଟିଂ ପାଇଁ ଟ୍ରମ୍ପ ରାଜି**

ଏବେ ସିନେଟ ଏଥିରେ ସଂଶୋଧନ କରିବ। ଏହାପରେ ଏହି ପ୍ରସ୍ତାବ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ ଅର୍ଥାତ ନିମ୍ନ ଗୃହରେ ମଞ୍ଜୁରୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦସ୍ତଖତ ପାଇଁ ପଠାଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପାଇଁ ଏବେ ଆହୁରି କିଛି ଦିନ ଲାଗିବ। ସଟ୍‌ଡାଉନ୍ ଶେଷ କରିବା ପାଇଁ ରିପବ୍ଲିକାନ ପାର୍ଟି କେତେଜଣ ଡେମୋକ୍ରାଟ୍ ସିନେଟରଙ୍କୁ ଓବାମାକେୟାରର ସବ୍‌ସିଡ ବୃଦ୍ଧି କରିବା ପାଇଁ ଡିସେମ୍ବରରେ ଭୋଟିଂ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଇତିମଧ୍ୟରେ ସଟ୍‌ଡାଉନ୍ ଶେଷ ହେବା ଭଳି ମନେ ହେଉଥିବା ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକଙ୍କୁ କହିଛନ୍ତି। କିନ୍ତୁ ଓବାମା କେୟାର ସବ୍‌ସିଡ୍‌କୁ ହେଲଥ୍ ଇନସୁରାନ୍ସ କମ୍ପାନୀଗୁଡିକ ପାଇଁ ଲାଭଜନକ ଓ ଆମେରିକୀୟ ଲୋକଙ୍କ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ଲୋକଙ୍କ ସବ୍‌ସିଡ୍ ବଦଳରେ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ଇନସୁରାନ୍ସ କ୍ରୟ କରିବାକୁ ସୁବିଧା ଦିଆଯିବ ଆବଶ୍ୟକ। ଦୁଇ ପାର୍ଟି ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ରାଜି ଅଛି ବୋଲି ଟ୍ରମ୍ପ କହିଛନ୍ତି।

## ସନ୍ଦେହଜନକ ଅବସ୍ଥାରେ ମଡେଲଙ୍କ ମୃତ୍ୟୁ




ଭୋପାଳ, ୧୦।୧୧(ଏଜେନ୍ସି): ମଧ୍ୟପ୍ରଦେଶର ସେହୋର ଜିଲ୍ଲାର ଏକ ଘରୋଇ ହସ୍ପିଟାଲରେ ଖୁସ୍‌ବୁ ଅହିରୱାର ନାମକ ଜଣେ ୨୧ ବର୍ଷୀୟା ମଡେଲ ରହସ୍ୟଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ସୋମବାର ସକାଳେ ପୁରୁଷ ବନ୍ଧୁ ଏହି ହସ୍ପିଟାଲରେ ଛାଡି ତାଙ୍କୁ ଚାଲିଯାଇଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କୁ ମୃତ ଅବସ୍ଥାରେ ଅଣାଯାଇଥିବା ଡାକ୍ତରମାନେ କହିଛନ୍ତି। ମୃତ ବୋଲି ଜାଣିବା ପରେ ପୁଲିସକୁ ତୁରନ୍ତ ସୂଚନା ଦିଆଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନରେ ଖୁସ୍‌ବୁଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭୋପାଳର ଗାନ୍ଧୀ ମେଡିକାଲ କଲେଜକୁ ପଠାଇ ଦିଆଯାଇଛି। 'ଝିଅକୁ ମାରି ଦିଆଯାଇଛି ଓ ଦେହସାରା ନୀଳ ଚିହ୍ନ ରହିଛି। ତାର ମୁହଁ ମଧ୍ୟ ଫୁଲି ଯାଇଛି ଓ ଗୁପ୍ତାଙ୍ଗରେ ଆଘାତ ଲାଗିଛି। ଝିଅକୁ ନିର୍ମମ ଭାବେ ପିଟି ପିଟି ହତ୍ୟା କରାଯାଇଛି। ଆମେ ନ୍ୟାୟ ଚାହୁଁଛୁ। ଝିଅର ହତ୍ୟାକାରୀକୁ କଠୋର ଦଣ୍ଡ ଦିଆଯାଉ' ବୋଲି ଖୁସ୍‌ବୁଙ୍କ ମା' ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଖୁସ୍‌ବୁ ୨୭ ବର୍ଷୀୟ କାସିମଙ୍କ ସହ ଲିଭ୍ ଇନ୍‌ରେ ରହୁଥିଲେ ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ଉଜ୍ଜୈନରୁ ଭୋପାଳ ଫେରିବା ବାଟରେ ଖୁସ୍‌ବୁ ଅସୁସ୍ଥ ହୋଇପଡ଼ିଥିଲେ। କିନ୍ତୁ କାସିମ ହସ୍ପିଟାଲରେ ରହିବା ପରିବର୍ତ୍ତେ ତାଙ୍କୁ ଛାଡି ପଳାଇଥିଲେ ବୋଲି ପୁଲିସ କହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁ ଦିଗରୁ ତଦନ୍ତ କରାଯିବ ବୋଲି ପୁଲିସ କହିଛି। ନ୍ୟାୟ ପାଇଁ ଖୁସ୍‌ବୁଙ୍କ ଭଉଣୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ନିବେଦନ କରିଛନ୍ତି।

## ଭୟଙ୍କର ପ୍ରଦୂଷଣ; ଦିଲ୍ଲୀ ପ୍ରଶ୍ୱାସରେ ବିଷ

ନୂଆଦିଲ୍ଲୀ, ୧୦।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ଆହୁରି ଖରାପ ସ୍ତରରେ ପହଞ୍ଚିଛି। ଘନ କୁହୁଡି ଓ ତାପମାତ୍ର ହ୍ରାସ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଦିଲ୍ଲୀ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ପିଏମ୍ ୨.୫ ଓ ପିଏମ ୧୦ ଦୁଇଟିର ସ୍ତର ଅତି ଖରାପ ହୋଇଯାଇଛି। ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେବାକୁ ଲୋକେ ବାଧ୍ୟ ହେଉଛନ୍ତି। ଏଥିସହ (ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ)ଜିଆରଏପି-୨ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଛି। ଦୀପାବଳି ପରେ ଦିଲ୍ଲୀରେ ପ୍ରଦୁଷଣ ଆହୁରି ଖରାପ ସ୍ଥିତିରେ ପହଞ୍ଚିଛି। ଏହି ସମସ୍ୟାର ସମାଧାନ ପାଇଁ ଇଣ୍ଡିଆ ଗେଟ୍ ନିକଟରେ ପିଲାମାନଙ୍କ ସହ ସେମାନଙ୍କ ପିତାମାତା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣକୁ ଆଣିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏମାନେ ଦାବି କରିଛନ୍ତି। ବିନା ଅନୁମତିରେ ଇଣ୍ଡିଆ ଗେଟ୍ ନିକଟରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିବାରୁ କେତେଜଣଙ୍କୁ ଅଟକ ରଖାଯାଇଛି ବୋଲି ଦିଲ୍ଲୀ ପୁଲିସ କହିଛି। କେବଳ ଜନ୍ତରମନ୍ତରରେ ଆନ୍ଦୋଳନ ତଥା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଅନୁମତି ଦିଆଯାଇଛି। ତେବେ ନିୟମ ଅନୁସାରେ ଏଥିପାଇଁ ଅନୁମତିର ଆବଶ୍ୟକତା ଅଛି ବୋଲି ପୁଲିସ କହିଛି। ସୋମବାର ସକାଳ ୭ଟାରେ ଦିଲ୍ଲୀ ଏକ୍ୟୁଆଇ ୩୫୪ ଥିଲା। ଏହା ଅତ୍ୟନ୍ତ ଖରାପ ବର୍ଗରେ ରହିଥିବା ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) କହିଛି। ଏହା ରବିବାର ୩୯୦ ଥିଲା।

ଅନ୍ୟ ସ୍ଥାନଗୁଡିକରେ ଏକ୍ୟୁଆଇ ଆହୁରି ଖରାପ ରହିଛି। ଏକ୍ୟୁଆଇ ଆନନ୍ଦ ବିହାରରେ ୩୭୯, ଦିଲ୍ଲୀ ଆଇଟିଓରେ ୩୭୬, ଚାନ୍ଦିନୀ ଚୌକରେ ୩୬୦, ଅଖଲା ଫେଜ-୨ରେ ୩୪୮, ଜବାହରଲାଲ ନେହେରୁ ଷ୍ଟାଡିୟମରେ ୩୧୬ ଓ ଇନ୍ଦିରାଗାନ୍ଧୀ ବିମାନ ବନ୍ଦର ଟର୍ମିନାଲ-୩ରେ ୩୦୫ ରହିଛି। ସେହିପରି ନୋଏଡାରେ ଏକ୍ୟୁଆଇ ୩୪୨, ସେକ୍ଟର-୧ରେ ୩୨୫ ଓ ସେକ୍ଟର ୧୧୬ରେ ୩୩୯, ଗ୍ରେଟର ନୋଏଡା ନଲେଜ ପାର୍କ-୩ ଓ ୫ରେ ଯଥାକ୍ରମେ ୩୧୬ ଓ ୩୧୪ ରହିଛି। ଅନ୍ୟପଟେ ଗୁରୁଗ୍ରାମ ସେକ୍ଟର ୫୧ରେ ଏକ୍ୟୁଆଇ ୩୨୭ ରହିଛି। ସେହିପରି ଫରିଦାବାଦ୍‌ର ନ୍ୟୁ ଇଣ୍ଡଷ୍ଟ୍ରିଆଲ ଟାଉନ୍ ଓ ସେକ୍ଟର ୧୧ରେ ଏକ୍ୟୁଆଇ ଯଥାକ୍ରମେ ୨୩୦ ଓ ୨୩୮ ରହିଛି। ରବିବାର ଦିଲ୍ଲୀ ସର୍ବାଧିକ ତାପମାତ୍ରା ୨୮.୧ ଓ ସର୍ବନିମ୍ନ ୧୧.୭ ରହିଥିଲା ଏବଂ ଏହା ସାଧାରଣ ତାପମାତ୍ରାଠାରୁ ଯଥେଷ୍ଟ କମ୍ ରହିଥିଲା।



ଭିଏନାର ସ୍ୱଚ୍ଛ ଆକାଶ (ବାମ) ଏବଂ ଦିଲ୍ଲୀର ପ୍ରଦୂଷିତ ଆକାଶ (ଡାହାଣ)ର ଦୃଶ୍ୟ। ଭିଏନାରୁ ଦିଲ୍ଲୀ ଆସିଥିବା ଏକ ବିମାନରୁ ଜଣେ ଯାତ୍ରୀ ଏହି ଫଟୋ ଉତ୍ତୋଳନ କରିଛନ୍ତି।

# ବିଜେପି ନେତାଙ୍କୁ ସାତ୍‌ଖୁଣ ମାଫ୍

## ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ବିଜେଡି-କଂଗ୍ରେସ

■ ନୂଆପଡ଼ାରେ ବୁଲୁଛନ୍ତି ଗଣ୍ଡାଗଣ୍ଡା ବିଜେପି ନେତା
■ ସୋସିଆଲ୍ ମିଡିଆରେ ଭାଇରାଲ ଟଙ୍କା ବଣ୍ଟା ଭିଡିଓ
■ ନୂଆପଡ଼ା ଥାନା ସମ୍ମୁଖରେ ବିଜେଡି କର୍ମୀଙ୍କ ଧାରଣା

ନୂଆପଡ଼ା/ଭୁବନେଶ୍ୱର,୧୦।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ୍ ପଡ଼ିବାକୁ ଆଉ କେଇ ଘଣ୍ଟା ବାକି ରହିଛି। ସୋମବାରଠାରୁ ନୂଆପଡ଼ାରେ ନିରବ ଅବଧି ଆରମ୍ଭ ହେବା ସହ ବାହାର ନେତାଙ୍କୁ ଜିଲ୍ଲା ଛାଡ଼ିଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ନୂଆପଡ଼ାରେ ସ୍ଥିତି ଠିକ ବିପରୀତ। ଏ ସଂକ୍ରାନ୍ତରେ ନିର୍ବାଚନ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଉଭୟ ବିଜେଡି ଓ କଂଗ୍ରେସ। ସୋମବାର ବିଜେଡି ଏକାଧିକ ଥର ସିଇଓଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ କରିଥିବା ବେଳେ ପିସିସି ସଭାପତି ଭକ୍ତ ଚରଣ ଦାସ ନିଜର ସୋସିଆଲ୍ ମିଡିଆ ଆକାଉଣ୍ଟ ଜରିଆରେ ସରକାରୀ ଦଳ ଦ୍ୱାରା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ନେଇ ଆପତ୍ତି ଉଠାଇ ଚାଲିଛନ୍ତି। ଏସବୁ ଅଭିଯୋଗ ସତ୍ତ୍ୱେ ସିଇଓଙ୍କ ପକ୍ଷରୁ ସେଭଳି କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ କରାଯାଇ ନାହିଁ ବୋଲି ଅଭିଯୋଗ କରି ବିଜେଡି ଓ କଂଗ୍ରେସ ଭାରତ ନିର୍ବାଚନ ଆୟୋଗଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ନିରବ ଅବଧି ମଧ୍ୟରେ ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି ପାଳନ ହୋଇଥାଏ। ଏହି ସମୟରେ ବାହାର ଜିଲ୍ଲାର ନେତାଙ୍କୁ ସେଠାରେ ରହଣି ଅନୁମତି ନ ଥିବା ସତ୍ତ୍ୱେ ଅତାବିରା ବିଜେପି ବିଧାୟକ ନିହାର ମହାନନ୍ଦ ଜିଲ୍ଲାରେ ଭୋଟରଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ ହୋଇଛି। ତାଙ୍କ ଗାଡ଼ି ନୂଆପଡ଼ାରେ ଥିବା ନେଇ ମଧ୍ୟ ଏକ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ ହୋଇଛି। ଏହାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ୍ସରେ ପ୍ରଶ୍ନ ଉଠାଇବା ସହିତ ମୁଖ୍ୟ ନିର୍ବାଚନ ଅଧିକାରୀ କଂଗ୍ରେସ କାର୍ଯ୍ୟାଳୟରେ ରେଡ୍ କରିପାରୁଛନ୍ତି ହେଲେ ଏହା କଣ ତାଙ୍କ ଆଖିକୁ ଦିଶୁନାହିଁ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତିଙ୍କ ନେମ୍‌ପ୍ଲେଟ୍ ଲାଗିଥିବା ଗାଡ଼ିକୁ ମଧ୍ୟ ସେଠାରେ ସ୍ଥାନୀୟ ଲୋକେ ଅଟକ ରଖିବା ସହ ବିଜେପି ପକ୍ଷରୁ ସେ ଭୋଟରଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ କରିଛନ୍ତି। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ପୁନଶ୍ଚ ନୂଆପଡ଼ାରେ ବିଜେପି ନେତା ଟଙ୍କା ବାଣ୍ଟୁଥିବା, ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନିରବ ଅବଧିରେ ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରି ଭୋଟ୍ ଭିକ୍ଷା କରୁଥିବାରୁ ଭିଡ଼ିଓ ଭାଇରାଲ ହୋଇଛି। ଏଭଳି ଅଭିଯୋଗ ଆସୁଥିଲେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ରାଜନୈତିକ ଦଳଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପଟେ ସରକାରୀ ଦଳର ନେତା ଓ କର୍ମୀଙ୍କ ଏଭଳି କାଣ୍ଡକୁ ବିଜେଡି କର୍ମୀ ବିରୋଧ କରିବା ସହ ଅନେକ ସ୍ଥାନରେ ପ୍ରତିବାଦ କରିଛନ୍ତି। ପରିଣାମ ସ୍ୱରୂପ କିଛି ବିଜେଡି କର୍ମୀଙ୍କୁ ପୁଲିସ ଗିରଫ ମଧ୍ୟ କରିଥିବା ଅଭିଯୋଗ ହୋଇଛି। ଏହାକୁ ଆଧାର କରି ନୂଆପଡ଼ା ବିଜେଡି ଜିଲ୍ଲାସଭାପତି ଓ ବିଜେଡି ପ୍ରାର୍ଥୀ ନୂଆପଡ଼ାର ଏକ ଥାନାରେ ଆଜି ଧାରଣାରେ ମଧ୍ୟ ବସିଥିଲେ। ଏହାକୁ ନେଇ ବିଜେଡି ରାଜଧାନୀରେ ସାମ୍ବାଦିକ ସମ୍ମିଳନୀ କରି ଗର୍ଜିଥିବା ବେଳେ କଂଗ୍ରେସ ମଧ୍ୟ ବିଭିନ୍ନ ମାଧ୍ୟମରେ ଏଭଳି ଘଟଣାକୁ ନେଇ ଆପତ୍ତି ଉଠାଉଛି।

## ଦିଲ୍ଲୀରେ ବିସ୍ଫୋରଣ
# ପୁରୀ, ସମ୍ବଲପୁରରେ ହାଇଆଲର୍ଟ

ଭୁବନେଶ୍ୱର, ୧୦।୧୧(ସମିସ): ନୂଆଦିଲ୍ଲୀର ଲାଲକିଲାରେ କାର୍ ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ହେବା ପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ହାଇଆଲର୍ଟ ଜାରି ହୋଇଛି। ବିଶେଷକରି ପୁରୀ ଓ ସମ୍ବଲପୁରକୁ ହାଇଆଲର୍ଟରେ ରଖାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱର ସମେତ ପ୍ରାୟ ସବୁ ସହରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ବନ୍ଦର ସହର ଗୋପାଳପୁର ଏବଂ ପାରାଦୀପରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ରାଉରକେଲା, ସୁନ୍ଦରଗଡ଼, ବ୍ରହ୍ମପୁର ସମେତ ବିଭିନ୍ନ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ସଂଧ୍ୟାରେ କମିସନରେଟ୍ ପୁଲିସ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ପୁଲିସ ଅଧିକାରୀମାନେ ସାମିଲ ହୋଇ ଆଲୋଚନା କରିଛନ୍ତି। ଗୁଇନ୍ଦା ବ୍ୟବସ୍ଥାକୁ ବଢ଼ାଇବା ସହ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ଚେକିଂ, ବ୍ଲକିଂ କରିବାକୁ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ, ଭୁବନେଶ୍ୱରର ବିଭିନ୍ନ ଛକରେ ପୁଲିସ ପକ୍ଷରୁ କଡ଼ାକଡ଼ି ଚେକିଂ କରାଯାଉଛି। ଗାଡ଼ିଗୁଡ଼ିକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ସେହିପରି ଭୁବନେଶ୍ୱର ବିମାନବନ୍ଦର, ରେଳଷ୍ଟେସନ୍, ପ୍ରବେଶପଥ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଯାଇଛି। ଥାନାସ୍ତରରେ ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଗୋଟିଏ ହୋଟେଲରୁ ଅନ୍ୟ ହୋଟେଲକୁ ବୁଲିବୁଲି ଅତିଥିଙ୍କୁ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ରୁମ୍ ଯାଞ୍ଚ କରୁଛି।



■ ମା' ସମଲେଇ ମନ୍ଦିର ଓ ହୀରାକୁଦର ସୁରକ୍ଷା ବଢ଼ିଲା
■ ବହୁ ସହରରେ ସୁରକ୍ଷା ବ୍ୟବସ୍ଥା ବଢ଼ିଲା
■ ବଢ଼ିଲା ଚେକିଂ, ବ୍ଲକିଂ; ହୋଟେଲ ଯାଞ୍ଚକୁ ଗୁରୁତ୍ୱ

ସମ୍ବଲପୁରର ସମଲେଇ ମନ୍ଦିର ଏବଂ ହୀରାକୁଦ ଡ୍ୟାମ୍‌ର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏହାସହ ରାଉରକେଲାର ବିଭିନ୍ନ ହୋଟେଲରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ନୂଆପଡ଼ା ଉପନିର୍ବାଚନ
# ମାଓ ଅଞ୍ଚଳକୁ ହେଲିକପ୍ଟରରେ ଗଲେ ପୋଲିଂ ଦଳ


ନୂଆପଡ଼ା,୧୦।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ ହେବ। ଜିଲ୍ଲାରେ ମୋଟ ୩୫୮ଟି ବୁଥ୍‌ରେ ଭୋଟଗ୍ରହଣ କରାଯାଉଥିବାବେଳେ ଏଥିରୁ ୪୭ଟି ମାଓବାଦୀ ପ୍ରଭାବିତ ବୁଥ୍ ରହିଥିବା ତଥ୍ୟ ରହିଛି। ତନ୍ମଧ୍ୟରୁ ୮ଟି ବୁଥ ଦୁର୍ଗମ ଅଞ୍ଚଳରେ ଥିବା ଯଥା ୩୨୦ନମ୍ବର ବୁଥ୍ ସୋସେଙ୍ଗ ସେବାଶ୍ରମ, ସୋସେଙ୍ଗ-୨, ଦେଓସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାବେଡା -୧, ସୁନାବେଡା ସେବାଶ୍ରମ ୧(କ), ଜାମଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗାତିବେଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ- ୧, ଗାତିବେଡା ୨ ପାଇଁ ହେଲିକପ୍ଟର ଯୋଗେ ପୋଲିଂ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିଆଯାଇଛି।



### ୧୫୮୪ ପୋଲିଂ କର୍ମଚାରୀ, ୧୨୩୧ ପୁଲିସ ନିୟୋଜିତ

ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଷ୍ଟେସନରେ ପୋଲିଂ ଟିମ ନିଜ ନିଜ ସ୍ଥାନରେ ପହଞ୍ଚିସାରିଛନ୍ତି। ମତଦାନ ପ୍ରକ୍ରିୟାକୁ ସୁରୁଖୁରରେ ସମ୍ପନ୍ନ କରିବା ପାଇଁ ୧୫୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୨୩୧ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକ ନୂଆପଡ଼ା ଏବଂ କୋମନା, ଦୁଇଟି ଏନ୍‌ଏସି ଖରିଆରରୋଡ ଏବଂ ନୂଆପଡାରେ ଭୋଟ ଗ୍ରହଣ ହେବ। ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ। ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ଭୋଟର ଥିବାବେଳେ ୧ଲକ୍ଷ ୨୯ ହଜାର ୯୩୨ଜଣ ମହିଳା ଭୋଟର ଏବଂ ୨୧ଜଣ ତୃତୀୟଲିଙ୍ଗୀ ମତଦାତା ନିଜର ମତଦାନ କରିବାକୁ ଯାଉଛନ୍ତି। ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ନିରପେକ୍ଷ କରିବାକୁ ବ୍ୟାପକ ପୁଲିସ ବଳ ନିୟୋଜିତ କରାଯାଇଛି। ଏଥିରେ ମୋଟ୍ ୧୨୩୧ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜଣେ ଏସ୍‌ପି, ଏଏସ୍‌ପି, ୬ଜଣ ଡିଏସପି, ୯ଜଣ ଇନ୍ସପେକ୍ଟର, ୩୭ଜଣ ହାବିଲଦାର, ୧୨୩ଜଣ ଓଆର କନଷ୍ଟେବଲ, ୪୧ଜଣ ଏପିଆର କନ୍‌ଷ୍ଟେବଲ, ୩୭ଜଣ ଓଏପିଏଫ, ୫୭ଜଣ ହୋମଗାର୍ଡ ନିୟୋଜିତ ରହିଥିବା ଏକ ସୂତ୍ରରୁ ପ୍ରକାଶ। ଏହାବ୍ୟତୀତ ୧୪ କମ୍ପାନୀ ସିଏପିଫ, ୬ ପ୍ଲାଟୁନ ୨ସେକ୍ସନ ଏସପି ନିୟୋଜିତ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ଭୁବନେଶ୍ୱରରେ ହେବ 'ଫିଲ୍ମ ଆର୍କାଇଭସ୍'




■ ଆସିବେ ୱାହିଦା ରହେମାନ, ଆଭାସୀରେ ଯୋଗ ଦେବେ ଅମିତାଭ୍
■ ପୁରୁଣା ସିନେମାର ସଂରକ୍ଷଣ ପାଇଁ ପ୍ରଥମ ଥର ଅନ୍ତର୍ଜାତୀୟ କର୍ମଶାଳା

ଭୁବନେଶ୍ୱର,୧୦।୧୧(ସମିସ): ପୁଣିଥରେ ପୁରୁଣା ଓଡ଼ିଆ ସିନେମା ଦେଖିବାକୁ ପାଇବେ ଦର୍ଶକ। ନଷ୍ଟ ହୋଇଯାଇଥିବା ବହୁ ବର୍ଷର ସିନେମାଗୁଡ଼ିକ ପୁନଃସ୍ଥାପନ କରାଯିବ। ଓଡ଼ିଆ ସିନେମାର ଅନେକ ଚିର ସବୁଜ ସ୍ମୃତିକୁ ସାଇତି ରଖାଯିବାକୁ ପୁରୁଣା ଫିଲ୍ମ ଗୁଡ଼ିକର ରିଷ୍ଟୋରେସନ୍ ଏବଂ ପ୍ରିଜର୍ଭେସନ୍ ପାଇଁ ରାଜ୍ୟରେ ପ୍ରତିଷ୍ଠା ହେବ ଫିଲ୍ମ ଆରକାଇଭସ୍ ବା ଅଭିଲେଖାଗାର। ଏଥିପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍, ଟାଟା ଟ୍ରଷ୍ଟ ଏବଂ ଇଣ୍ଟରନେସନାଲ ଫେଡେରେସନ ଅଫ ଫିଲ୍ମ ଆର୍କାଇଭ ସହ ଓଡିଶା ସରକାରଙ୍କର ସହ ଆସନ୍ତା ୧୯ ତାରିଖରେ ଏକ ବୁଝାମଣା ହେବ। ଏହି ଐତିହାସିକ ଚୁକ୍ତି ଦ୍ୱାରା ଓଡିଶା ସଂସ୍କୃତିର ଦର୍ପଣ ସାଜିଥିବା ଓଡ଼ିଆ ସିନେମାର ଅନେକ ଚିରସବୁଜ ସିନେମାର ଇତିହାସକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିହେବ। ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱର୍ଣ୍ଣିମ ଇତିହାସକୁ ପୁନର୍ଜୀବିତ କରିବା ପାଇଁ ଚଳିତ ମାସ ୧୨ ରୁ ୧୯ ତାରିଖ ଯାଏ ଅନୁଷ୍ଠିତ ହେବ 'ଫିଲ୍ମ ପ୍ରିଜର୍ଭସନ ଆଣ୍ଡ ରେଷ୍ଟୋରେସନ ୱାର୍କସପ ଇଣ୍ଡିଆ ୨୦୨୫'। ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ବିଭାଗ, ବୟନ ଓ ହସ୍ତତନ୍ତ ବିଭାଗ ସହଯୋଗରେ ପ୍ରଥମ ପାଇଁ ଭାରତୀୟ ଚଳଚ୍ଚିତ୍ର ଐତିହ୍ୟ ସଂରକ୍ଷଣର ଏହି କର୍ମଶାଳା ଓଡ଼ିଶାରେ ଆୟୋଜିତ ହେବ।

ପୋଖରୀପୁଟ ସ୍ଥିତ କ୍ରାଫ୍ଟ ମ୍ୟୁଜିୟମ୍ କଳାଭୂମିଠାରେ ଏହି ଅନ୍ତର୍ଜାତୀୟ କର୍ମଶାଳାରେ ଦାଦା ସାହେବ ଫାଲକେ ପୁରସ୍କାର ବିଜେୟିନୀ ବିଶିଷ୍ଟ ଅଭିନେତ୍ରୀ ୱାହିଦା ରେହମାନ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ସେହିପରି ବରିଷ୍ଠ ବଲିଉଡ୍ ଅଭିନେତା ତଥା ଫିଲ୍ମ ହେରିଟେଜ ଫାଉଣ୍ଡେସନର ବ୍ରାଣ୍ଡ ଆମ୍ବାସଡର ଅମିତାଭ ବଚ୍ଚନ ଭିଡିଓ କନଫରେନସିଂ ମାଧ୍ୟମରେ ଉପସ୍ଥିତ ରହିବେ। କର୍ମଶାଳାରେ ବିଭିନ୍ନ ଦେଶର ଫିଲ୍ମ ଏକ୍ସପର୍ଟ, ଟେକ୍ନିସିଆନ୍ସ, ରେଷ୍ଟୋରେଟରମାନେ ଅଂଶଗ୍ରହଣ କରି ନଷ୍ଟ ହୋଇଯାଇଥିବା ସାଉଣ୍ଡ, ଫଟୋ, ରିଲ୍ସ ଆଦିରୁ ପୁଣିଥରେ କିପରି ସିନେମାକୁ ସଂରକ୍ଷଣ କରାଯିବ ସେ ସଂକ୍ରାନ୍ତରେ ପ୍ରଶିକ୍ଷଣ ଦେବେ। ଏହି ଅବସରରେ ଓଡ଼ିଆ ସିନେମା ବିକାଶ ଦିଗରେ କାର୍ଯ୍ୟକରୁଥିବା ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟଦେଓଙ୍କୁ 'ଚମ୍ପିଆନ୍ସ ଅଫ ଫିଲ୍ମ ହେରିଟେଜ ସମ୍ମାନ'ରେ ସମ୍ମାନିତ କରାଯିବ। ପୁନଃସ୍ଥାପିତ ହୋଇଥିବା ନିରୋଦ ମହାପାତ୍ରଙ୍କର 'ମାୟା ମିରିଗ' (୧୯୮୪) ଓ ଘନଶ୍ୟାମ ମହାପାତ୍ରଙ୍କର 'କନକଲତା'(୧୯୭୪) ସିନେମା ନଭେମ୍ବର ୧୩ ଓ ୧୭ ତାରିଖ ସନ୍ଧ୍ୟା ୬ଟା୩୦ରେ ସ୍ଥାନୀୟ କେଶରୀ ହଲରେ ପ୍ରଦର୍ଶିତ କରାଯିବ। ଦର୍ଶକମାନେ ଏହି ଫିଲ୍ମକୁ ନିଃଶୁଳ୍କ ଦେଖିପାରିବେ।

■ ବେଆଇନ ମାଛ ଧରା
# ଆନ୍ଧ୍ରପ୍ରଦେଶର ଦୁଇ ଡଙ୍ଗା ଜବତ



ଛତ୍ରପୁର,୧୦।୧୧(ସମିସ): ଆର୍ଯ୍ୟପଲ୍ଲୀ ସମୁଦ୍ରକୁ ବେଆଇନ ଭାବେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଅଧିକାଂଶ ସମୟରେ ବଡ଼ ବଡ଼ ଡଙ୍ଗା ଓ ଟ୍ରଲର ଆସି ଏଠାରେ ଜାଲରେ ମାଛ ମାରୁଥିବା ନେଇ ସ୍ଥାନୀୟ ମତ୍ସ୍ୟଜୀବୀ ମାନେ ବହୁବାର ଅଭିଯୋଗ କରିଆସୁଥିଲେ। ସୋମବାର କିଛି ବଡ ବଡ ଡ଼ଙ୍ଗା କାକିନାଡା ଓ ବିଶାଖାପଟନମରୁ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ମାଛ ମାରୁଥିବା ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ଜାଣିପାରି ଦୁଇଟି ଡଙ୍ଗାକୁ ଜବତ କରି ଜେଟି ନିକଟକୁ ଆଣିଥିଲା। ସୀମା ପାର କରି ବେନିୟମ ଭାବେ ମାଛ ମାରୁଥିବାରୁ ସେମାନଙ୍କ ମତ୍ସ୍ୟଜୀବୀ ମାନଙ୍କୁ ବିଭାଗ ପକ୍ଷରୁ ତାଗିଦ କରାଯାଇଥିଲା। ପରେ ଦୁଇ ଡଙ୍ଗାକୁ ଛଡାଯାଇଥିଲା। ଯେପରି ଏହାର ପୁନାରୁବୃତ୍ତି ନହେବ ସେଥିପ୍ରତି ଧ୍ୟାନ ଦେବାକୁ ସେମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଯଦି ପୁଣି ବେନିୟମ ଭାବେ ଏଠାକୁ ଆସି ମାଛ ଧରିବ ସେମାନଙ୍କ ଡଙ୍ଗାକୁ ଜବତ କରାଯିବ ବୋଲି ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କୁହାଯାଇଛି। ଏପରିକି ମେ ୩୧ ପର୍ଯ୍ୟନ୍ତ ଆର୍ଯ୍ୟପଲ୍ଲୀ ଠାରୁ ପ୍ରୟାଗି ଯାଏଁ ନୋ ଫିସିଂ ଜୋନ ରହିଛି। ବେନିୟମ ଭାବେ ଆନ୍ଧ୍ରରୁ ବଡ ବଡ ଡଙ୍ଗା ଓ ଟ୍ରଲର ଆସି ବଡ ବଡ ଜାଲରେ ବେନିୟମ ଭାବେ ମାଛ ଧରି ନେଇଯାଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବିଙ୍କ ଛୋଟ ଡଙ୍ଗା ଓ ଜାଲ ଥିବାରୁ ସେମାନଙ୍କ ଜାଲରେ ମାଛ ସଂଖ୍ୟା କମିଯାଉଥିଲା ଏନେଇ ସେମାନେ ବହୁବାର ଅଭିଯୋଗ କରିଆସୁଥିଲେ।

## ବିଜେଡିର ଅଭିଯୋଗ
# ଆଦର୍ଶ ଆଚରଣବିଧି କେବଳ ବିରୋଧୀ ଦଳଙ୍କ ପାଇଁ ଲାଗୁ ହୋଇଛି



■ ସମ୍ବେଦନଶୀଳ ବୁଥ୍‌ର ଇଭିଏମ୍ ବ୍ୟବହାର ପାଇଁ ଉଦ୍ୟମ ହେଉଛି
■ ଶାସକ ଦଳ ସରକାରୀ କଳର ଅପବ୍ୟବହାର କରୁଛି: ବିଜେଡି

ଭୁବନେଶ୍ୱର,୧୦।୧୧(ସମିସ): ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଛି ବିଜେଡି। ଏହାସହ ଉପରୋକ୍ତ ବୁଥ୍‌ଗୁଡିକରେ ନିଆଯାଇଥିବା ଇଭିଏମ୍‌ଗୁଡ଼ିକୁ ବ୍ୟବହାର କରିବାକୁ ଯୋଜନା କରାଯାଉଛି ବୋଲି ବିଜେଡି ପକ୍ଷରୁ ପୁଣି ଥରେ ଅଭିଯୋଗ କରିଛି।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ଗୋଟିଏ ଟ୍ରକ୍‌ରେ ଇଭିଏମ୍ ମେସିନ ନୂଆପଡ଼ାକୁ ନିଆଯାଇଛି ବୋଲି କରାଯାଇଥିବା ଅଭିଯୋଗ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି ଯେ ଗଞ୍ଜାମ ଜିଲ୍ଲାରେ ରଖାଯାଇଥିବା ଇଭିଏମ୍ ମେସିନଗୁଡିକ ସିସି କ୍ୟାମେରା ନଜରରେ ରଖାଯାଇଛି। ତେବେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ରାଜରାସ୍ତାରେ ହୋଇଥିଲା ବେଳେ ଏହି ଅଞ୍ଚଳର ସିସିଟିଭି କାମ କରୁ ନ ଥିଲା। ସରକାରୀ ଖାତାରେ ସିସିଟିଭି ଅଛିର ଅର୍ଥ ଏହା ନୁହେଁ ଯେ ସିସିଟିଭିର ଫୁଟେଜ୍ ରହିଛି। ଆଜି ବିଜେଡି ପକ୍ଷରୁ ସିଇଓଙ୍କ ପାଖରେ ସମ୍ବେଦନଶୀଳ ବୁଥ୍‌ଗୁଡିକର ତାଲିକା ପ୍ରଦାନ କରାଯାଇଛି। ଏହି ବୁଥ୍‌ଗୁଡିକୁ ନିଆଯାଇଥିବା ଇଭିଏମ୍ ମେସିନ୍‌ଗୁଡ଼ିକ ସ୍ଥାନିତ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଅଭିଯୋଗ କରାଯାଇଛି।

ରାଜ୍ୟସଭା ସାଂସଦ ସୁଲତା ଦେଓ କହିଥିଲେ ଯେ ଏହି ଉପନିର୍ବାଚନରେ ନିୟମିତ ଭାବେ ସରକାରୀ ଦଳ ପକ୍ଷରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରାଯାଉଥିବା ନେଇ ବିଜେଡି ପକ୍ଷରୁ ସିଇଓଙ୍କ ପାଖରେ ବାରମ୍ବାର ଉପସ୍ଥାପନ କରାଯାଇଛି। ଏହାଛଡ଼ା ଆୟକର ବିଭାଗ ଓ ଅନ୍ୟ ଅଧିକାରୀଙ୍କ ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବେ ବିଜେଡି ନେତାଙ୍କ ଘରେ ଚଢ଼ଉ କରାଯାଉଛି। ଇଭିଏମ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ ରୁମ୍‌ରେ ରଖା ନ ଯାଇ କେଉଁ ଏକ ଅଜଣା ସ୍ଥାନରେ ରଖା ଯାଇଛି ବୋଲି ଅଭିଯୋଗ କରାଯାଇଥିଲା। ଏହାକୁ ଖୋଜି ବାହାର କରିବା ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ। ସେହିପରି ବିଜେପି ଦ୍ୱାରା କରାଯାଉଥିବା ବିଭିନ୍ନ ଆଚରଣ ବିଧି ଉଲ୍ଲଂଘନକୁ ରୋକିବା ସହିତ ମୁକ୍ତ ଅବାଧ ନିର୍ବାଚନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଯତ୍ନବାନ ହୁଅନ୍ତୁ ବୋଲି ପୂର୍ବତନ ମହିଳା କମିସନର ମୀନତି ବେହେରା ଓ ବିଜେଡି ଛାତ୍ର ସଭାପତି ଇପ୍ସିତା ସାହୁ ଦାବି କରିଛନ୍ତି।

## ୧୫ ଡିଗ୍ରୀ ତଳେ ରାଜ୍ୟର ୧୬ ସହର
# ଆଜିଠୁ କଲବଲ କରିବ ଶୀତ

■ ଜି.ଉଦୟଗିରିରେ ୮.୪ ଡିଗ୍ରୀକୁ ଖସିଲା ପାରଦ
■ ଦାରିଙ୍ଗବାଡ଼ିରେ ୧୦ ଡିଗ୍ରୀ, ଫୁଲବାଣୀ ୧୧, ଝାରସୁଗୁଡ଼ା ୧୧.୬

ଭୁବନେଶ୍ୱର,୧୦।୧୧(ସମିସ): ରାଜ୍ୟରେ ତାପମାତ୍ରା ହ୍ରାସ ସାଙ୍ଗକୁ ଥଣ୍ଡା ବଢ଼ିବାରେ ଲାଗିଛି। କ୍ରମାଗତ ଭାବେ ରାଜ୍ୟକୁ ଥଣ୍ଡା ଓ ଶୁଷ୍କ ବାୟୁର ପ୍ରବାହ ହେତୁ ତାପମାତ୍ରା କମିଚାଲିଛି। ଏହାଫଳରେ ମଙ୍ଗଳବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ୧୧ ଓ ୧୨ ତାରିଖ ପାଇଁ ୫ ଟି ଜିଲ୍ଲାରେ ଶୀତ ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଛି। ଏହାସହିତ ପ୍ରଥମ ଥର ପାଇଁ ଚଳିତ ରାଜ୍ୟରେ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଥିବା ବେଳେ ରାଜ୍ୟର ୧୬ ଟି ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୮.୪ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଥିବା ବେଳେ ଦାରିଙ୍ଗବାଡ଼ି ୧୦, ଫୁଲବାଣୀ ୧୧, ଝାରସୁଗୁଡ଼ା ୧୧.୬, କିରେଇ ୧୨, ସେମିଲିଗୁଡ଼ା ୧୨.୫, ରାଉରକେଲା ୧୨.୫ ଓ ଅନୁଗୁଳରେ ତାପମାତ୍ରା ୧୨.୬ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ରାଜଧାନୀରେ ରାତିର ତାପମାତ୍ରା ୧୪.୮ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରାରେ ଆହୁରି ୨.୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୪ ଡିଗ୍ରୀ କମ୍ ରହିବା ସହ କିଛି କିଛି ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ପାଇଁ ଅନୁଗୁଳ, ଝାରସୁଗୁଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହେବା ନେଇ ପାଣିପାଗ କେନ୍ଦ୍ର କହିଛି। ଏଥିପାଇଁ ଏହି ୫ ଜିଲ୍ଲାକୁ ୨ ଦିନ ଯାଏଁ ୟେଲୋ ଆଲର୍ଟ ଜାରି କରାଯାଇଛି।

# ପିଣ୍ଟୁ ଦାଶଙ୍କ ପିଟିସନର ଶୁଣାଣି ଶେଷ; ରାୟ ସଂରକ୍ଷିତ

ବ୍ରହ୍ମପୁର,୧୦।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ପକ୍ଷରୁ କୋର୍ଟରେ ବରିଷ୍ଠ ଆଇନଜୀବୀ କୈଳାସ ପଣ୍ଡା ପିଟିସନ ଦାଖଲ କରିଛନ୍ତି। ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଦାଖଲ ହୋଇଥିବା ପିଟିସନରେ ମୁଖ୍ୟତଃ ପିଣ୍ଟୁଙ୍କ ସ୍ୱାସ୍ଥ୍ୟଗତ ତଥା ପାରିବାରିକ ସମସ୍ୟା ଦର୍ଶାଇ ବିଭିନ୍ନ ସୁବିଧା ଓ ସୁଯୋଗ ପ୍ରଦାନ କରିବାକୁ ନିବେଦନ କରାଯାଇଛି। ବ୍ରହ୍ମପୁର ଜେଲରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତାଙ୍କୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ତେବେ ପିଣ୍ଟୁ ଜଣେ ରକ୍ତଚାପ ରୋଗୀ ହୋଇଥିବାରୁ ତାଙ୍କୁ ଜୋତା ପିନ୍ଧିବା ଓ ସ୍ୱାସ୍ଥ୍ୟପୂର୍ଣ୍ଣ ଖାଦ୍ୟ ଖାଇବା ସହ ସେ କାନରେ ପିନ୍ଧିଥିବା କୁଣ୍ଡଳ ବାହାର ନ କରିବା ପାଇଁ କୋର୍ଟରେ ନିବେଦନ କରାଯାଇଛି। ସେହିଭଳି ପିଣ୍ଟୁଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ପରିବାରବର୍ଗ ବ୍ରହ୍ମପୁରରେ ଅଛନ୍ତି। ଏଣୁ ଇ-ମୁଲାକାତ ମାଧ୍ୟମରେ ପରିବାର ସଦସ୍ୟଙ୍କ ସହ ସାକ୍ଷାତ କରିବାର ସୁଯୋଗ ଉପଲବ୍ଧ କରାଇବାକୁ ପିଣ୍ଟୁ କୋର୍ଟଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। ଏହି ପିଟିସନ୍ ଉପରେ ସୋମବାର ଶୁଣାଣି ଶେଷ ହୋଇଥିବା ବେଳେ ମଙ୍ଗଳବାର ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

## ନବୋଦୟ ବିଦ୍ୟାଳୟରେ ଛାତ୍ର ଅଶାନ୍ତି
# ରାଜପଥରେ ୮ କି.ମି ଚାଲିଲେ



କୋରାପୁଟ, ୧୦।୧୧(ସମିସ): ସ୍କୁଲର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାକୁ ଜାତୀୟ ରାଜପଥରେ ବିପଜ୍ଜନକ ଭାବେ ୮ କି.ମି ଚାଲିଲେ ଛାତ୍ରଛାତ୍ରୀ। କୋରାପୁଟ ସହର ଉପକଣ୍ଠ ଲାଣ୍ଡିଗୁଡ଼ାସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ଏହି ଘଟଣା ଆଜି ଅଭିଭାବକମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ସୂଚନାନୁଯାୟୀ, ଦଶମ ଶ୍ରେଣୀ ପରୀକ୍ଷା ପାଖେଇ ଆସୁଥିବା ବେଳେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀମାନେ ଠିକ୍ ଭାବେ ପାଠ ପଢ଼ିପାରୁନାହାନ୍ତି। ବିଶେଷକରି ଇତିହାସ ଶିକ୍ଷକଙ୍କ ପାଠପଢ଼ାକୁ ନେଇ ଛାତ୍ରଛାତ୍ରୀମାନଙ୍କ ଭିତରେ ପ୍ରବଳ ଅସନ୍ତୋଷ ରହିଛି। ଏ ସଂପର୍କରେ ସେମାନେ ବାରମ୍ବାର ଅଭିଯୋଗ କରିଥିଲେ ହେଁ ସ୍କୁଲ କର୍ତ୍ତୃପକ୍ଷ ଶୁଣି ନଥିଲେ। ତେଣୁ ଆଜି ଛାତ୍ରଛାତ୍ରୀମାନେ ଏକାଠି ହୋଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାକୁ ବାହାରିଥିଲେ। ସକାଳୁ ସେମାନେ ୨୬ ନମ୍ବର ଜାତୀୟ ରାଜପଥରେ ଚାଲିଚାଲି ଜିଲ୍ଲାପାଳଙ୍କ ଅଫିସ୍‌କୁ ଯାଇଥିଲେ। ଖବର ପାଇ କୋରାପୁଟ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ଅତିରିକ୍ତ ଶିକ୍ଷା ଅଧିକାରୀ ଓ ପୁଲିସ ସେମାନଙ୍କୁ ଅଧାବାଟରୁ ବୁଝାସୁଝା କରିଥିଲା। କିନ୍ତୁ ଛାତ୍ରଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ସେମାନେ ଚାଲିଚାଲି ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚି ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ହେଲା, ଦଶମ ଶ୍ରେଣୀ ପରୀକ୍ଷା ପାଖେଇ ଆସୁଥିବା ବେଳେ ଠିକାରେ ଥିବା ଇତିହାସ ଶିକ୍ଷକ ଏପର୍ଯ୍ୟନ୍ତ ପାଠ୍ୟକ୍ରମ ସାରିନାହାନ୍ତି। ସେ ଠିକ୍ ଭାବେ ପାଠ ପଢ଼ାଉନାହାନ୍ତି। ପ୍ରଶ୍ନ କଲେ ଛାତ୍ରଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ଉଚ୍ଚ ସ୍ୱରରେ ତାଗିଦ୍ କରୁଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏ ବାବଦରେ ବାରମ୍ବାର ଅଭିଯୋଗ କରାଯିବା ପରେ ମଧ୍ୟ ସେମାନେ କିଛି ଶୁଣୁନାହାନ୍ତି।

### ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ନେଇ ଜିଲ୍ଲାପାଳଙ୍କୁ ଗୁହାରି

ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଶୁଣିଥିଲେ। ପରେ ଜିଲ୍ଲାପାଳ ସ୍କୁଲରେ ପହଞ୍ଚି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀମାନେ ଶାନ୍ତ ପଡ଼ିଥିଲେ। ପରେ ପ୍ରଶାସନ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଖାଇବା ଓ ସ୍କୁଲକୁ ଫେରିବାର ବ୍ୟବସ୍ଥା କରାଯାଇଥିଲା।

# ତୁଳସୀପୁରରୁ ମାଧବ ମନ୍ଦିରକୁ ଗଲା ତୁଳସୀ ଭାର



ଚାରିଛକ,୧୦।୧୧(ସମିସ): ବୁଧବାର ହେଉଛି ମାର୍ଗଶୀର ମାସ ଅଷ୍ଟମୀ ତିଥି। ଯାହା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପୋଢୁଁଆ ଅଷ୍ଟମୀ ପର୍ବ ଭାବେ ପାଳିତ ହୋଇଥାଏ। ପରିବାରର ଜ୍ୟେଷ୍ଠ ସନ୍ତାନମାନଙ୍କ ପାଇଁ ମାମୁ ଘରୁ ଆସିଥାଏ ପୋଢୁଆଁ ଭାର। ନବ ବସ୍ତ୍ର ସହିତ ପିଠାପଣା ଆସିଥାଏ ମାମୁ ଘରୁ। ସେହି ପରମ୍ପରା ପ୍ରାଚୀ ଉପତ୍ୟକାର ମାଧବ ମନ୍ଦିରରେ ପ୍ରଚଳିତ ରହି ଆସିଛି। ପ୍ରାଚୀ ଉପତ୍ୟକାର ମାଧବ ମନ୍ଦିର ହେଉଛି ଶ୍ରୀଜଗନ୍ନାଥଙ୍କ ମାମୁ ଘର। ପ୍ରତିବର୍ଷ ପୋଢୁଆଁ ଅଷ୍ଟମୀ ପୂର୍ବ ଦିନ ମାଧବ ମନ୍ଦିରରୁ ତୁଳସୀ, ଫଳମୂଳ, ଚନ୍ଦନ କାଠ, ପାଟ ବସ୍ତ୍ର, ଗୀତଗୋବିନ୍ଦ ଖଣ୍ଡୁଆ ପ୍ରଭୃତି ଭାର ମାଧବ ମନ୍ଦିର ସେବକ, ଜଗନ୍ନାଥ ପ୍ରେମୀ, ମାଧବପ୍ରେମୀମାନେ ଏକ ଶୋଭାଯାତ୍ରାରେ ପୁରୀ ଶ୍ରୀକ୍ଷେତ୍ର ନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ପ୍ରଦାନ କରିଥା'ନ୍ତି। ଏହି ଭାରରେ ଯେଉଁ ତୁଳସୀ ଯାଇଥାଏ ତାକୁ ନିମାପଡ଼ା ବ୍ଲକ୍ ତୁଳସୀପୁର ଗ୍ରାମର ଜଗନ୍ନାଥ ପ୍ରେମୀମାନେ ମାଧବ ମନ୍ଦିରକୁ ଯୋଗାଇଥା'ନ୍ତି। ସୋମବାର ତୁଳସୀପୁରର ବାବା ବୃନ୍ଦାବନ ମଠଠାରୁ ଶ୍ରଦ୍ଧାଳୁମାନେ ତୁଳସୀ, ଫଳମୂଳ ସବୁ ଭାରରେ ଲଦି ଏକ ଶୋଭାଯାତ୍ରାରେ ମାଧବ ମନ୍ଦିରକୁ ନିଆଯାଇଥିଲା। ଶ୍ରୀଜଗନ୍ନାଥ ଓ ଶ୍ରୀମାଧବାନନ୍ଦ ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇ ପଡ଼ିଥିଲା। ତୁଳସୀପୁର ଗ୍ରାମରୁ ଶ୍ରୀଜଗନ୍ନାଥଙ୍କ ପାଇଁ ତୁଳସୀ ଭାର ଯିବା ପରମ୍ପରା ପୁନଃ ପ୍ରଚଳନ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ମାଧବ ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ପାଇଁ ଯାଉଥିବା ପୋଢୁଆଁ ଭାର ପାଇଁ ପ୍ରତିବର୍ଷ ତୁଳସୀପୁର ଅଞ୍ଚଳରୁ ତୁଳସୀ ଯୋଗାଇ ଦିଆଯିବ ବୋଲି ଶ୍ରଦ୍ଧାଳୁ ଭକ୍ତମାନେ ପ୍ରକାଶ କରିଛନ୍ତି। ଏହି ଭାର ଯିବା ସମୟରେ ରଘୁନାଥ ବେହେରା, ସୁରେନ୍ଦ୍ର ଭୋଇ, ସନ୍ତୋଷ ଦାଶ, ପ୍ରଶାନ୍ତ ଦେବଗୋସ୍ୱାମୀ, ଅରକ୍ଷିତ ଭୋଇ, ରତ୍ନାକର ଦାସ, କୁନା ବେହେରା, ପ୍ରତାପ ସାହୁ, ସୁରେନ୍ଦ୍ର ବେହେରା, ରଜନୀକାନ୍ତ ସେନ୍, ଆଲୋକ ତ୍ରିପାଠୀ, ପ୍ରଶାନ୍ତ ସାହୁ ପ୍ରମୁଖ ସାମିଲ୍ ଥିଲେ।

# ପ୍ରାଚୀ ଗୁରୁ ଧର୍ମ ପୀଠର କ୍ଷେତ୍ର ପରିକ୍ରମା



ନୟାହାଟ,୧୦।୧୧(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରର ବେଢ଼ା ପରିକ୍ରମା ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସମସ୍ତ ଭାଇ, ମାଆ ଓ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଶ୍ରୀଗୁରୁଦେବଙ୍କ ଆସନ୍ନ ମନ୍ଦିରରେ ଗୁରୁଦେବଙ୍କୁ ପୂଜାର୍ଚ୍ଚନା କରିବା ପରେ, ଜଗନ୍ନାଥ ସଂସ୍କୃତି ରୀତିନୀତି ଅନୁସାରେ ଆରମ୍ଭ ହୋଇଥିଲା ବେଢ଼ା ପରିକ୍ରମା ଉତ୍ସବ। ଦିନ ୧୨ଟାରେ ଆଶ୍ରମରୁ ଏହି ପରିକ୍ରମା ଦଳ ବାହାରି ହୁଳହୁଳି, ହରିବୋଲ, ଶଙ୍ଖ ଧ୍ୱନି, ମହାମନ୍ତ୍ର ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ ନାମରେ ନୟାହାଟ, ବାସୁଦେବ ମନ୍ଦିର, ମା' ଚର୍ଚ୍ଚିକା, ନରସିଂହପୁର, ଗୋପୀ ଦାସ ମଠ, ନରସିଂହପୁର ଗଡ଼ ପ୍ରଭୃତି ପରିକ୍ରମା କରିଥିଲେ। ଏହି ପରିକ୍ରମା ଦଳରେ ବାବାଜୀ ଅକ୍ଷୟ କୁମାର ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ବାବାଜୀ ଆତ୍ମାନନ୍ଦ ଦାସ, ସର୍ବଶ୍ରୀ ଡାକ୍ତର ରତ୍ନାକର ମହାନ୍ତି, ନୀଳମଣି ସାହୁ, ରମେଶ ବିଟି, ମହେଶ ସାହୁ, ବ୍ରଜ ଭାଇ, ଚରଣ ଭାଇ, ଧୋବେଇ ଭାଇ, ସୁକାନ୍ତ ଭାଇ, ବ୍ରହ୍ମା ଭାଇ, ରାଜୁ ଭାଇ, ନଛି ଭାଇ, ହାପି ଭାଇ, ବାଳକୃଷ୍ଣ ଭାଇ, କାଳିଆ ଭାଇ, ଲିଙ୍ଗା ଭାଇ, ଯୋଗେନ୍ଦ୍ର ଭାଇ, ସେବିକା ସବିତା ଦାସ, ଅନୁ ମା', ବାସନ୍ତୀ ମା', ଶାନ୍ତି ମା', ଉର୍ମିଳା ମା', ବୀଣା ମା', ଲବଙ୍ଗ ମା', ଚୁମୁକି ମା', ଡଲି ମା', ଶୁକ ମା' ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଭକ୍ତ ସାମିଲ୍ ହୋଇଥିଲେ। ନାମ ସଂକୀର୍ତ୍ତନରେ ଅଞ୍ଚଳରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ହୋଇଥିଲା ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଏହା ଆଶ୍ରମର ୩୦ ପର୍ବରୁ ଅନ୍ୟତମ ଅଟେ।

# କେନାଲ ବନ୍ଧ ରାସ୍ତାର ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ



ନିମାପଡ଼ା,୧୦।୧୧(ସମିସ): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଜୟଶ୍ରୀ ଛକଠାରୁ ପାଟପୁର ପର୍ଯ୍ୟନ୍ତ କେନାଲ ବନ୍ଧ ବାମପଟ ରାସ୍ତାର ସୌନ୍ଦର୍ଯ୍ୟକରଣ ନିମନ୍ତେ ସୋମବାର ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି। ୭୭ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ରାସ୍ତାର ବିଭିନ୍ନ ମରାମତି ଓ ସୌନ୍ଦର୍ଯ୍ୟକରଣ କରାଯିବ। ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ସହ ଜଗତସିଂହପୁର ସାଂସଦଙ୍କ ନିମାପଡ଼ା ଏନ୍ଏସି ପ୍ରତିନିଧି ମୀନଲତା ମହାନ୍ତି, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ ପ୍ରଧାନ, ଓଟିଡିସି ଜିଏମ୍ ଧର୍ମେନ୍ଦ୍ର ପ୍ରଧାନ, ଏସି ସୁନିଲ ବେହେରା, ଏସ୍‌ଡିଓ ପ୍ରଶାନ୍ତ କୁମାର ଜେନା, ଜେଇ ରାକେଶ ଧର, ଯୁବ ସଭାପତି ସାଇ ପ୍ରୀତମ୍ ପଟ୍ଟନାୟକ, କାଉନ୍‌ସିଲର ଧନୁର୍ଦ୍ଧର ଦାଶ, ବିନୋଦ ବିହାରୀ ସ୍ୱାଇଁ, ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ୧୩ରେ ଡେଲାଙ୍ଗ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଡେଲାଙ୍ଗ,୧୦।୧୧(ସମିସ): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଡେଲାଙ୍ଗ ବ୍ଲକ୍ ବେରବୋଇ ମେଳଣ ପଡ଼ିଆଠାରେ ଆସନ୍ତା ୧୩ ତାରିଖ ଦିନ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହେବ। ଏହି ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ, ଚାଷୀ ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ଆଲୋଚନାଚକ୍ର, ଚାଷରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀମାନଙ୍କୁ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବ୍ଲକ୍ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଓ ସ୍ଥାନୀୟ ବିଧାୟକଙ୍କ ସମେତ ବିଶେଷଜ୍ଞମାନେ ଯୋଗଦେଇ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ଡେଲାଙ୍ଗ ବ୍ଲକ୍‌ର ମତ୍ସ୍ୟ ଓ ଗୋ-ପାଳକଙ୍କ ଉନ୍ନତି ଦିଗରେ ଉଦ୍‌ବୋଧନ ଦେବେ। ସେହିପରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ପାରଙ୍ଗମ ସଫଳତା ହାସଲ କରିଥିବା ଚାଷୀମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯିବ ବୋଲି ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରୀତିତୋଷ ମହାପାତ୍ର ସୂଚନା ଦେଇଛନ୍ତି।

## ଦିଲ୍ଲୀ ବିସ୍ଫୋରଣ ପରେ ପୁରୀରେ ହାଇ ଆଲର୍ଟ

# ବଡ଼ଦାଣ୍ଡରେ ପଇଁତରା ମାରୁଛି 'ରକ୍ଷକ'

ପୁରୀ,୧୦।୧୧(ସମିସ): ଦିଲ୍ଲୀ ବିସ୍ଫୋରଣ ପରେ ହାଇ ଆଲର୍ଟରେ ପୁରୀ। ଶ୍ରୀମନ୍ଦିର, ବେଳାଭୂମି, ରେଳ ଷ୍ଟେସନ ଆଦି ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ହାଇ ଆଲର୍ଟ ଜାରି କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ସେ କହିଛନ୍ତି, ସବୁ ଥାନାଧିକାରୀଙ୍କୁ ସତର୍କ କରିଦିଆଯାଇଛି। ନିଜ ନିଜ ଅଞ୍ଚଳରେ ପାଟ୍ରୋଲିଂ ସହିତ କଡ଼ା ନଜର ରଖିବାକୁ କୁହାଯାଇଛି। ସେହି ପୁରୀ ସହର କ୍ଷେତ୍ରରେ ଦେଖିଲେ ସବୁ ପ୍ରବେଶ ପଥରେ ଚେକିଂ କଡ଼ାକଡ଼ି କରାଯିବ। ବେଳାଭୂମି, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡରେ କଡ଼ା ନଜର ରଖିବାକୁ କୁହାଯାଇଛି। କୌଣସି ବ୍ୟକ୍ତିଙ୍କ ଉପରେ ଯଦି ସନ୍ଦେହ ହୁଏ ତେବେ ଜନସାଧାରଣ ତୁରନ୍ତ ୧୧୨କୁ କଲ୍ କରିବାକୁ ଅନୁରୋଧ। ବିଶେଷକରି ହୋଟେଲ ଏବଂ ଲଜ୍ ଉପରେ କଡ଼ା ନଜର ରଖାଯାଇଛି ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ବୁଲେଟ୍ ପ୍ରୁଫ୍ ରକ୍ଷକ ଗାଡ଼ି ଏବେ ସହରରେ ପଇଁତରା ମାରୁଛି। ବିଶେଷକରି ଶ୍ରୀମନ୍ଦିର ଏବଂ ବଡ଼ଦାଣ୍ଡ ଉପରେ ଏହି ଗାଡ଼ିରୁ ସଶସ୍ତ୍ର ଯବାନମାନେ ନଜର ରଖିଛନ୍ତି।





### ଶ୍ରୀମନ୍ଦିର, ବେଳାଭୂମି ଓ ରେଳ ଷ୍ଟେସନ ଉପରେ କଡ଼ା ନଜର

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀଙ୍କ ନଜର ରହିଥିବା ପୂର୍ବରୁ ଅନେକଥର ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଆସିଛି। ଯେଉଁଥିପାଇଁ ଗତ କିଛିବର୍ଷ ହେବ ଏନ୍ଏସ୍‌ଜି ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଥାଏ। ସେହିପରି ବେଳାଭୂମି, ରେଳ ଷ୍ଟେସନ ଏବଂ ବସ୍‌ଷ୍ଟାଣ୍ଡରେ ପ୍ରତିଦିନ ହଜାର ହଜାର ଯାତ୍ରୀ, ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ତେଣୁ ଦିଲ୍ଲୀ ବିସ୍ଫୋରଣ ପରେ ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ ସହରରେ ହାଇ ଆଲର୍ଟ ଜାରି କରାଯାଇଛି।

# କାକଟପୁର ତହସିଲ୍ କାର୍ଯ୍ୟାଳୟରେ ଦଲାଲରାଜ୍ ଅଭିଯୋଗ

ଗମ୍ଭାରୀପଦା,୧୦।୧୧(ସମିସ): କାକଟପୁର ତହସିଲ୍ କାର୍ଯ୍ୟାଳୟରେ ବିନା ଦଲାଲରେ କୌଣସି ଫାଇଲ୍ ଗୋଟେ ଟେବୁଲ୍‌ରୁ ଅନ୍ୟ ଟେବୁଲକୁ ଯାଉ ନ ଥିବା ଅଭିଯୋଗ ହେଉଛି। କାର୍ଯ୍ୟାଳୟକୁ କର୍ମଚାରୀମାନେ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସମୟ ମଧ୍ୟରେ ଆସୁ ନ ଥିବାରୁ ଦୂରଦୂରାନ୍ତରୁ ତହସିଲ୍‌କୁ ଆସୁଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା କରି ତ୍ୱରିତ ସମୟାନୁବନ୍ଧିତ ସମୟସୀମା ମଧ୍ୟରେ କାର୍ଯ୍ୟ ଜନସାଧାରଣଙ୍କୁ ଯୋଗାଇଦେବା ଉଦ୍ଦେଶ୍ୟରେ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସମୟ ମୁତାବକ କୌଣସି କାର୍ଯ୍ୟ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏପରିକି କାକଟପୁର ତହସିଲ୍ ଅଧୀନରେ ଥିବା ସରକାରୀ ଜମିରେ ସରକାରୀ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇଦେବାକୁ ବର୍ଷ ବର୍ଷ ଧରି ସମ୍ପୃକ୍ତ କାର୍ଯ୍ୟାଳୟର କର୍ମଚାରୀମାନେ ତହସିଲ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ମଧ୍ୟ ତହସିଲ୍‌ର ସମ୍ପୃକ୍ତ କର୍ମଚାରୀମାନେ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଇନ୍‌କମ୍, ଜାତିଗତ, ରେସିଡେନ୍ସ ପ୍ରମାଣପତ୍ର ଭଳି ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଦଲାଲଙ୍କ ମାଧ୍ୟମ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି।

ଅଞ୍ଚଳ ଅଧିକାରୀଙ୍କ ଅଧୀନରେ ଥିବା ସରକାରୀ ଜମିରେ ଜବରଦଖଲ ସହ ମୂଲ୍ୟବାନ ଦେବୋତ୍ତର ସମ୍ପତ୍ତିଗୁଡ଼ିକ ଏଗ୍ରିମେଣ୍ଟ ମାଧ୍ୟମରେ କିଣାବିକା ହେଉଛି। ଏପରିକି କାକଟପୁର ତହସିଲ୍ ଅଧୀନରେ ଥିବା ଅନେକ ଚାଷ ଜମି ସାରଦ, ବିଆଳି, ଦୋଫସଲି, ଜଳାଶୟ କିସମଗୁଡ଼ିକୁ ଘରବାରି କିସମକୁ ପରିବର୍ତ୍ତନ ନ କରି ମଧ୍ୟ ବିଶାଳ ଅଟ୍ଟାଳିକାମାନ ଗଢ଼ିଉଠିଛି। ଯାହାଫଳରେ ସରକାର ରାଜସ୍ୱ ହରାଉଛନ୍ତି। ଅନ୍ୟପକ୍ଷରେ ଘରବାରି କିସମ ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ନୀତି ନିୟମକୁ ଅଣଦେଖା କରାଯାଇ କିସମ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହେଉଛି। ସରକାରୀ ଜମି ଜବରଦଖଲର ଅଭିଯୋଗ କଲେ ମଧ୍ୟ ସ୍ଥାନୀୟ ରାଜସ୍ୱ ବିଭାଗ ଚୁପ୍ ରହି ପରୋକ୍ଷରେ ସରକାରୀ ଜମି ଦଖଲକାରୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏପରିକି ଦୀର୍ଘ ବର୍ଷ ଧରି ସରକାରୀ ଜମିରୁ ଉଚ୍ଛେଦ ପାଇଁ ଅଭିଯୋଗ କରାଯାଇଥିବା କେସ୍‌ଗୁଡ଼ିକୁ ଅଧିକାରୀ ଗୁରୁତ୍ୱ ନ ଦେଇ ଜରିମାନା ବାବଦରେ ପାଉତି କାଟି ଚୁପ୍ ହୋଇ ବସି ରହୁଛନ୍ତି। ମାଟି ମାଫିଆ ଓ ନମ୍ବର ବିହୀନ ଟ୍ରାକ୍ଟର ମାଲିକମାନେ ନଦୀପଠା, ଗୋଚର ଓ ଅନାବାଦି ଜମିରୁ ଛୁଟି ଦିନଗୁଡ଼ିକରେ ବାଲି, ମାଟି ନେଇ ବିକ୍ରି କରୁଥିବା ଅଭିଯୋଗ ହେଉଛି। ବିଶେଷକରି ଛୁଟି ଦିନଗୁଡ଼ିକରେ କୌଣସି ରାଜସ୍ୱ ଅଧିକାରୀ କିମ୍ବା ତହସିଲ୍‌ଦାର ହେଡ୍‌କ୍ୱାର୍ଟରରେ ରହୁ ନ ଥିବା ଅଭିଯୋଗ ମଧ୍ୟ ହେଉଛି। ଫଳରେ ମାଫିଆମାନଙ୍କୁ ଲୁଟ୍ କରିବାକୁ ସୁଯୋଗ ମିଳୁଛି। କାକଟପୁର ଅଞ୍ଚଳ ଅଧିକାରୀ ଏକାଧିକ ଦାୟିତ୍ୱ ବହନ କରିଥିବାରୁ ସେ ଜନସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିପାରୁ ନାହାନ୍ତି। ଉକ୍ତ ସମସ୍ୟାଗୁଡ଼ିକୁ ବିଚାରକୁ ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କାକଟପୁର ଜନସାଧାରଣଙ୍କ ପକ୍ଷରୁ ରାଜସ୍ୱ ସଚିବ, ରାଜସ୍ୱ ମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି।

# ବୃଦ୍ଧଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍



ନୟାହାଟ,୧୦।୧୧(ସମିସ): ରବିବାର ଲୁନାରେ ଜଣେ ବୃଦ୍ଧ ନିଜ ଘରକୁ ଫେରିବା ବାଟରେ ଜଣେ କୁଖ୍ୟାତ୍ ଅପରାଧୀ ଶେଖ୍ ରାଜନ୍ ଥଣ୍ଡା ବୋତଲରେ ତାଙ୍କୁ ଆକ୍ରମଣ କରି ୪ ହଜାର ଟଙ୍କା ଲୁଟିନେଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରୀ ପଞ୍ଚାୟତ ଚଢ଼େଇଖିଆ ବସ୍ତିର ଶେଖ୍ ତାହିର୍ ଖାଁ ନୟାହାଟ ବଜାରରୁ ଅପରାହ୍ଣ ୧.୩୦ ସମୟରେ ଘରକୁ ଯାଉଥିବାବେଳେ ଚଢ଼େଇଖିଆ ବସ୍ତି ନିକଟରେ ଶେଖ୍ ରାଜନ୍ ନାମକ ଯୁବକ ଅଟକାଇ ଥଣ୍ଡା ବୋତଲରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ମୁଣ୍ଡ ଫାଟି ରକ୍ତସ୍ରାବ ହେବାରୁ ତାହିର୍‌ଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାହିର୍‌ଙ୍କ ପତ୍ନୀ ଦେମୁନ ବିବିଙ୍କ ଅଭିଯୋଗ ପରେ ଗୋପ ଥାନା କେସ୍ ନମ୍ବର ୩୮୬/୨୫ରେ ଏକ ମାମଲା ରୁଜୁ ହୋଇଛି। ଶେଖ୍ ରାଜନ୍‌ଙ୍କ ନାମରେ ଗୋପ ଥାନାରେ ଏକାଧିକ ମାମଲା ରହିଛି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ନିମାପଡ଼ା,୧୦।୧୧(ସମିସ): ନିମାପଡ଼ା ଟାଉନ ହଲ୍ ପରିସରରେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଦ୍ୱାରା ସୋମବାର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥିଭାବେ ଜଗତସିଂହପୁର ସାଂସଦ ଡ. ବିଭୂ ପ୍ରସାଦ ତରାଇ, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଆତ୍ମା ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡ଼ା, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ପ୍ରମୁଲ୍ ସଭାପତି ଦିଲ୍ଲୀପ କୁମାର ଦାସ, ପୁରୀ ଜିଲ୍ଲା ମତ୍ସ୍ୟ ଅଧିକାରୀ ସଂଘମିତ୍ରା ପାଣିଗ୍ରାହୀ, ଜିଲ୍ଲା ଭାରପ୍ରାପ୍ତ ପ୍ରାଣୀ ସମ୍ପଦ ଅଧିକାରୀ ରାଜେଶ ପାଣିଗ୍ରାହୀ, ବ୍ଲକ୍ ମତ୍ସ୍ୟ ଅଧିକାରୀ ଆଶିଷ କୁମାର ସାହୁ, ବ୍ଲକ୍ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଉନ୍ନତମାନର ଚାଷ କାର୍ଯ୍ୟ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୬୪ଜଣ ହିତାଧିକାରୀ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫ଟି କାର୍ଯ୍ୟଦେଶ, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନାରେ ୫୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଯୋଜନା, ମତ୍ସ୍ୟ ବିଭାଗ ପକ୍ଷରୁ ୪ଜଣଙ୍କୁ ଉତ୍ତମ ମତ୍ସ୍ୟଚାଷୀ ଓ ବିଭାଗ ତରଫରୁ ୨ଜଣ ମହିଳା ଚାଷୀଙ୍କୁ ୩ ଲକ୍ଷ ୨୦ହଜାର ସବ୍‌ସିଡ୍ ପ୍ରଦାନ କରାଯାଇଛି। ନିମାପଡ଼ା ଉଦ୍ୟାନ ବିଭାଗ ଅଧିକାରୀ ଶୁଭଶ୍ରୀ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ସୁରଭି କୃତୀ ବିଦ୍ୟାର୍ଥୀଙ୍କୁ ସାଧନ କେନ୍ଦ୍ରସ୍ତରୀୟ ସମ୍ବର୍ଦ୍ଧନା



କଣାସ,୧୦।୧୧(ସମିସ): ପୁରୀ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅବସରରେ ଗତ ଶୁକ୍ରବାର ପୁରୀଠାରେ ଆୟୋଜିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କୃତିତ୍ୱ ହାସଲ କରିଛନ୍ତି କଣାସ ବ୍ଲକ୍ ଗଡ଼ସାନପୁଟ ପଞ୍ଚାୟତର ବିଜୟଲକ୍ଷ୍ମୀ ପ୍ରଧାନ। ସେ ଚୌଦ ମୌଜା ବିଦ୍ୟୁତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ। ସୋମବାର ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚୌଦ ମୌଜା ବିଦ୍ୟୁତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଦୀପ୍ତିମୟୀ ରାୟ, ରବିନ୍ଦ୍ର ସୁନ୍ଦରାୟ, ଅଞ୍ଜଳି ମିଶ୍ର, ବିଜୟ ପଣ୍ଡା, ଅନ୍ନପୂର୍ଣ୍ଣା ବେହେରା, ରଶ୍ମିତା ନାୟକ, ରଞ୍ଜିତା ନାୟକ ପ୍ରମୁଖ ବିଜୟଲକ୍ଷ୍ମୀଙ୍କ ସଫଳତାକୁ ନେଇ ଗର୍ବ ପ୍ରକାଶ କରିବା ସହ ରାଜ୍ୟସ୍ତରରେ ସେ ନିଜର ପ୍ରତିଭା ପ୍ରଦର୍ଶନ ନେଇ ଶ୍ରେଷ୍ଠତା ହାସଲ କରିପାରିବେ ବୋଲି ମତ ଦେଇଥିଲେ। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମମତା ସାହୁ ଏବଂ ଭୂପତିଭୂଷଣ ତ୍ରିପାଠୀ ବିଜୟଲକ୍ଷ୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସ୍ୱାଗତ କରିବା ସହ ରାଜ୍ୟସ୍ତରରେ କୃତିତ୍ୱ ହାସଲ ପାଇଁ ପ୍ରଚେଷ୍ଟା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିଦ୍ୟାଳୟର ଶିବସ୍ମ ମଙ୍ଗରାଜ, ସଂଘମିତ୍ରା ପଣ୍ଡା, ସଂସଦ କୁମାର ପ୍ରଧାନ, ଜଗନ୍ନାଥ ଅଧିକାରୀ ଓ ରଜନୀକାନ୍ତ ବଡ଼ଜେନା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ୧୯ ଗୋରୁ ଜବତ, ଜଣେ ଗିରଫ

କଣାସ,୧୦।୧୧(ସମିସ): ରବିବାର ସନ୍ଧ୍ୟା ୫ଟା ବେଳେ ୩ଜଣ ବ୍ୟକ୍ତି ୧୯ଟି ଗୋରୁଙ୍କୁ ବେଆଇନ ଓ ନିର୍ଦ୍ଦୟ ଭାବେ ଅଣ୍ଡା ଗ୍ରାମରୁ ବେଣାପଞ୍ଜରି ଗ୍ରାମ ଆଡ଼କୁ ଚୋରା ଚାଲାଣ କରୁଥିବା ସମୟରେ ସନ୍ଦେହରେ ଜଣେ ବ୍ୟକ୍ତି ତାଙ୍କୁ ପଚାରି ବିନା କାଗଜପତ୍ରରେ ନେଉଥିବା ଜାଣି କଣାସ ଥାନାକୁ ଖବର ଦେଇଥିଲେ। କଣାସ ପୁଲିସ ତୁରନ୍ତ ଘଟଣାସ୍ଥଳ ଅଁଳାଯୋଡ଼ିରେ ପହଞ୍ଚି ସମସ୍ତ ୧୯ଟି ଗୋରୁ ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ଆଉ ଅନ୍ୟ ଦୁଇ ଜଣ ଫେରାର୍ ଅଛନ୍ତି। ଜବତ ଗୋରୁମାନଙ୍କୁ ଭୁବନେଶ୍ୱରସ୍ଥିତ ଗୋଶାଳାକୁ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଗୋ-ଚାଲାଣକାରୀ କମର ଅଲ୍ଲୀ ଖାଁକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବେଆଇନ ଗୋରୁ ଚାଲାଣ ଉପରେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଣାସ ଆଇଆଇସି ସୂଚନା ଦେଇଛନ୍ତି।

## ଅଲୋଡ଼ା ହୋଇଛି ଅଭିଯୋଗ ଶୁଣାଣି

# ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶକୁ ଫୁଁ'

କୃଷ୍ଣପ୍ରସାଦ,୧୦।୧୧(ସମିସ): ଜନସାଧାରଣ ନ୍ୟାୟରୁ ବଞ୍ଚିତ ହେଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କିମ୍ବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ତାଙ୍କ ଶୁଣାଣିକୁ ଅପେକ୍ଷା କରିଥା'ନ୍ତି। ଜିଲ୍ଲାପାଳ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଲୋକଙ୍କ ଭୟ ଥାଏ। ସରକାରଙ୍କ ଅଭିଯୋଗ ଶୁଣାଣି ମାଧ୍ୟମରେ ଲୋକଙ୍କୁ ନ୍ୟାୟ ମିଳିଥାଏ। ସେହି ଆଶା ଭରସା ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏକ ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଭାଗୀୟ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁଁ' କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଖୋଦ୍ ଶିକ୍ଷା ବିଭାଗରେ। କୃଷ୍ଣପ୍ରସାଦ ବ୍ଲକ୍ ଚିଲିକା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କୁ ଲଗାଇ ମଧ୍ୟାହ୍ନରେ ବିଦ୍ୟାଳୟକୁ ଗୋଡ଼ି ବୁହାଇଥିଲେ। କୁନି ପିଲାମାନଙ୍କୁ ଶ୍ରମିକ କରି ବିଦ୍ୟାଳୟରେ ଖଟାଇବା କାର୍ଯ୍ୟକୁ ଜନସାଧାରଣ, ଅଭିଭାବକମାନେ ଘୋର୍ ନିନ୍ଦା କରିଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିଲମ୍ବନ ଦାବି କରିଛନ୍ତି। ବ୍ଲକ୍ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ପଦକ୍ଷେପ ନେଇ ନ ଥିଲେ। ଶେଷରେ ଚଳିତ ବର୍ଷ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଗତ ଅଗଷ୍ଟ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ଆଲୋଚନା କରି ୩ ଦିନ ମଧ୍ୟରେ ତଦନ୍ତ କରି ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲା ଶିକ୍ଷାଧିକାରୀ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇ ନିଜର ଦୋଷ ତୁଟାଇଦେଲେ। ୩ ଦିନ ବଦଳରେ ୩ ମାସ ବିତିଯାଇଥିଲେ ମଧ୍ୟ ତଦନ୍ତ ଆଉ ପଦକ୍ଷେପ ସେହିଠାରେ ଅଟକିଯାଇଛି। ଏହାକୁ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତ କରିଛନ୍ତି ନା ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠର ଅଧିକାରୀମାନେ ତଦନ୍ତ କରିଛନ୍ତି। ଯାହାଦ୍ୱାରା ଲୋକଙ୍କ ଭରସା ତୁଟିବାରେ ଲାଗିଛି। ସମାନ ମାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ରେ ପିଲାମାନଙ୍କ ଦ୍ୱାରା କାଠ ବୋହି ସୁରେନ୍ଦ୍ର ନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଅଗଷ୍ଟ ମାସରେ ନିଲମ୍ବିତ ହୋଇଥିଲେ। ତେବେ ପ୍ରଶ୍ନ ଉଠୁଛି ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ହାତ ରାଜନୀତି ସହ ରହିଛି ନା ଉପର ଅଧିକାରୀଙ୍କ ମୁହଁ ଟଙ୍କାରେ ବନ୍ଦ କରିଛନ୍ତି? ଏହିଭଳି ଯଦି ସବୁ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏହି ରାସ୍ତାର ପଥିକ ହେବେ ତେବେ ଜନସାଧାରଣ ନ୍ୟାୟ ପାଇବେ କିପରି।



- ୩ ଦିନ ମଧ୍ୟରେ ତଦନ୍ତ କରି ପଦକ୍ଷେପ ନେବାକୁ ଥିଲା ନିର୍ଦ୍ଦେଶ
- ୩ ମାସ ବିତିଯାଇଥିଲେ ମଧ୍ୟ ତଦନ୍ତର ନାଁ ଗନ୍ଧ ନାହିଁ

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112


# ଶ୍ରୀକ୍ଷେତ୍ର ସିଟି

୧୦/୧୧/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୨୯,୮୬୯/- | ସୁନା: ୨୨.୫୦୦ ଗ୍ରାମ୍ | ରୁପା: ୧୯୭.୫୦୦ ଗ୍ରାମ୍







## ନାଗାବେଶରେ ଦର୍ଶନ ଦେଲେ ସିଦ୍ଧ ମହାବୀର

**ପୁରୀ,୧୦।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଯିବାର ପଞ୍ଚମ ଦିବସରେ ପୁରୀସ୍ଥିତ ସିଦ୍ଧମହବୀରଙ୍କ ନାଗାବେଶ ହୁଏ। ତେଣୁ ସୋମବାର ଠାକୁରଙ୍କ ନାଗା ବେଶ ଅନୁଷ୍ଠିତ ହୋଇଛି। ସିଦ୍ଧମହାବୀରଙ୍କ ଏହି ଦିବ୍ୟ ବେଶ ଦର୍ଶନ ଲାଗି ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ ନାଗାବେଶ ଦର୍ଶନ କରିଥିଲେ। ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ମାଜଣା, ଅବକାଶ, ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବାଳଭୋଗ (ବଲ୍ଲଭ) ହୋଇ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଅନ୍ନଭୋଗ ଲାଗି ହେବା ପରେ ମହାବୀରଙ୍କ ନାଗା ବେଶ ହୋଇଥିଲା। ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ଭକ୍ତଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ରାତି ପର୍ଯ୍ୟନ୍ତ ଠାକୁରଙ୍କ ଦର୍ଶନ ଜାରି ରହିଥିଲା। ଏଥିପାଇଁ ମନ୍ଦିରକୁ ଫୁଲରେ ସୁସଜ୍ଜିତ କରାଯାଇଥିଲା। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀମହାବୀର ବୀରତ୍ୱ ପ୍ରଦର୍ଶନ କରି ଶ୍ରୀକ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଏହି ସ୍ମୃତିରେ ଶ୍ରୀକ୍ଷେତ୍ର ପରିକ୍ରମା ଅବସରରେ ସିଦ୍ଧମହାବୀର ନାଗା ବେଶରେ ବିଭୂଷିତ ହୋଇଥା'ନ୍ତି।



ଶ୍ରୀମନ୍ଦିର ପ୍ରବେଶରେ ପୁରୀବାସୀଙ୍କୁ ମିଳୁ ସ୍ୱତନ୍ତ୍ର ସୁବିଧା

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଶ୍ରୀମନ୍ଦିର ସେବାୟତ

ପୁରୀ,୧୦।୧୧(ସମିସ)

ସମୟ ଥିଲା ପୁରୀବାସୀ ଶ୍ରୀମନ୍ଦିର ଭିତରକୁ ଅବାଧରେ ଯା'ଆସ କରୁଥିଲେ। ଦିନକୁ ଏକାଧିକଥର ମନ୍ଦିର ଯାଉଥିଲେ। ହେଲେ ପ୍ରଶାସନିକ କଟକଣା ଯୋଗୁଁ ଏବେ ଆଉ ସେଭଳି ସ୍ଥିତି ନାହିଁ। ମହାପ୍ରଭୁଙ୍କ ଦର୍ଶନ ଏବଂ ମହାପ୍ରସାଦ ପାଇବାରେ ପୁରୀ ସହରବାସୀ ହଇରାଣ ହେଉଛନ୍ତି। ତେଣୁ ସେମାନେ ଯେପରି ଶ୍ରୀମନ୍ଦିରକୁ ସହଜ ପ୍ରବେଶ କରିପାରିବେ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଛି। ଏହି ଦାବି ଏବେ ଜୋର୍ ଧରିଲାଣି। ପୁରୀ ପୌରାଞ୍ଚଳର ବିଭିନ୍ନ ବର୍ଗର ଲୋକେ ଏକାଠି ହେଲେଣି। ଆଉ ଏଥିରେ ଖୋଦ୍ ସ୍ୱର ମିଶାଇଛନ୍ତି ଶ୍ରୀମନ୍ଦିର ସେବାୟତ। ସୋମବାର ଶ୍ରୀମନ୍ଦିର ସେବାୟତ ସଂଘ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି।

ଚାରିଧାମ ମଧ୍ୟରୁ ଅନ୍ୟତମ ଶ୍ରୀକ୍ଷେତ୍ର ପୁରୀ। ଏଠାରେ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ପାଇଁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥା'ନ୍ତି। ପର୍ବପର୍ବାଣୀ ଏବଂ ଛୁଟିଦିନରେ ଏହି ସଂଖ୍ୟା ଲକ୍ଷାଧିକ ରୁହେ। ତେଣୁ ଭିଡ଼କୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଥିବାବେଳେ ଏହାର ପ୍ରଭାବ ପୁରୀବାସୀଙ୍କ ଉପରେ ପଡୁଛି। ବିଶେଷକରି ଭିଡ଼ ଦିନମାନଙ୍କରେ ମହାପ୍ରଭୁଙ୍କର ଦର୍ଶନ ଓ ମହାପ୍ରସାଦ ପାଇବା ପାଇଁ ପୁରୀବାସୀ ପ୍ରବଳ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ପୂର୍ବରୁ ଏହାର ସମାଧାନ ପାଇଁ ଆଧାର ପରିଚୟପତ୍ର ଦେଖାଇ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ରହିଥିବାବେଳେ ବର୍ତ୍ତମାନ ସେ ସୁବିଧା ଉପଲବ୍ଧ ନାହିଁ। ପୁରୀବାସୀ ଦର୍ଶନ ଓ ମହାପ୍ରସାଦ ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ ପଞ୍ଚୁକ ସମୟରେ ଏପରି ପରିସ୍ଥିତି ଉପୁଜୁଥିବାବେଳେ ଏହାକୁ ନେଇ ପୁରୀ ସହରବାସୀଙ୍କ ମଧ୍ୟରେ କ୍ଷୋଭ ବୃଦ୍ଧି ପାଇଥିବାବେଳେ ଏହା ଏବେ ଏକ ଆନ୍ଦୋଳନର ରୂପ ନେବାକୁ ଯାଉଛି। ପୁରୀବାସୀଙ୍କ ମଧ୍ୟରେ ଏହାକୁ ନେଇ ସ୍ୱର ତେଜିବାରେ ଲାଗିଥିବାବେଳେ ଶ୍ରୀମନ୍ଦିର ସେବାୟତ ସଂଘ ମଧ୍ୟ ଏହାକୁ ସମର୍ଥନ ଦେଇଛି। ପୁରୀବାସୀ ଶ୍ରୀମନ୍ଦିରରେ ସହଜରେ ପ୍ରବେଶ କରି ଆନନ୍ଦ ବଜାରରୁ ମହାପ୍ରସାଦ ଆଣିପାରୁ ନ ଥିବାବେଳେ ଏହା ସ୍ଥାୟୀ ବାସିନ୍ଦାଙ୍କ ମନରେ ଉଦ୍‌ବେଗ ପ୍ରକାଶ କରିଛି। ସନାତନ ଧର୍ମ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ମଙ୍ଗଳ ଆଳତିଠାରୁ ପହୁଡ଼ ନୀତି ପର୍ଯ୍ୟନ୍ତ ଦର୍ଶନ କରିବା ନେଇ ଅନେକ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଇଚ୍ଛା ରହିଥାଏ। ହେଲେ ଏବେ ପ୍ରଶାସନର କଟକଣା ବାଧକ ସାଜୁଛି। ପ୍ରତିଟି ମାଙ୍ଗଳିକ କାର୍ଯ୍ୟରେ ମହାପ୍ରଭୁଙ୍କ ମହାପ୍ରସାଦଠୁ ଆରମ୍ଭ କରି ଲଡୁ ମାହାର୍ଦ୍ଦର ଆବଶ୍ୟକତା ପଡ଼ିଥାଏ। ନିର୍ବନ୍ଧ ହେଲେ ମାହାର୍ଦ୍ଦ ଟେକିବା ପାଇଁ ସୂର୍ଯ୍ୟ ମନ୍ଦିର ହେଉ ଅବା ସାବିତ୍ରୀରେ ଲକ୍ଷ୍ମୀ ମନ୍ଦିରକୁ ଅଥବା ମିଳିମିଳା ବା ହାଡ଼ଫୁଟି ପାଇଁ ଶୀତଳାଙ୍କ ପାଖକୁ ଯିବାକୁ ପଡ଼ିଥାଏ। ଏତଦ୍‌ବ୍ୟତୀତ ଅନେକ ପୁରୀବାସିନ୍ଦା ଶ୍ରୀମନ୍ଦିରକୁ ଏକାଧିକଥର ଦର୍ଶନ ପାଇଁ ଯାଇଥା'ନ୍ତି। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତଃପ୍ରୋତ ଭାବେ ଜଡ଼ିତ। ଶହ ଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତି ସ୍ୱପ୍ନ ପାଲଟି ଯାଇଛି। ତେଣୁ ପୁରୀ ସହରବାସୀ ଯେପରି ସହଜରେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ସେ ନେଇ ବ୍ୟବସ୍ଥା କରିବାକୁ ଦାବି କରିଛି ଶ୍ରୀମନ୍ଦିର ସେବାୟତ ସଂଘ। ପୂର୍ବରୁ ଯେଉଁଭଳି ପରିଚୟପତ୍ର ଦେଖାଇ ଗୋଟିଏ ଦ୍ୱାରରେ ଯାଉଥିଲେ ସେଭଳି ବ୍ୟବସ୍ଥା କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।






ସିଦ୍ଧ ମହାବୀରଙ୍କ ନାଗାବେଶ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

## ଇନ୍ଦିରା ପ୍ରତିହାରୀଙ୍କୁ ନୃତ୍ୟ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

**ପୁରୀ,୧୦।୧୧(ସମିସ):** ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ରବିବାର ସଙ୍ଗୀତ ସାଧିକା ଇନ୍ଦିରା ପ୍ରତିହାରୀଙ୍କୁ ନୃତ୍ୟ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କଳାକାର। ଏହି କାର୍ଯ୍ୟକ୍ରମରେ କବି ତିଳକ ଆର୍ତ୍ତତ୍ରାଣ ଶତପଥୀ, ରବିନାରାୟଣ ଗୁରୁ, ରଘୁନାଥ ମହାପାତ୍ର, ଶିବସୁନ୍ଦର ମିଶ୍ର ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପ୍ରତିହାରୀଙ୍କର ଶିକ୍ଷା ଓ ସଙ୍ଗୀତ ଜଗତ ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଇନ୍ଦିରା ପ୍ରତିହାରୀ ସ୍ମୃତି ସଂସଦ ପକ୍ଷରୁ ଏହି ଅବସରରେ ଓଡ଼ିଶୀ ସଙ୍ଗୀତ ପାଇଁ ସଂଯୁକ୍ତା ନନ୍ଦ ଏବଂ ମର୍ଦ୍ଦଳ ବାଦନରେ ରବିନାରାୟଣ ପଣ୍ଡାଙ୍କୁ ଇନ୍ଦିରା ପ୍ରତିହାରୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ନିବେଦିତା ପ୍ରତିହାରୀ ଓ ଦଳ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ମାଧବ ଶ୍ରୀନନ୍ଦନ ଓ ଗ୍ରୁପ୍ ପକ୍ଷରୁ ମେଳ ମର୍ଦ୍ଦଳ ବାଦନ, ସତ୍ୟନାରାୟଣ ଗୁରୁଙ୍କ ଗ୍ରୁପ୍ ପକ୍ଷରୁ ସିତାର ବାଦନ ଏବଂ ଯୁବ କଣ୍ଠଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ ହୋଇଥିଲା। ବିଜୟ କୁମାର ମହାପାତ୍ର, ରବିନାରାୟଣ ପଣ୍ଡା, ହରିଶ୍ଚନ୍ଦ୍ର ଦାଶ, ଅନିଲ କୁମାର ଦାସ, ଜଗବନ୍ଧୁ ସାହୁ, ମାଧବ ଶ୍ରୀନନ୍ଦନ, ବଟଗୋପାଳ ତ୍ରିପାଠୀ, ଦେବାଶିଷ ଦାଶ, ଦେବାଶିଷ ପଟ୍ଟନାୟକ ସହଯୋଗ କରିଥିଲେ। ସଂସଦର ସଭାପତି ସଂଯୁକ୍ତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣତାନ୍ତ୍ରିକ ମହିଳା ସମିତିର ବିକ୍ଷୋଭ




**ପୁରୀ,୧୦।୧୧(ସମିସ):** ଦେଶରେ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀଙ୍କୁ ଶୋଷଣ କରୁଛନ୍ତି। ମହିଳା ସଶକ୍ତୀକରଣ ନାଁରେ ସମ୍ପୃକ୍ତ ସଂସ୍ଥା ଅଧିକ ସୁଧ ଆଦାୟ କରୁଛନ୍ତି। ଋଣ ଦେବା ପାଇଁ ଲାଞ୍ଚ କାରବାର ହେଉଛି। ଉଦ୍ଦେଶ୍ୟ ସାଧିତ ହେଉନି। ଋଣ ଭାରରେ ମହିଳା ଆତ୍ମହତ୍ୟା କରୁଛନ୍ତି। ଏହା ବିରୋଧରେ ସୋମବାର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପୁରୀ ଜିଲ୍ଲା କମିଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ଦେଇଛି। ଏଥିରେ ଦାବି କରାଯାଇଛି ଯେ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସରଳ ପଦ୍ଧତିରେ ସମସ୍ତ ସରକାରୀ ବ୍ୟାଙ୍କ ଦ୍ୱାରା ବିନା ସୁଧରେ ଋଣ ପ୍ରଦାନ, ଋଣ ପ୍ରଦାନରେ ମହିଳାମାନଙ୍କୁ ଅଗ୍ରାଧିକାର, ୫୦ଲକ୍ଷ ଟଙ୍କା ଋଣ ପର୍ଯ୍ୟନ୍ତ ସିବିଲ ପାଇଁ ବାଧ ନ କରିବା, କୋଭିଡ୍ ସମୟରେ ନେଇଥିବା କିସ୍ତି ଓ ଜରିମାନାକୁ ଫେରସ୍ତ କରିବା, ମାଇକ୍ରୋ ଫାଇନାନ୍ସ ଓ ବେସରକାରୀ ସଂସ୍ଥା ଋଣର ସୁଧ ୧୨ ପ୍ରତିଶତ ରଖି ସେମାନଙ୍କ ଦ୍ୱାରା ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାର ଅଭିଯୋଗ ସମାଧାନ ନିମନ୍ତେ ବ୍ଲକ୍‌ରେ ସ୍ୱତନ୍ତ୍ର ପ୍ରକୋଷ୍ଠ, ମନରେଗାରେ ମହିଳାମାନଙ୍କୁ ୨୦୦ଦିନର କାମ ଦାବି କରାଯାଇଥିଲା। ଜିଲ୍ଲା ସଭାନେତ୍ରୀ ଶୈଳବାଳା ତ୍ରିପାଠୀ, ଉପ ସଭାନେତ୍ରୀ ହାରାମଣି ମହାପାତ୍ର, ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧି, ସୁଷମା ସାହୁ, ବିଷ୍ଣୁ ମିଶ୍ର, ତରୁଲତା ମିଶ୍ର, କୋକିଳ ବେହେରା, ଝୁନାମଣି ମହାପାତ୍ର ପ୍ରମୁଖ ଏହି ଦାବି କରିଛନ୍ତି।

## ଶ୍ରୀକ୍ଷେତ୍ର ପରିକ୍ରମା କଲେ ସାଧୁସନ୍ଥ, ଶ୍ରଦ୍ଧାଳୁ



**ପୁରୀ,୧୦।୧୧(ସମିସ):** ମାର୍ଗଶୀର ଶୁକ୍ଳ ପଞ୍ଚମୀରେ ଶ୍ରୀକ୍ଷେତ୍ରରେ ପଞ୍ଚତୀର୍ଥ ଓ ଶ୍ରୀକ୍ଷେତ୍ର ପରିକ୍ରମାର ବିଧି ରହିଛି। ଏହି ପରିକ୍ରମା ଶ୍ରୀଚୈତନ୍ୟଙ୍କ ସମୟରୁ ଆରମ୍ଭ ହୋଇଛି। କାର୍ତ୍ତିକ ମାସ ପରେ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବଦେବୀ ମନ୍ଦିର ଦର୍ଶନ କରିବା ସହ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିଥା'ନ୍ତି। ସୋମବାର ବିଭିନ୍ନ ମଠରୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବାହାରି ସିଂହଦ୍ୱାରରେ ପହଞ୍ଚିଥିଲେ। ସେଠାରୁ ଦିରିଆମହାବୀର, ସିଦ୍ଧମହାବୀର, ଆଲାମଚଣ୍ଡି, ଶ୍ରୀଲୋକନାଥ ପୀଠ, ସ୍ୱର୍ଗଦ୍ୱାର, ଚକ୍ରତୀର୍ଥ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଛନ୍ତି। ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ହରିନାମ ସଂକୀର୍ତ୍ତନରେ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପଦଯାତ୍ରା ସମୟରେ ବାଟରେ ପଡୁଥିବା ବିଭିନ୍ନ ତୀର୍ଥସ୍ଥଳ ବୁଲିଥିଲେ ପଦଯାତ୍ରୀ। ଶ୍ରୀକ୍ଷେତ୍ରର ବିଭିନ୍ନ ମଠରୁ ଏହି ପରିକ୍ରମା ବାହାରିଥିଲା। ପରିକ୍ରମାରେ ସାମିଲ୍ ଶ୍ରଦ୍ଧାଳୁମାନଙ୍କଠାରେ ଶ୍ରୀଚୈତନ୍ୟଙ୍କ ପ୍ରତି ଥିବା ଗଭୀର ଶ୍ରଦ୍ଧା ଏବଂ ଭକ୍ତିଭାବ ଦେଖିବାକୁ ମିଳିଥିଲା।

**ଶ୍ରୀଚୈତନ୍ୟଙ୍କ ପଥ ଅନୁସରଣ କଲେ**

ଚୈତନ୍ୟ ଯେଉଁ ପଥ ଦେଇ ପରିକ୍ରମା କରିଥିଲେ ସେହି ପଥକୁ ହିଁ ଅନୁସରଣ କରିଥିଲେ ଶ୍ରଦ୍ଧାଳୁ। ପାଖରେ ଭଲ ରାସ୍ତା ଥିଲେ ମଧ୍ୟ ସେ ବାଟ ଦେଇ ଯାଇ ନ ଥିଲେ। ବରଂ ପାଣିକାଦୁଅ, ନାଳ, ଖାଲଖମା ଏବଂ ଅଣଓସାରିଆ ରାସ୍ତା ଦେଇ ଯାଉଥିବା ଦେଖିବାକୁ ମିଳିଥିଲା। ଉଦ୍ଦେଶ୍ୟ ଥିଲା ଶ୍ରୀଚୈତନ୍ୟ ଯେଉଁ ବାଟ ଦେଇ ଯାଇଥିଲେ ସେହି ବାଟରେ ହିଁ ସେମାନେ ଯିବେ।

**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023** | **Dated: 24/01/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasilof Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions.

**1. General Conditions**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 4.519 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The non forest land of 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval. |
| 1.4 | The user agency shall transfer the cost of raising and maintaining the CA/Addl. CA at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. |
| 1.5 | Compensatory afforestation shall be raised over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.6 | Addl. Compensatory afforestation shall be raised over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.8 | A Site Specific Wildlife Conservation Plan shall be prepared and duly approved by Chief Wildlife Warden, Odisha shall be implemented at project cost. The fund for implementation of Site Specific Wildlife Conservation shall be deposited by the user agency after duly vetted by Regional Office, MoEF&CC, Bhubaneswar. |
| 1.9 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.10 | The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be. |
| 1.11 | All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance. |
| 1.12 | The compliance report of the Stage-I approval shall be uploaded on e-portal (https://parivesh.nic.in/). |
| 1.13 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.14 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.15 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.16 | Speed regulating signage will be erected along the railway line at regular intervals in Protected Areas/Forest Areas. |

| S. No | Conditions |
|---|---|
| 1.17 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLWL of the State Govt. There should be regular communication with the local forest department to know the presence/movement of elephant near the track. |
| 1.18 | The designing of culverts/bridges, if any over the natural streams/rivers/canals should be done in such a manner that it does not hamper the natural course of water, does not give rise to water logging, and also does not hamper movement of wild animals including elephant. |
| 1.19 | The reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed |
| 1.20 | The user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.21 | The user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.22 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.23 | No additional or new path will be constructed inside the forest area for any activity related to the project work. |
| 1.24 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.25 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.26 | The forest land shall not be used for any purpose other than that specified in the proposal. |
| 1.27 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.28 | No damage to the flora and fauna of the adjoining area shall be caused. |
| 1.29 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.30 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.31 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.32 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.33 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**
**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year ("working permission" means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of nonforest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Dr. Padma Mahanti)**
**Dy. Inspector General of Forests (C)**

# ସମ୍ପାଦକୀୟ



ଆମ ଭିତରୁ ଆଜି ଶାନ୍ତି ହଜିଯାଉଛି, କାରଣ ସମସ୍ତେ ସମସ୍ତଙ୍କ ପରିପୂରକ ବୋଲି ଆମେ ଭୁଲି ଯାଉଛେ।
-ମଦର ଟେରେସା

ସକାଳ THE SAKALA

## ଅଘଟଣ ପାଇଁ ଦାୟୀ କିଏ?

ହଜାରେ ବର୍ଷର ପୁରୁଣା ସହର କଟକ। ଯେଉଁଠି ସମ୍ଭ୍ରାନ୍ତୀୟ ଠାଣିରେ ହାକିମ ଓ ଜମିଦାରଙ୍କ ସୌଧ ମୁଣ୍ଡ ଟେକିଛି ସେଠି ଅଛି ଛୋଟ ବଡ଼ ଚାଳଘର। ସମୟ ବଦଳିବା ସହ ସେହି ଜୀବନଧାରା କୁଆଡ଼େ ହଜିଗଲାଣି। ଚାଳ ଛପର ଘର ସ୍ଥାନରେ ମୁଣ୍ଡ ଟେକିଲାଣି ଛାତ ଘର। କିନ୍ତୁ ସେହି ପୁରଣା ସୌଧ ସେମିତି ମୁଣ୍ଡ ଟେକି ରହିଛି। ତିନି ପୁରୁଷର ଘରକୁ ମରାମତି ପାଇଁ ଏବେ ଯେଉଁମାନେ ଅଛନ୍ତି ସେମାନଙ୍କ ଖୋସଣିରେ ପଇସା ନାହିଁ। ଏମିତି କିଛି ଘର ଅଛି ଯାହାକି ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଛି। ତାହାର ଦେଖାଶୁଣା ଦାୟିତ୍ୱରେ ଥିବା ଉତ୍ତର ପିଢ଼ି ସହର ଛାଡ଼ି ଅନ୍ୟତ୍ର ଘରବାଡ଼ି କରି ଅବସ୍ଥାନ କରିଛନ୍ତି। ଯେଉଁଠି ବିଶାଳକାୟ ସୌଧ ବା ଇମାରତ୍ ଅଛି ତତ୍‌ସଂଲଗ୍ନ ଅଞ୍ଚଳରେ ଗରିବ ଗୁରୁବାଙ୍କ ଛୋଟବଡ଼ ଘର ଅଛି। ଏମାନେ ପରସ୍ପର ଉପରେ ନିର୍ଭରଶୀଳ। ଆଜିକାଲି ସହରତଳି ଅଞ୍ଚଳରେ ଦିନ ମଜୁରିଆଙ୍କ ବସ୍ତି ମୁଣ୍ଡ ଟେକିଲାଣି। ବିପଦସଂକୁଳ ଅବସ୍ଥାରେ କୋଠାବାଡ଼ିଗୁଡ଼ିକୁ ଠିକଣା ସମୟରେ ଭାଙ୍ଗି ଦିଆନଗଲେ ତାହା ପାଖ ପଡ଼ିଶାଙ୍କ ପାଇଁ ନିଶ୍ଚୟ ଦିନେ ନା ଦିନେ ବିପଦ ହେବ। ଯାହା ଗତ ଶନିବାର କଟକ ମଣି ସାହୁ ଛକରେ ପରିଲକ୍ଷିତ ହୋଇଥିଲା। ଅସୁରକ୍ଷିତ ଘୋଷିତ ଆପାର୍ଟମେଣ୍ଟରେ ବାଲକୋନି ଭୁଶୁଡ଼ି ପଡ଼ିଲା। ତଳେ ଟିଣ ଛପର ଘରେ ରହୁଥିବା ଗୋଟିଏ ପରିବାରର ୩ ଜଣ ଙ୍କ ପ୍ରାଣହାନି ଘଟିଲା ଏବଂ ଅନ୍ୟ ୪ ଜଣ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଗତ ଦଶ ବର୍ଷ ତଳେ ସହରରେ ଭୂମିକମ୍ପ ଅନୁଭୂତ ହୋଇଥିବାରୁ ବହୁ କୋଠାରେ ଫାଟ ସୃଷ୍ଟି ହୋଇଥିଲା। ଜିଲ୍ଲା ପ୍ରଶାସନ ମହାନଗର ନିଗମ ଓ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା ମିଳିତ ସର୍ଭେରେ ସହରର ୨୩୭ ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୧୬ଟିକୁ ଭାଙ୍ଗି ସେଠାରେ ନୂଆ ଇମାରତ ମୁଣ୍ଡଟେକିଛି। ଅବଶିଷ୍ଟ ଅସୁରକ୍ଷିତ ୨୨୧ ଟି ପ୍ରାସାଦ ସେମିତି ମୁଣ୍ଡ ଟେକି ରହିଛି। କେତେବେଳେ କାହା ଉପରେ ଭୁଶୁଡ଼ି ପଡ଼ିବ ତାହାର କୌଣସି ଠିକଣା ନାହିଁ। ହାଇକୋର୍ଟଙ୍କ ତାଗିଦ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଘରମାଲିକଙ୍କୁ କେବଳ ନୋଟିସ ଦେଇ ଚୁପ ରହିଛି ପ୍ରଶାସନ। ସବୁଠାରୁ ଉଲ୍ଲେଖନୀୟ ହେଲା, ସରକାରୀ କ୍ୱାର୍ଟର୍ସ ଅଫିସ ଓ ଅବ୍ୟବହୃତ ଗୋଦାମ ଘର ସଂଖ୍ୟା ସବୁଠାରୁ ଅଧିକ। ଏକ୍ଷେତ୍ରରେ କିଏ କାହାକୁ ନୋଟିସ ଦେବ? ଅନ୍ତତଃ ସରକାରୀ ବ୍ୟବସ୍ଥା ଏଥିପ୍ରତି ସଚେତନ ହେବା ଜରୁରୀ। ମଣିସାହୁ ଛକ ଘଟଣା ପରେ ଜିଲ୍ଲା ପ୍ରଶାସନ, ମହାନଗର ନିଗମ ଓ ସିଡିଏ କର୍ତ୍ତୃପକ୍ଷ ଏହି ଦିଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଆମେ ଆଶା କରୁ। ରାଜ୍ୟର ଐତିହାସିକ ସ୍ମୃତିର ସ୍ମାରକ ରୂପେ ପ୍ରସିଦ୍ଧ ଅଟ୍ଟାଳିକାର ମଧ୍ୟ ବ୍ୟବସ୍ଥିତ ଢଙ୍ଗରେ ସୁରକ୍ଷା ହେବା ଜରୁରୀ। ●

## କୁହାମୁଣ୍ଡା କପିଳା

ଜୁନ ୨୯ ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଘଟିଥିବା ଦଳାଚକଟା ଓ ଚରମ ବିଶୃଙ୍ଖଳାର କାରଣ ସଂପର୍କରେ ତଦନ୍ତ କମିଟି ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଛି। ଏହି ଘଟଣାରେ ୩ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୨୦ ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ସେତେବେଳେ ସରକାର ତୁରନ୍ତ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ବଦଳି କରି ଜନଅସନ୍ତୋଷକୁ ପ୍ରଶମିତ କରିଥିଲେ। ଉନ୍ନୟନ କମିଶନଙ୍କ ରିପୋର୍ଟ କିନ୍ତୁ ସରକାରଙ୍କ ମୁଖା ଖୋଲି ଦେଇଛି। ରାଜ୍ୟ କ୍ଷମତାରେ ଥିବା ନୂଆ ସରକାର, ଅନଭିଜ୍ଞ ଓ ଅପରିପକ୍ୱ। କିନ୍ତୁ ବାକ୍ୟବୀରଙ୍କ ବାକ୍‌ପଟୁତାରେ କେହି ତାଙ୍କ ସରି ହେବେନାହିଁ। ସମନ୍ୱିତ ନିୟନ୍ତ୍ରଣ କେନ୍ଦ୍ର(ଆଇସିସିସି )ର ଦାୟିତ୍ୱ ଥିଲା ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଏବଂ ଜରୁରୀସ୍ଥିତି ଓ ଭିଆଇପିଙ୍କ ଗସ୍ତକୁ ସୁନିୟୋଜିତ ଉପାୟରେ ପରିଚାଳନା କରିବା। ଅସଲ ସମୟରେ ଏହି ବ୍ୟବସ୍ଥା ଫସର ଫାଟି ଯାଇଥିଲା। ଆଇସିସିସିକୁ ସହାୟତା ଯୋଗାଇବା ସକାଶେ ଯେଉଁ ଯାନ୍ତ୍ରିକ ବ୍ୟବସ୍ଥା ଉପରେ ନିର୍ଭର କରାଯାଉଥିଲା ସେ ସବୁ ଥିଲା ନିମ୍ନମାନର। ଅଥଚ ସେସବୁରୁ ଉପଯୋଗିତା ସଂପର୍କରେ ଧାରଣା ନଥିବା ଲୋକେ ବଡ଼ ବଡ଼ କଥା କହି ରାଜ୍ୟବାସୀଙ୍କୁ ଭରସା ଦେଇଥିଲେ। ଏବର୍ଷ ପ୍ରଥମ ଥର ପାଇଁ ବ୍ୟବହୃତ ହୋଇଥିବା ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସଂପୂର୍ଣ୍ଣ ଭାବେ ବିଫଳ ହୋଇଥିଲା। ସେହିଭଳି ଖଞ୍ଜାଯାଇଥିବା ସିସିଟିଭି ଭିଡ଼ ନିୟନ୍ତ୍ରଣ ପାଇଁ ଆଦୌ ଉପଯୋଗୀ ନଥିଲା। ଡ୍ରୋନ ମାଧ୍ୟମରେ ବ୍ୟବସ୍ଥାର ତଦାରଖ ଉଦ୍ୟମ ଅନ୍ୟ ଏକ ନିଷ୍ଫଳ ପ୍ରୟାସ। ଏହିସବୁ ସାଜ ସରଂଜାମ ଯୋଗାଇଥିବା ସଂସ୍ଥା (ଭେଣ୍ଡର) କୁ ରିପୋର୍ଟରେ କଳାତାଲିକାଭୁକ୍ତ କରିବାକୁ ପରାମର୍ଶ ଦିଆଯାଇଛି।

ଏକଥା ସତ ଯେ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୁଲିସ ବାହିନୀର। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଯାତ୍ରୀ ଭିଡ଼ ହେବାରେ କିଛି ଅସ୍ୱାଭାବିକ ନାହିଁ। ରଥ ସାମ୍ନାରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ଲାଗି ରହିଥିବା ବେଳେ ଚାରମାଳ ଲଦା ଯାଇଥିବା ଟ୍ରକ ଧସେଇ ପଶି ଆସିଲା। ଏହି ଟ୍ରକର ପ୍ରବେଶ ଅନୁମତି ହିଁ ତଥାକଥିତ ବିଭ୍ରାଟ ପାଇଁ ଅନେକାଂଶରେ ଦାୟୀ। ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀ ଓ ନିୟନ୍ତ୍ରଣ କକ୍ଷ ମଧ୍ୟରେ ଯୋଗାଯୋଗ ନ ରହିବା ଅନ୍ୟତମ ପ୍ରମୁଖ କାରଣ। ଗୁଣ୍ଡିଚା ମନ୍ଦିର ସମ୍ମୁଖ ରଥରୁ ତିନିଠାକୁରଙ୍କ ବିଳମ୍ବିତ ପହଣ୍ଡି ବିଜେ ହେଉ ବା ଦାୟିତ୍ୱରେ ଥିବା ୭ ଜଣ ବିରଷ୍ଠ ପୁଲିସ୍ ଅଧିକାରୀଙ୍କ ଅନୁପସ୍ଥିତି ହେଉ ଦାୟିତ୍ୱ ନିର୍ବାହରେ ଗୁରୁତର ତ୍ରୁଟି ହୋଇଛି, ଯାହା ଅକ୍ଷମଣୀୟ। ତେଣୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ତଦନ୍ତ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଗୃହ ବିଭାଗ ପକ୍ଷରୁ ଏ ସଂପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ। ରିପୋର୍ଟର ତଥ୍ୟ ଅନୁଯାୟୀ ରଥଯାତ୍ରା ସମୟରେ ଅତି ବେପରବାୟ ଢଙ୍ଗରେ କର୍ତ୍ତୃପକ୍ଷ କାର୍ଯ୍ୟନିର୍ବାହ କରିଛନ୍ତି। ୨୭୫ ଟି ଏଆଇ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଥିବାବେଳେ ୧୨୩ ଟି କ୍ୟାମେରା କାର୍ଯ୍ୟକ୍ଷମ ଥିଲା। କ୍ୟାମେରାଠାରୁ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ଉପର ମୁହାଁ। ତେଣୁ ଯାତ୍ରୀ ଭିଡ଼ ଉପରେ ନଜର ରଖାଯାଇ ପାରିଲା ନାହିଁ। ଏପରିକି କିଛି କ୍ୟାମେରାରେ ନିୟନ୍ତ୍ରିଣ କକ୍ଷ ସହ ସଂଯୋଗ ନଥିଲା। ବଡ଼ ବଡ଼ ଏଲଇଡି ପ୍ୟାନେଲ ଓ ତଥାକଥିତ ଡ୍ରୋନର ମଧ୍ୟ ସଦୁପଯୋଗ ହୋଇପାରିନାହିଁ।

ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ସକାଶେ ଯେଉଁ ଆଡ଼ମ୍ବରପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଯେ ମିଛ ହାୱା ଏହା ପ୍ରମାଣିତ ହୋଇଛି ତଦନ୍ତ ରିପୋର୍ଟରୁ। ସରକାରଙ୍କୁ ମଧ୍ୟ ଏଥିରୁ ଶିକ୍ଷା ମିଳିଛି। ପଦାଧିକାରୀଙ୍କ ମିଛ ପ୍ରତିଶ୍ରୁତି ଉପରେ ନିର୍ଭର ନ କରି ତାହାର ଠିକଣା ଭାବେ ତଦାରଖ ନକଲେ ନିନ୍ଦା ଓ ଅପଯଶ ମୁଣ୍ଡାଇବାକୁ ପଡ଼ିବ। ●

# ନିଆଁ ସହ ଖେଳୁଛି ବାଂଲାଦେଶ



ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ନୋବେଲ୍ ପୁରସ୍କାର ପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଆଶାନୁରୂପ ଅଗ୍ରଗତି ପରିପାରିନାହିଁ। ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ। ସେ ତାଙ୍କ ଜାଣ ଅଜାଣତରେ ବାଂଲାଦେଶର ଭବିଷ୍ୟତକୁ ଏକପ୍ରକାର ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେଉଛନ୍ତି। ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ କରିବା ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ଭାରତ ବିରୋଧୀ ମନୋଭାବ ଓ ଚୀନ୍-ପାକିସ୍ତାନ ପ୍ରତି ବଶମ୍ବଦତା ପ୍ରମାଣିତ ହୋଇଛି। ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ଅପକର୍ମ ଓ ଅଯୋଗ୍ୟତା ପାଇଁ ଖୁବ୍‌ଶୀଘ୍ର ବାଂଲାଦେଶକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

ୟୁନୁସ୍ ଅପରିଣାଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବାଂଲାଦେଶର ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁ ନଥିବା ବେଳେ ନିକଟରେ ପାକିସ୍ତାନର ଏକ ଯୁଦ୍ଧଜାହାଜ ବଙ୍ଗୋପସାଗର ଉପକୂଳ ପାରି ହୋଇ ବାଂଲାଦେଶର ଚଟଗାଁରେ ପହଞ୍ଚିଛି। ଏଥିସହିତ ପାକିସ୍ତାନ ନୌସେନାର ଅନେକ ଉଚ୍ଚ ଅଧିକାରୀ ବାଂଲାଦେଶ ଆସିଛନ୍ତି। ବାଂଲାଦେଶର ନୌସେନା ଚୀନ୍ ନିର୍ମିତ ଏହି ଯୁଦ୍ଧଜାହାଜକୁ ବିପୁଳ ସ୍ୱାଗତ କରିଛି। ପ୍ରାୟ ୫୦ ବର୍ଷ ପରେ ପାକିସ୍ତାନ ସହିତ ଏଭଳି ସାମରିକ ସମ୍ପର୍କ ବୃଦ୍ଧି ଜରିଆରେ ବାଂଲାଦେଶ ଭାରତକୁ ପରାଭବ ଦେବା ପାଇଁ ଷଡ଼ଯନ୍ତ୍ର କରିପାରୁ ଥାଇପାରେ। କିନ୍ତୁ ନିଆଁ ସହିତ ଖେଳିଲେ ପରାଭବ କ'ଣ ହୁଏ ତାହା ବୋଧହୁଏ ୟୁନୁସ୍‌ଙ୍କୁ ୧୯୭୧ ମସିହାରେ ପାକିସ୍ତାନ ସେନାର ବର୍ବରତା ବିଷୟରେ ବିଶ୍ୱ ସମୁଦାୟ ସ୍ମରଣ କରିବା ଆବଶ୍ୟକ ନୁହେଁ। ପାକିସ୍ତାନ-ବାଂଲାଦେଶ ବନ୍ଧୁତ୍ୱକୁ ତ୍ୱରାନ୍ୱିତ କରିବା ଏହାପଛର କାରଣ ବୋଲି ବାଂଲାଦେଶ ପକ୍ଷରୁ କୁହାଯାଉଥିଲେ ହେଁ ପ୍ରଚ୍ଛନ୍ନ କାରଣ ବିଷୟରେ ପ୍ରାୟ ବିଶ୍ୱବାସୀ ଜାଣିଛନ୍ତି। ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ ନିଆଁ ସହିତ ଖେଳିବା ଭଳି। ଏହା ୟୁନୁସ୍ ଯେତେଶୀଘ୍ର ବୁଝିବେ ତାହା ତାଙ୍କ ଦେଶ ସହିତ ଭାରତ ପାଇଁ ଶୁଭଙ୍କର। ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେବା ଆବଶ୍ୟକ।

ଭୂ-ରାଜନୈତିକ ଦୃଷ୍ଟିକୋଣରୁ ଦକ୍ଷିଣ-ଏସିଆ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ବାଂଲାଦେଶର ଭୌଗୋଳିକ ଅବସ୍ଥିତି ଆମେରିକା ପାଇଁ ଗୁରୁତ୍ୱପୂର୍ଣ୍ଣ। ସେଠାରେ ନୌସେନା ଘାଟି ସ୍ଥାପନ କରି ଦକ୍ଷିଣ-ଚୀନ୍ ସାଗର ଓ ତାଇୱାନ୍ ଉପରେ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବାକୁ ଆମେରିକା ସଦା ଚେଷ୍ଟିତ। ଏଥିପାଇଁ ଆମେରିକା ଦେଇଥିବା ପ୍ରସ୍ତାବକୁ ଯଦି ହସିନା ଗ୍ରହଣ କରି ନେଇଥା'ନ୍ତେ ତେବେ ତାଙ୍କୁ ଗାଦିଚ୍ୟୁତ ହେବାକୁ ପଡ଼ି ନଥା'ନ୍ତା। ବାଂଲାଦେଶର ଅସ୍ଥିରତା ଓ ଏଥିରେ ଆମେରିକା-ପାକିସ୍ତାନର ପ୍ରଚ୍ଛନ୍ନ ଭୂମିକା ପୃଷ୍ଠଭୂମିରେ ଚୀନ୍ ମଧ୍ୟ ବାଂଲାଦେଶକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ଇତିମଧ୍ୟରେ ଚୀନ୍ ସହିତ ଆମେରିକାର ବାଣିଜ୍ୟ ଯୁଦ୍ଧ ପ୍ରମଶିତ ହେବା ସ୍ଥିତିକୁ ଆସିଯାଇଛି। ତେଣୁ ଆମେରିକା-ଚୀନ୍-ପାକିସ୍ତାନ ବାଂଲାଦେଶକୁ ସାମରିକ ଉପନିବେଶ କରିବାର ସମ୍ଭାବନା ଉଜ୍ଜ୍ୱଳ।

କାମଚଳା ଶାସନ ମୁଖ୍ୟ ୟୁନୁସ୍ ଜଣେ ଭଦ୍ର ଓ ଜ୍ଞାନୀ ବ୍ୟକ୍ତି। କିନ୍ତୁ ବୁଦ୍ଧିଜୀବୀର ଦୁନିଆ ରାଜନୀତିର ଦୁନିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ସେ ଖୁବ୍‌ଶୀଘ୍ର ଆମେରିକା, ଚୀନ୍ ଓ ପାକିସ୍ତାନର ଜାଲରେ ଫସିଗଲେ। ତେଣୁ ୟୁନୁସ୍ ଯେ ଆଗାମୀ ଦିନରେ ବାଂଲାଦେଶରେ ଢାଞ୍ଚାଗତ ସଂସ୍କାର ଏବଂ ନୀତି ନିର୍ଦ୍ଧାରଣରେ ଅନେକ ସମସ୍ୟାର ସମ୍ମୁଖୀନ ହେବେ ଏହା ଏବେଠାରୁ ଜଳଜଳ ଦିଶିଲାଣି। ବାଂଲାଦେଶରେ ଯାହା ଘଟୁଛି ତାହା ସେହି ଦେଶର ଆଭ୍ୟନ୍ତରୀଣ ବ୍ୟାପର; କିନ୍ତୁ ତା'ର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଯାହା ଘଟିବାକୁ ଯାଉଛି ତାହା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ।

ପ୍ରଥମତଃ, ଭାରତ ସହିତ ବାଂଲାଦେଶ ସୀମାନ୍ତ ସବୁଠାରୁ ଦୀର୍ଘ ୪୦୯୬ କିମି, ଯାହା ଉନ୍ମୁକ୍ତ। ଏଣୁ ସେଠାରେ ଯେକୌଣସି ଅଶାନ୍ତି, ଅସ୍ଥିରତା, ଅରାଜକତା ସୃଷ୍ଟି ହେଲେ ଅନୁପ୍ରବେଶକାରୀଙ୍କ ସମେତ ବିଭିନ୍ନ ସଶସ୍ତ୍ର ଉଗ୍ରବାଦୀ ସଂଗଠନର କାର୍ଯ୍ୟକଳାପ ଭାରତରେ ବୃଦ୍ଧି ପାଇବା ନିଶ୍ଚିତ। ଭୌଗୋଳିକ ଅବସ୍ଥିତି ଦୃଷ୍ଟିକୋଣରୁ ବାଂଲାଦେଶ ବାତ୍ୟା, ମରୁଡ଼ି, ଚାଷଜମିରେ ଲୁଣା ମାଡ଼ିଯିବା ଆଦି ପ୍ରାକୃତିକ ଦୁର୍ବିପାକରେ ଗୁରୁତର ପ୍ରଭାବିତ ଦେଶ। ତେଣୁ ସେଠାରେ ସାମାନ୍ୟତମ ବିପର୍ଯ୍ୟୟରେ ଭାରତ ଉପରେ ଅନୁପ୍ରବେଶ ସମସ୍ୟା ବୋଝ ଆହୁରି ବଢ଼ିବ। ଭାରତ ବିରୋଧୀ ଆଭିମୁଖ୍ୟରେ ଚୀନ୍ ଓ ପାକିସ୍ତାନ ବାଂଲାଦେଶର ମୌଳବାଦୀ ଉଗ୍ର ସଂଗଠନଗୁଡ଼ିକୁ ଆର୍ଥିକ ଓ ସାମରିକ ସହାୟତା ଓ ସମର୍ଥନ ଯୋଗାଇ ଆସୁଛନ୍ତି। ବାଂଲାଦେଶର ଅର୍ଥନୀତି ଗୁରୁତର ଚାପରେ ରହିଛି। କୃଷି, ଶିଳ୍ପ ଗୁରୁତର ପ୍ରଭାବିତ ହୋଇଥିବାରୁ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଏଥିରୁ ଚୀନ୍ ଫାଇଦା ଉଠାଇବା ବିଚିତ୍ର ନୁହେଁ।

ବାଂଲାଦେଶର ଅସ୍ଥିରତା ଭାରତକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଭୂରାଜନୈତିକ, କୂଟନୈତିକ, ଅର୍ଥନୈତିକ, ଆଭ୍ୟନ୍ତରୀଣ ସୁରକ୍ଷା, ସାର୍ବଭୌମ ଓ ଅଖଣ୍ଡତା ଦୃଷ୍ଟିରୁ ପ୍ରଭାବିତ କରିବା ନିଶ୍ଚିତ। ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ସହିତ ମୂଳ ଭୂଖଣ୍ଡକୁ ସଂଯୋଗ ପଥ(ଚିକେନ୍ ନେକ୍)ଅଧିକ ବିପଦସଂକୁଳ ହୋଇପଡ଼ିବ। ଏହାଦ୍ୱାରା ଉତ୍ତର-ପୂର୍ବ ରାଜ୍ୟ ମଣିପୁର, ତ୍ରିପୁରା, ମେଘାଳୟ ଓ ଆସାମ ସୀମା ଦେଇ ଆତଙ୍କବାଦୀ, ଡ୍ରଗ୍ସ, କଳା ଟଙ୍କା ଓ ବେଆଇନ କାରବାର ଭାରତରେ ବଢ଼ିବାର ଆଶଙ୍କା ଅଧିକ। ଯଦି ସେଠାରେ ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ବିଏନ୍‌ପି ନେତ୍ରୀ ଖଲିଦା ଜିଆ କିମ୍ବା ଜମାତ୍ ଏ ଇସ୍‌ଲାମ୍ ନେତା ସଫିକ୍ ଉର ରହମାନ୍ ଶାସନ କ୍ଷମତାକୁ ଆସନ୍ତି ତେବେ ସେମାନେ ଯଥାକ୍ରମେ ଚୀନ୍ ଓ ପାକିସ୍ତାନର ଇଙ୍ଗିତରେ ଭାରତରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ରହିଥିବା ବେଳେ ବାଂଲାଦେଶର ଶାନ୍ତି ଓ ସ୍ଥିରତା ମଧ୍ୟ ବ୍ୟାଘାତ ହେବ।

ଏବେ ୟୁନୁସ୍‌ଙ୍କ ଆଗରେ ମୁଖ୍ୟ ଆହ୍ୱାନ ରହିଛି ସେ ଦେଶରେ ନୀତିଗତ ସଂସ୍କାର ଏବଂ ଗଣତାନ୍ତ୍ରିକ ସରକାରର ପ୍ରତିଷ୍ଠା। ପାକିସ୍ତାନ ଓ ଚୀନ୍ କୋଳରେ ବସିଲେ ତାହା ଆଦୌ ସମ୍ଭବ ନୁହେଁ। କିନ୍ତୁ ଏ କଥା ୟୁନୁସ୍‌ଙ୍କୁ ବୁଝାଇବ କିଏ? ଓଡ଼ିଆରେ ଗୋଟେ ଢଗ ଅଛି - ନିଆଁ ଗିଳିଲେ ଅଙ୍ଗାର ବାହାରିବ। ଏବେ ପାକିସ୍ତାନ ରୂପୀ ଯେଉଁ ନିଆଁକୁ ୟୁନୁସ୍ ଗଳାହାର କରିଛନ୍ତି ତାହାର ପରାଭବ ବୁଝିବା ବେଳକୁ ବାଂଲାଦେଶର ରାଜନୀତି, ଅର୍ଥନୀତି, ଶାନ୍ତି, ସ୍ଥିରତା, ଗଣତନ୍ତ୍ର ଅଙ୍ଗାର ପାଲଟି ଯାଇଥିବ। ●

(ସକାଳ ମିଡିଆ ସର୍ଭିସ୍)

# କ୍ୱାଣ୍ଟମ୍ କମ୍ପ୍ୟୁଟିଂ: ଆଶା ଓ ଆହ୍ୱାନ

ଡ. ଗୌରୀ ଶଙ୍କର ତ୍ରିପାଠୀ

୨୦୨୫ କ୍ୱାଣ୍ଟମ୍ ମେକାନିକ୍ସର ପ୍ରଥମ ୧୦୦ ବର୍ଷ। ଏକ ବିରାଟ ମାଇଲଖୁଣ୍ଟ। କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଅନ୍ତର୍ଜାତୀୟ ବର୍ଷ (ଆଇୱାଇକ୍ୟୁ) ରେ ବହୁତ କିଛି ଲେଖାଯାଇଛି। ତଥାପି ମୁଁ କ୍ୱାଣ୍ଟମ୍ ପ୍ରଯୁକ୍ତିର ଏକ ନିର୍ଦ୍ଦିଷ୍ଟ ଅଂଶ, ଅର୍ଥାତ୍ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଉପରେ ଏହି ଆଲେଖ୍ୟରେ କିଞ୍ଚିତ ଆଲୋଚନା କରିବାକୁ ଚାହେଁ।

ଲୋକମାନେ ନିଶ୍ଚିତ ଭାବରେ କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ଭଲ କାମ କରିବା ପାଇଁ ବ୍ୟବହାର କରୁଛନ୍ତି ଏବଂ ନିଶ୍ଚିତ ଭାବରେ ଏଗୁଡ଼ିକ ଖୁବ୍‌ଶୀଘ୍ର ଶାସ୍ତ୍ରୀୟ କମ୍ପ୍ୟୁଟର ପରି ସାଧାରଣ ହୋଇଯିବ। କିନ୍ତୁ ପ୍ରକୃତରେ ଅବସ୍ଥା କ'ଣ, ତାହାର ଏକ ସ୍ୱଷ୍ଟ ଚିତ୍ର ଏବେବି ଅସ୍ୱଷ୍ଟ। ଆମେ ଏ କ୍ଷେତ୍ରରେ ଆହୁରି ଅଗ୍ରଗତି କରିବା ପୂର୍ବରୁ ମନେ ପକାଇବା ଉଚିତ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଅନେକ ପ୍ରମୁଖ କ୍ୱାଣ୍ଟମ୍ ଗୁଣଧର୍ମ ଉପରେ ନିର୍ଭର କରେ, ଯେଉଁଥିରେ ସୁପରପୋଜିସନ୍ ଅନ୍ତର୍ଭୁକ୍ତ। ଏହା କ୍ୱାଣ୍ଟମ୍ ବିଟ୍ କିମ୍ବା କ୍ୟୁବିଟ୍ ସୃଷ୍ଟି କରେ। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଡ଼ିତ ହେବାର ଧାରଣା (ଏନଟାଙ୍ଗଲମେଣ୍ଟ), ଯାହା ଦ୍ୱାରା ଦୁଇ କିମ୍ବା ଅଧିକ କ୍ୱିବିଟ୍ ମଧ୍ୟରେ ସମନ୍ୱୟସ୍ଥାପନ ହୁଏ। ଏହା କ୍ୱିବିଟ୍‌ଗୁଡ଼ିକୁ କ୍ୱାଣ୍ଟମ୍ ସୂଚନା ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରେ।

ଏକ ଅତ୍ୟନ୍ତ ସହବନ୍ଧିତ ବ୍ୟବସ୍ଥାରେ କ୍ୱାଣ୍ଟମ୍ କମ୍ପ୍ୟୁଟର ଏକକାଳୀନ ଅନେକ ପଥ ଅନୁସନ୍ଧାନ କରିପାରିବ। ଏହି ବୃହଦାକାର ସମାନ୍ତରାଳ ପ୍ରକ୍ରିୟାକରଣ ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟର ଏକ ଶାସ୍ତ୍ରୀୟ କମ୍ପ୍ୟୁଟର ଅପେକ୍ଷା କିଛି ସମସ୍ୟାକୁ ଅତି ଦ୍ରୁତ ଗତିରେ ସମାଧାନ କରିପାରେ। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ଅନ୍ୟ ଏକ ପ୍ରମୁଖ ପ୍ରଣାଳୀ ହେଉଛି କ୍ୱାଣ୍ଟମ୍ ହସ୍ତକ୍ଷେପ (ଇଣ୍ଟରଫେରେନ୍ସ)। କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ କ୍ୱାଣ୍ଟମ୍ ହସ୍ତକ୍ଷେପ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା କ୍ୱାଣ୍ଟମ୍ ଆଲଗୋରିଦମରେ ସଠିକ୍ ଉତ୍ତରର ସମ୍ଭାବନାକୁ ବୃଦ୍ଧି କରେ ଏବଂ ଭୁଲ ଉତ୍ତରଗୁଡ଼ିକୁ ଦମନ କରେ, ଯାହା ଗଣନାକୁ ବହୁତ ଦ୍ରୁତ କରିଥାଏ। ସୁପରପୋଜିସନ୍ ଓ ଜଡ଼ିତ କରିବା ସହିତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଏକାଥରେ ବିପୁଳ ସଂଖ୍ୟକ ସମ୍ଭାବନାକୁ ପ୍ରକ୍ରିୟାକରଣ ଓ ସଂରକ୍ଷଣ କରିପାରିବ। ସର୍ବୋତ୍ତମ ସୁପର କମ୍ପ୍ୟୁଟର ପକ୍ଷରେ ମଧ୍ୟ ଏହା ସମ୍ଭବ ନୁହେଁ।

ଯଦିଓ ଏହି ସବୁ ଉତ୍ସାହଜନକ ଲାଗୁଛି, ଏପର୍ଯ୍ୟନ୍ତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକର ସଫଳତା ଅସ୍ୱଷ୍ଟ। ଏହା ସ୍ୱଷ୍ଟ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ବାସ୍ତବ ଦୁନିଆରେ ନିୟୋଜିତ ହେବା ପାଇଁ ପ୍ରସ୍ତୁତ ନୁହନ୍ତି। ସମ୍ପୂର୍ଣ୍ଣ ଉପଲବ୍ଧ ହେବା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବାକୁ ପଡ଼ିବ। ତଥାପି ଏହା ଦେଖାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ଦୃଢ଼ତା ହେଉଛି ଏହାର ଦୁର୍ବଳତା। ଯୋଉ କ୍ୱାଣ୍ଟମ୍ ଗୁଣଗୁଡ଼ିକ ଯଥା ସୁପରପୋଜିସନ୍, ଏନଟାଙ୍ଗଲମେଣ୍ଟ ଏବଂ ଇଣ୍ଟରଫେରେନ୍ସ- ଏହାକୁ ଏତେ ଶକ୍ତିଶାଳୀ କରେ, ସେମାନଙ୍କ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ କରିବା ମଧ୍ୟ ଅତ୍ୟନ୍ତ କଷ୍ଟକର। କ୍ୟୁବିଟ୍‌ଗୁଡ଼ିକ ସେମାନଙ୍କର ପାରିପାର୍ଶ୍ୱିକ ପରିବେଶ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ସେଥିପାଇଁ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକୁ ସଠିକ୍ ଗଣନା ପାଇଁ ଆବଶ୍ୟକ କ୍ୱାଣ୍ଟମ୍ ଅବସ୍ଥା ବଜାୟ ରଖିବା ପାଇଁ ବିଶେଷ ଏବଂ ପ୍ରାୟତଃ କ୍ରାୟୋଜେନିକାଲି-ନିୟନ୍ତ୍ରିତ ପରିବେଶ ଆବଶ୍ୟକ। ତେଣୁ ଅନେକ ପରସ୍ପର ସହିତ ଜଡ଼ିତ କ୍ୱିବିଟ୍ ସହିତ ଏକ କ୍ୱାଣ୍ଟମ୍ ସିଷ୍ଟମ୍ ନିର୍ମାଣ କରିବା ଏକ ମହଙ୍ଗା ଏବଂ ଜଟିଳ ଯାନ୍ତ୍ରିକ ଆହ୍ୱାନ। କ୍ୱାଣ୍ଟମ୍ ସିଷ୍ଟମ୍ ପାଇଁ ସଫ୍ଟୱେର୍ ଏବଂ ଆଲଗୋରିଦମର ବିକାଶ ନିମନ୍ତେ ଆବଶ୍ୟକ ଉପକରଣ ଓ ଫ୍ରେମୱାର୍କର ଅତ୍ୟନ୍ତ ଅଭାବ ଅଛି।

ଏତେ ବିପୁଳ ପରିମାଣର କାମର ଆବଶ୍ୟକତା ସତ୍ତ୍ୱେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ପୂର୍ବରୁ କିଛି ଆଶ୍ଚର୍ଯ୍ୟଜନକ ସମ୍ଭାବନା ପ୍ରଦର୍ଶନ କରିସାରିଛନ୍ତି। ଉଦାହରଣ ସ୍ୱରୂପ, ଆମେରିକୀୟ ଫାର୍ମ ଡି-ୱେଭ୍ ଏହି ବର୍ଷ ଆରମ୍ଭରେ ଦାବି କରିଥିଲା ଯେ ସେମାନେ କ୍ୱାଣ୍ଟମ୍ ଚୁମ୍ବକୀୟ ପର୍ଯ୍ୟାୟ ପରିବର୍ତ୍ତନ(କ୍ୱାଣ୍ଟମ ମାଗ୍ନେଟିକ ଫେଜ ଟ୍ରାଞ୍ଜିସନ)ର ସିମୁଲେସନ୍ କରିଛନ୍ତି, ଯାହା ସବୁଠାରୁ ଶକ୍ତିଶାଳୀ ଶାସ୍ତ୍ରୀୟ ଡିଭାଇସ୍ ଦ୍ୱାରା ସମ୍ଭବ ହେବ ନାହିଁ। ଯଦି ସତ୍ୟ, ତେବେ ଏହା ପ୍ରଥମ ଥର ପାଇଁ ଏକ କ୍ୱାଣ୍ଟମ୍ କମ୍ପ୍ୟୁଟରର ଏକ ବ୍ୟବହାରିକ ସଫଳତା ବୋଲି ଧରା ହେବ। କ୍ୱିବିଟ୍ ସ୍ଥିରତା ସମସ୍ୟାର ସମାଧାନ ପାଇଁ ସାରା ବିଶ୍ୱରେ ବହୁତ ଗବେଷଣା ଓ ବିକାଶ ଚାଲିଛି। କୌଣସି ପର୍ଯ୍ୟାୟରେ ଦୃଢ଼ ଓ ନିର୍ଭରଯୋଗ୍ୟ କ୍ୱାଣ୍ଟମ୍ କମ୍ପ୍ୟୁଟର ସ୍ଥାପତ୍ୟ ପାଇଁ ଏକ ଯୁଗାନ୍ତକାରୀ ଡିଜାଇନ୍ ହେବାର ସମ୍ଭାବନା ଅଛି। ପ୍ରଚ୍ଛଦପଟରେ ବର୍ତ୍ତମାନ ବହୁତ ବୈଷୟିକ ଉନ୍ନତି ଘଟୁଛି।

ବିଶ୍ୱାସ କରାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକୁ ବଦଳାଇବ ନାହିଁ, ଅତି କମରେ ପ୍ରାରମ୍ଭିକ ଭାବରେ ନୁହେଁ, ବରଂ ସେମାନଙ୍କ ସହିତ କାମ କରିବ। କାରଣ ପ୍ରତ୍ୟେକର ନିଜସ୍ୱ ଆପେକ୍ଷିକ ଶକ୍ତି ଅଛି। କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଔଷଧ ଆବିଷ୍କାର, ସାମଗ୍ରୀ ବିଜ୍ଞାନ, ଆର୍ଥିକ ମଡେଲିଂ, ଜଟିଳ ଅପ୍ଟିମାଇଜେସନ୍ ସମସ୍ୟା ଏବଂ ବର୍ଦ୍ଧିତ ବଡ଼ କୃତ୍ରିମ ବୁଦ୍ଧିମତ୍ତା ଏବଂ ମେସିନ୍-ଶିକ୍ଷଣ ମଡେଲ ଭଳି ନିର୍ଦ୍ଦିଷ୍ଟ ଏବଂ ଅତ୍ୟନ୍ତ ଦାବିପୂର୍ଣ୍ଣ (ଡିମାଣ୍ଡିଙ୍ଗ ) କମ୍ପ୍ୟୁଟେସନାଲ କାର୍ଯ୍ୟ ପାଇଁ ଉପଯୁକ୍ତ ହେବ। ଏଗୁଡ଼ିକ ସମସ୍ତ ଶାସ୍ତ୍ରୀୟ କମ୍ପ୍ୟୁଟର ସମ୍ବଳର ସୀମା ବାହାରେ। ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକ ୱେବ୍ ବ୍ରାଉଜିଂ, ୱାର୍ଡ ପ୍ରୋସେସିଂ ଏବଂ ଡାଟାବେସ୍ ପରିଚାଳନା ଭଳି ଦୈନନ୍ଦିନ କାର୍ଯ୍ୟ ପାଇଁ ପ୍ରାସଙ୍ଗିକ ରହିବ ଏବଂ କ୍ୱାଣ୍ଟମ୍ ସିଷ୍ଟମ ଦ୍ୱାରା ଆବଶ୍ୟକ ତଥ୍ୟ ପ୍ରସ୍ତୁତି, ଭିଜୁଆଲାଇଜେସନ୍ ଏବଂ ତ୍ରୁଟି ସଂଶୋଧନ ପରିଚାଳନା ପାଇଁ ଅତ୍ୟାବଶ୍ୟକ ହେବ।

ଶେଷରେ, ଏଠାରେ ଉଲ୍ଲେଖ କରିବା ପାଇଁ ଗୋଟିଏ ବିଶେଷ କଥା ରହିଛି। ତାହା ହେଉଛି ସାଇବର ସୁରକ୍ଷା। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ବର୍ତ୍ତମାନର ଏନକ୍ରିପ୍ସନ୍ ପଦ୍ଧତି ପାଇଁ ଏକ ବଡ଼ ବିପଦ ସୃଷ୍ଟି କରେ, ଯାହା ବହୁଳ ଭାବରେ ବ୍ୟବହୃତ ପବ୍ଲିକ୍-କୀ କ୍ରିପ୍ଟୋଗ୍ରାଫିକୁ ଦୁର୍ବଳ କରିବାର ଆଶଙ୍କା ରଖେ। ଏହା ଚିନ୍ତାର ବିଷୟ ଯେ ଆଜିକାଲି ହ୍ୟାକର୍ସମାନେ ଭବିଷ୍ୟତର କ୍ୱାଣ୍ଟମ୍ ଡିକ୍ରିପ୍ସନ୍ ଆଶାରେ ସେମାନଙ୍କର ଚୋରି ହୋଇଥିବା ତଥ୍ୟ ସଂରକ୍ଷଣ କରୁଛନ୍ତି। ଏହା ସତ୍ତ୍ୱେ ଆମେ ଆଶା କରିପାରିବା ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରର ଭବିଷ୍ୟତ ଉଜ୍ଜ୍ୱଳ। ●

(ପୂର୍ବତନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୨୮୮୪୮୫

# ମାଇକ୍ରୋଓଏଭ ଚୁଲିର ଭଲ-ମନ୍ଦ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ବିଶେଷ କରି ସହରାଞ୍ଚଳମାନଙ୍କରେ ମାଇକ୍ରୋଓଏଭ ଚୁଲି ପ୍ରାୟ ଘରେ ଘରେ ବ୍ୟବହାର ହେଉଛି। ଦିନକୁ ଦିନ ଏହାର ଚାହିଦା ବଢ଼ିବାରେ ଲାଗିଛି। ଏଥିରେ ରନ୍ଧନ ସହଜ ଓ ପରିଷ୍କାର ରହୁଥିବାରୁ ଆଦର ବଢ଼ୁଚି। କିନ୍ତୁ ଏହାର ଭଲ ଗୁଣ ଯେତିକି, ମନ୍ଦ ଗୁଣ ତା'ଠାରୁ ନିହାତି କମ ନୁହେଁ ବୋଲି ବୈଜ୍ଞାନିକମାନେ ମତ ଦେଲେଣି।

ମାଇକ୍ରୋଓଏଭ ଚୁଲିର ଉଦ୍ଭାବନ କରିଥିଲେ ଆମେରିକାର ପ୍ରସିଦ୍ଧ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତ ଓ ଯୋଗାଣକାରୀ କମ୍ପାନୀର ପ୍ରଯୁକ୍ତି ବିଜ୍ଞାନୀ ପର୍ସି ସ୍ପେନସର। ତପ୍ରରେ ଏ କମ୍ପାନୀ ୧୯୪୬ ମସିହାରେ ମାଇକ୍ରୋଓଏଭ ରନ୍ଧନ ପଦ୍ଧତିକୁ ସ୍ୱାଧିକାର ଭୁକ୍ତ (ପାଟେଣ୍ଟ) କଲା ଏବଂ ୧୯୪୭ ଦଶକର ପ୍ରାରମ୍ଭରେ ଲିଟନ୍ ନାମକ ଅନ୍ୟ ଏକ କମ୍ପାନୀ ଏହାର ସତ୍ତ୍ୱାଧିକାର କ୍ରୟ କରି ଆଧୁନିକ ମାଇକ୍ରୋଓଏଭ୍ ଚୁଲିମାନ ତିଆରି କରି ବଜାରକୁ ଛାଡ଼ିଲା। ଏ ଚୁଲିରେ ରନ୍ଧନ ଆନେକ ଦୃଷ୍ଟିରୁ ସୁବିଧାଜନକ। ପ୍ରଥମତଃ, ଏହା ପାରମ୍ପରିକ ପଦ୍ଧତିଗୁଡ଼ିକ ଠାରୁ କମ୍ ସମୟ ନିଏ ଏବଂ ସେଥିପାଇଁ କମ୍ ଶକ୍ତି ଆବଶ୍ୟକ କରେ। ପୁନଶ୍ଚ ଏଥିରେ ପ୍ରସ୍ତୁତ ଖାଦ୍ୟରେ ଥିବା ବିବଧ ପୁଷ୍ଟିକର। ବିଶେଷକରି, ପ୍ରୋଟିନ ଓ ଭିଟାମିନ୍ ଏହିପ୍ରକାର ରନ୍ଧନ ପ୍ରଣାଳୀରେ ସୁରକ୍ଷିତ ରହେ। ଏପରିକି ଏଥିରେ ଖାଦ୍ୟକୁ ବାରମ୍ବାର ଗରମ କଲେ ମଧ୍ୟ ତାର ପୌଷ୍ଟିକମାନ ବିଶେଷ ପ୍ରଭାବିତ ହୁଏ ନାହିଁ।

ତେବେ ଏ ରନ୍ଧନର କେତେକ ନକାରାତ୍ମକ ଦିଗ ଥିବା କଥା ବୈଜ୍ଞାନିକମାନେ ସୂଚୀତ କଲେଣି। ତଦନୁଯାୟୀ ଏଥିରେ ଖାଦ୍ୟ ଅଳ୍ପ ସମୟ ପାଇଁ ଗରମ କରାଯାଉଥିବାରୁ ତାହା ଅସମାନ ହୁଏ। ଅଧିକାଂଶ ସମୟରେ ଆମେ ଏଥିରେ ଆଗରୁ ପ୍ରସ୍ତୁତ ଖାଦ୍ୟକୁ ପୁନର୍ବାର ଗରମ କରି ଖାଇଥାଉ। ସେଥିରେ ଜୀବାଣୁ ସମେତ କିଛି ସୂକ୍ଷ୍ମଜୀବ ବଢ଼ି ପାରିଥା'ନ୍ତି। ଅସମାନ ଗରମ ସେଗୁଡ଼ିକୁ ମାରି ପାରେ ନାହିଁ। ପୁନଶ୍ଚ ମାଇକ୍ରୋଓଏଭ ଚୁଲିରେ ବାରମ୍ବାର ପ୍ରକ୍ରିୟାକରଣ ଖାଦ୍ୟରେ କିଛି ଅଜଣା ଉପଜାତ ପଦାର୍ଥ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଏଗୁଡିକୁ ଆମ ଚୟାପ୍ରନ (ମେଟାବୋଲିଜିମ୍) ପ୍ରକ୍ରିୟା ବିଭାଜିତ କରିପାରେ ନାହିଁ। ଏହା ଆମ ମସ୍ତିଷ୍କର ସ୍ନାୟୁତନ୍ତୁଗୁଡ଼ିକୁ କ୍ଷତି ପହଞ୍ଚାଇ ପାରନ୍ତି। ଏହାବ୍ୟତୀତ ଏଥିରେ ରନ୍ଧା ହେଲେ ପନିପରିବାରେ ଥିବା ଖଣିଜ ଲବଣଗୁଡ଼ିକ କର୍କଟ ରୋଗକାରୀ ମୁକ୍ତ ମୂଳକ (ଫ୍ରି-ରାଡିକାଲସ୍)ରେ ପରିଣତ ହୋଇପାରନ୍ତି। ସେହିପରି ଏତଦ୍ୱାରା ଖାଦ୍ୟର ଅନ୍ୟାନ୍ୟ ପୁଷ୍ଟିକାରକ ଅଣୁଗୁଡ଼ିକର ସଂରଚନା ବଦଳି ସେମାନେ ଭିନ୍ନ ରୂପ ଧରିପାରନ୍ତି, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

ତେବେ ବର୍ତ୍ତମାନ ମାଇକ୍ରୋଓଏଭ ଚୁଲି ଆମର ଏକ 'ଅତ୍ୟାବଶ୍ୟକ ହାନିକାରୀ'ରେ ପରିଣତ ହୋଇଛି। ଏଣୁ ଏହାକୁ ଆଉ ପରିତ୍ୟାଗ କରିବା ସମ୍ଭବପର ନୁହେଁ। ଏପରିସ୍ଥଳେ ତାହା ବ୍ୟବହାର କଲାବେଳେ କେତେକ ପ୍ରତିକାର ପଦକ୍ଷେପ ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ହେଲା ଖାଦ୍ୟ ପଦାର୍ଥଗୁଡ଼ିକୁ ସମାନଭାବେ ଛୋଟ ଛୋଟ କରି କାଟିଲେ ଏଥିଷର ଭଲ ରାନ୍ଧି ହୁଏ। କାରଣ ସେଥିମଧ୍ୟକୁ ମାଇକ୍ରୋଓଏଭ ତରଙ୍ଗ ସମାନ ଭାବେ ପ୍ରବେଶ କରେ। ଏଥିରୁ ଜୀବାଣୁ ନଷ୍ଟ ହୋଇଯାଆନ୍ତି। ଏଥିରେ ବ୍ୟବହୃତ ରନ୍ଧନ ପାତ୍ର କାଚ ବା ସେରାମିକ ହେବା ଦରକାର। ତାହା ଟେକା ବା ଗୋଲ ହୋଇଥିଲେ ତାହାର ଚାରିଆଡ଼େ ତାପମାତ୍ରା ସମାନ ହୁଏ। ଯେଉଁ ଖାଦ୍ୟ ଯେତିକି ସମୟ ରନ୍ଧାଯିବା କଥା ତା'କୁ ସେତିକି ସମୟ ରନ୍ଧିବା ଉଚିତ। ଏଥିରେ ମାଂସ, କୁକୁଡ଼ା ମାଂସ, ମାଛ କିମ୍ବା ଅଣ୍ଡା ରାନ୍ଧିଲେ ବିଶେଷ ସାବଧାନତା ଅବଲମ୍ବନ କରିବା ଦରକାର। ଯେତେଦୂର ସମ୍ଭବ, ଏଥିରେ ତାହା ନ ରାନ୍ଧିଲେ ଭଲ। ରାନ୍ଧିବା ଭିତରେ ଖାଦ୍ୟକୁ ଅନ୍ତତଃ ଥରେ ଘାଣ୍ଟିବା ଦରକାର। ନଚେତ୍ ତାହାକୁ ଚୁଲି ଭିତରୁ କାଢ଼ିବା ଆଗରୁ କିଛିସମୟ ରହିବାକୁ ଦେବା ଭଲ। ତା'ହେଲେ ତହିଁରେ ତାପମାତ୍ରା ସୁଷମ ରୂପେ ଆବଣ୍ଟନ ହେବା ସମ୍ଭବ ହେବ।

ମାଇକ୍ରୋଓଏଭ ଚୁଲିରେ ପ୍ଲାଷ୍ଟିକ ବାସନ ବ୍ୟବହାର ଯେତେ କମ କରାଯିବ ସେତେ ଭଲ। କାରଣ ଏ ସମୟରେ ତହିଁରୁ ସୂକ୍ଷ୍ମ ପ୍ଲାଷ୍ଟିକ କଣିକା ନିର୍ଗତ ହୋଇ ଖାଦ୍ୟରେ ମିଶିପାରେ। ଏଥିପାଇଁ କିଛି ବିଶେଷ ଧରଣର ମାଇକ୍ରୋଓଏଭ ନିରାପଦ ରନ୍ଧନ ପାତ୍ର ରହିଛି। ତାହାର ବ୍ୟବହାର ନିରାପଦ ବୋଲି ମନେ କରାଯାଏ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରେମିକାର ତଣ୍ଟି କାଟିଦେଲା

ବାରିପଦା/କରଞ୍ଜିଆ, ୧୦।୧୧ (ସମିସ): ଅନ୍ୟ ଜଣଙ୍କ ସହ ଫୋନ୍‌ରେ କଥା ହେବାରୁ ପ୍ରେମିକାର ତଣ୍ଟି କାଟିଦେଲା ପ୍ରେମିକ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଇଟାମୁଣ୍ଡି ଛକ ନିକଟରେ ଏଭଳି ଏକ ଘଟଣା ଘଟିଛି। ଗୁରୁତର ପ୍ରେମିକାକୁ ଯଶିପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଅଭିଯୁକ୍ତ ପ୍ରେମିକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଜଣେ ଯୁବକ ଯଶିପୁର ଥାନା ମହାରାଜପୁର ଗାଁର ଏକ ଭଡ଼ାଘରେ ରହୁଥିଲେ। ସେଠାରେ ତାଙ୍କର ଜଣେ ଯୁବତୀଙ୍କ ସହ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ସବୁ ଠିକ୍‌ଠାକ୍ ଚାଲିଥିଲା। ରବିବାର ବିଳମ୍ବିତ ରାତିରେ ଯୁବତୀଜଣଙ୍କ ଅନ୍ୟ କାହା ସହ ଫୋନ୍‌ରେ ଦୀର୍ଘ ସମୟ ଧରି କଥା ହେଉଥିଲେ। ଏପଟେ ବାରମ୍ବାର ଫୋନ୍ କରି ନିରାଶ ହେବାରୁ ଯୁବକଜଣଙ୍କ ସନ୍ଦେହ କରିଥିଲେ ଏବଂ ରାତିରେ ଯୁବତୀଙ୍କ ଘରେ ପହଞ୍ଚି ତାଙ୍କୁ ଫୋନ୍ କାଟିବାକୁ କହିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକଜଣଙ୍କ ଏକ ବ୍ଲେଡ୍‌ରେ ପ୍ରେମିକାର ବେକକୁ କାଟି ଦେଇଥିଲେ। ପରିବାରଲୋକ ଏହା ଜାଣିବା ପରେ ତାଙ୍କୁ ତୁରନ୍ତ ଯଶିପୁର ମେଡିକାଲରେ ଭର୍ତ୍ତି କରାଇଥିଲେ।

# ପ୍ରେମିକାକୁ ଫଟୋ ପଠାଇ ଆତ୍ମହତ୍ୟା

ବ୍ରହ୍ମପୁର, ୧୦।୧୧(ସମିସ): ବାରମ୍ବାର ମେସେଜ୍, କଲ୍ କଲେ। ଫ୍ୟାନ୍ ହୁକରେ ଗାମୁଛା ବାନ୍ଧି ଜୀବନ ହାରିବେ ବୋଲି ଧମକ ଦେଇ ତାହାର ଫଟୋ ବି ପଠାଇଲେ। କିନ୍ତୁ ପ୍ରେମିକାଙ୍କ ପକ୍ଷରୁ କୌଣସି ପ୍ରତ୍ୟୁତ୍ତର ନ ମିଳିବାରୁ ସତକୁ ସତ ଜୀବନ ହାରିଦେଲେ। ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ଅଞ୍ଚଳରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତ ଯୁବକଜଣଙ୍କ ହେଲେ,ଲକଣ୍ଠେଶ୍ୱର ସ୍କୁଲ ନିକଟସ୍ଥ ସୁବୁଦ୍ଧିସାହିର ଦଣ୍ଡପାଣି ସାହୁ(୨୨)। ସେ ପ୍ରେମନଗର ଅଞ୍ଚଳରେ ଏକ ବାର୍ ଆଣ୍ଡ ରେସ୍ତୋରାଁରେ କାମ କରୁଥିଲେ। ପୁଲିସ ଘଟଣାସ୍ଥଳରୁ ଦଣ୍ଡପାଣିଙ୍କ ମୋବାଇଲ ଜବତ କରିଛି।

ସୂଚନାନୁଯାୟୀ, ଦଣ୍ଡପାଣି ପାରାଦ୍ୱୀପ ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଗତ ଅକ୍ଟୋବର ମାସରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଦୁଇ ବର୍ଷ ତଳେ ଦଣ୍ଡଙ୍କ ମା' ମୃତ୍ୟୁବରଣ କରିଥିଲେ। ମାଆଙ୍କୁ ଭୁଲି ନ ପାରି ମା' ପାଖକୁ ଚାଲିଯିବି ବୋଲି ସୋସିଆଲ ମିଡିଆରେ ସେ ପ୍ରେମିକାକୁ କହି ଆସୁଥିଲେ। ରବିବାର ସକାଳେ ଦଣ୍ଡପାଣି ପ୍ରେମନଗର ଅଞ୍ଚଳରେ ଥିବା ଏକ ମେସ୍ ରୁମ୍‌ରେ ରହି ପ୍ରେମିକାକୁ ବାରମ୍ବାର ଫୋନ କରିଥିଲେ। ଆତ୍ମହତ୍ୟା ଲାଗି ନିଜକୁ ପ୍ରସ୍ତୁତ କଲା ଭଳି ବିଭିନ୍ନ ଫଟୋ ପଠାଇଥିଲେ। ରୁମ୍‌ର ଅନ୍ୟ କର୍ମଚାରୀମାନେ କାମକୁ ଯାଇଥିବା ବେଳେ ଦଣ୍ଡପାଣି ଫ୍ୟାନ୍‌ରେ ଗାମୁଛା ଦେଇ ଝୁଲି ପଡ଼ିଥିଲେ। ବଡ଼ବଜାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ମହିଳାଙ୍କୁ ହତ୍ୟା କରି ଗଛରେ ଟାଙ୍ଗିଦେଲେ!

ପାଲଲହଡ଼ା, ୧୦।୧୧ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ନନ୍ଦିନୀପାଲି ଗ୍ରାମ ରାସ୍ତାପାର୍ଶ୍ୱ ଏକ ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ, ଗ୍ରାମର ଗୁରୁବାରୀ ନାୟକ। ରବିବାର ସନ୍ଧ୍ୟାରୁ ଗୁରୁବାରୀ କୌଣସି କାମରେ ବାହାରକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ତେବେ ସୋମବାର ସକାଳେ ଗାଁ ନିକଟ ଆମ୍ବ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ସଂପର୍କରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସ ତଦନ୍ତ ଆରମ୍ଭ କରିଛି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିସ୍ଫୋରଣରେ ଥରିଲା...

ଜବତ ଘଟଣାକୁ ଏହା ସହ ଯୋଡ଼ି ଦେଖାଯାଉଛି। ଏହି ବିସ୍ଫୋରଣର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ କାର୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଉଥିବା ଦେଖାଯାଉଛି। ଅନେକ ବ୍ୟକ୍ତିଙ୍କ ମୃତଦେହ ରାସ୍ତା ଉପରେ ଛିଟିକି ପଡ଼ିଥିବା ଦେଖାଯାଇଛି। ଆହତମାନଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ଭାରତର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଏଭଳି ବିସ୍ଫୋରଣ ହେବା ବଡ଼ ସୁରକ୍ଷା ଅବହେଳାକୁ ଦର୍ଶାଉଛି। ଏହାପୂର୍ବରୁ ଲାଲକିଲ୍ଲା ନିକଟରେ ଦୁଇ ଥର ଆତଙ୍କବାଦୀ ଆକ୍ରମଣ ହୋଇଛି। ତେବେ ୧୪ ବର୍ଷ ପରେ ଦିଲ୍ଲୀରେ ଏହା ହେଉଛି ସବୁଠୁ ବଡ଼ ଆକ୍ରମଣ। ଏହାପୂର୍ବରୁ ୨୦୧୧ରେ ଦିଲ୍ଲୀ ହାଇକୋର୍ଟ ପରିସରରେ ବିସ୍ଫୋରଣ ଯୋଗୁଁ ୧୫ ଜଣ ପ୍ରାଣ ହରାଇଥିଲେ।

ଦିଲ୍ଲୀ ପୁଲିସ ଡିଆଇଜି କହିଛନ୍ତି ଯେ ଆଜି ସନ୍ଧ୍ୟା ୬ଟାଳ ୫୦ ମିନିଟରେ ଏକ କାର ରେଡ ସିଗ୍ନାଲ ନିକଟରେ ଅଟକିବା ମାତ୍ରେ ଏଥିରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ ନିଆଁ ଆଖପାଖକୁ ବ୍ୟାପିଯାଇଥିଲା। ଏଥିରେ ଅନେକ କାର ଜଳିଯାଇଛି। ତେବେ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। ଉକ୍ତ କାରରେ ମଧ୍ୟ କିଛି ଲୋକ ଯାଉଥିଲେ ବୋଲି କୁହାଯାଉଛି। ଜଣେ ଆହତ ବ୍ୟକ୍ତି କହିଛନ୍ତି ଯେ ବିସ୍ଫୋରଣ ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ସେ ତିନି ଥର ତଳେ ପଡ଼ି ଯାଇଥିଲେ। ଅନ୍ୟ ଜଣେ କହିଛନ୍ତି ଯେ ନିଆଁ ଗୋଳା ଉଠିବା ପରେ ସେ ଭୟରେ ଛାତରୁ ତଳକୁ ଚାଲି ଆସିଥିଲେ। କ'ଣ ହେଇଛି ଜାଣିବା ପାଇଁ ଚାହିଁଥିଲେ। ଏକାଧିକ କାର୍‌ରେ ବିସ୍ଫୋରଣ ହୋଇଥିବା ସେ କହିଥିଲେ। ଏହି ବିସ୍ଫୋରଣ ସ୍ଥଳଠାରୁ ଗୁରୁଦ୍ୱାର ସିସ୍ ଗଞ୍ଜ ସାହିବ କିଛି ଶହ ମିଟର ଦୂରରେ ଏବଂ ଜାମା ମସ୍‌ଜିଦ ଏକ କିମି ଦୂରରେ ରହିଛି। ଇତିମଧ୍ୟରେ କାରର ପ୍ରଥମ ମାଲିକ ହରିଆଣାର ମହମ୍ମଦ ସଲମାନଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଦୁଇବର୍ଷ ତଳେ ସେ ଏହି କାରକୁ ଦେବେନ୍ଦ୍ର ନାମକ ଆଉ ଜଣେ ବ୍ୟକ୍ତିଙ୍କ ବିକିଥିଲେ। ଦେବେନ୍ଦ୍ର ମଧ୍ୟ ଏହାକୁ ନଦୀମ ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକିଥିବା ବେଳେ ନଦୀମ ଏହାକୁ ପୁଲୱାମାର ତାରିକଙ୍କୁ ବିକିଦେଇଥିଲେ ବୋଲି ଜଣାପଡ଼ିଛି।

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ...

ଏବଂ ଅନ୍ୟ ଅଧିକାରୀଙ୍କ ସହ କଥା ହୋଇ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବିସ୍ଫୋରଣ ସମ୍ପର୍କରେ ଅମିତ ଶାହା ମୋଦୀଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି। ଦିଲ୍ଲୀ ପୁଲିସ କମିଶନର, ଏନଆଇଏ ମୁଖ୍ୟ ଏବଂ ଗୁଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ନିୟମିତ ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ଥିତି ବିଷୟରେ ଅବଗତ କରାଉଛନ୍ତି।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘଟଣାର କଡ଼ା ନିନ୍ଦା କହିଛନ୍ତି, ଏଭଳି ଅମାନବୀୟ ଘଟଣାକୁ ଭାରତ କେବେ ବରଦାସ୍ତ କରିନାହିଁ, କି କରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ନିଶ୍ଚିତ ଭାବେ ଏ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କୁ ଦଣ୍ଡବିଧାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ପୁଲିସ ମହାନିର୍ଦ୍ଦେଶକଙ୍କ ସହିତ ଟେଲିଫୋନ ଯୋଗେ ଆଲୋଚନା କରି ଓଡ଼ିଶାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଓଡ଼ିଶାରେ ବାଲିଯାତ୍ରା ପରି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ, ପୁଲିସ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ରାଜ୍ୟର ପ୍ରମୁଖ ସହର ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ବିସ୍ଫୋରକ, ରାଇଫଲ...

ପ୍ରଦେଶ, ହରିଆଣା ଓ ଗୁଜରାଟ ପୁଲିସର ମିଳିତ ଅପରେସନରେ ଏମାନଙ୍କୁ ଗିରଫ କରାଯାଇଛି। ଏହି ୪ ରାଜ୍ୟର ମିଳିତ ପୁଲିସ ଟିମ୍ ଗତ ୧୫ ଦିନ ହେଲା ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଗତମାସ ୧୯ ତାରିଖରେ କଶ୍ମୀରର ବିଭିନ୍ନ ସ୍ଥାନରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସର ପ୍ରଚାରପତ୍ର ଲାଗିଥିଲା। ଏହାପରେ ପୁଲିସ ଏହିଠାରୁ ଆରମ୍ଭ କରିଥିଲା ସ୍ୱତନ୍ତ୍ର ଅଭିଯାନ।

ନଭେମ୍ବର ୭ରେ ଜମ୍ମୁ-କଶ୍ମୀର ପୁଲିସ ଉତ୍ତର ପ୍ରଦେଶର ସହାରନପୁରରୁ ଡାକ୍ତର ଆଦିଲ ଅହମ୍ମଦକୁ ଗିରଫ କରିଥିଲା। ସେ କଶ୍ମୀର ଅନନ୍ତନାଗର ବାସିନ୍ଦା। ସେ ଅନନ୍ତନାଗର ସରକାରୀ ମେଡିକାଲ କଲେଜରେ ପ୍ରାକ୍ଟିସ କରୁଥିଲା। ।୨୦୧୪ ସେ ଏଠାରୁ ଇସ୍ତଫା ଦେବା ସହ ସାହାରନପୁରରେ ପ୍ରାକ୍ଟିସ କରୁଥିଲା।। ତାର ପର୍ସନାଲ ଲକରରୁ ଏକେ-୪୭ ରାଇଫଲ ମିଳିଥିଲା। ସେହିଭଳି ଡାକ୍ତର ମୁଜାମ୍ମିଲ ହରିଆଣାର ଫରିଦାବାଦ୍‌ର ଅଲଫଲାହ ସ୍କୁଲ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ପଢ଼ାଉଥିଲା।। ତାକୁ ଉତ୍ତରପ୍ରଦେଶର ସାହାରନପୁରରେ ଗିରଫ କରାଯାଇଛି। ମୁଜାମ୍ମିଲ ଫରିଦାବାଦ୍‌ର ଧୋଜ ଗାଁରେ ୩ ମାସ ତଳେ ଘରଭଡ଼ା ନେଇଥିଲା।। ସେ ଏଠାରେ ରହୁ ନଥିଲେ ମଧ୍ୟ କେବଳ ଜିନିଷପତ୍ର ରଖୁଥିଲା। ନଭେମ୍ବର ୯ରେ ଚଢ଼ାଉ କରାଯାଇ ମୁଜାମ୍ମିଲ ଘରର ତଲାସି ନିଆଯାଇଥିଲା ବୋଲି ଫରିଦାବାଦ୍ ପୁଲିସ କମିଶନର ସତେନ୍ଦ୍ର କୁମାର ଗୁପ୍ତା କହିଛନ୍ତି। ଏଥିରେ ୩୬୦ କେଜିର ବିସ୍ଫୋରକ ଜବତ କରାଯାଇଥିଲା। ଏହା ଆମୋନିୟମ ନାଇଟ୍ରେଟ। କିନ୍ତୁ ଏହା ଆରଡିଏକ୍ସ ନୁହଁ ବୋଲି ସ୍ପଷ୍ଟ କରାଯାଇଛି। ଗିରଫ ହୋଇଥିବା ଅନ୍ୟତମ ଡାକ୍ତର ହେଉଛି ଲକ୍ଷ୍ନୌର ମହିଳା ଡାକ୍ତର ସାହିନ ସହିଦ। ତାକୁ ଫରିଦାବାଦରୁ ଗିରଫ କରାଯାଇଛି। ତା କାରରୁ ରାଇଫଲ ଓ କ୍ୟାଟ୍ରିଜ ଜବତ କରାଯାଇଛି। ଏହାପୂର୍ବରୁ ୭ ତାରିଖରେ ହାଇଦ୍ରାବାଦର ଡାକ୍ତର ଅହମଦ ସୟିଦକୁ ଗୁଜରାଟ ପୁଲିସ ଗିରଫ କରିଥିଲା। ତା ପାଖରୁ ପିସ୍ତଲ ଓ କ୍ୟାଟ୍ରିଜ ଜବତ କରାଯାଇଛି।

ଆତଙ୍କବାଦୀ ଗତିବିଧି ସହିତ ଜଡିତ ବହୁ ଜିନିଷପତ୍ର ସହିତ ୨୦ ଟାଇମର୍ସ, ବେଟୋରୀ ମଧ୍ୟ ସେମାନଙ୍କ ଠାରୁ ଜବଦ କରାଯାଇଛି। ଆସଲ୍ଟ ରାଇଫଲ, ୩ ମ୍ୟାଗାଜିନ, ୮୩ ଗୁଳି, ଗୋଟିଏ ପିସ୍ତଲ ଓ ତା'ର ୮ ରାଉଣ୍ଡ ଗୁଳି, ୨ଟି ଖାଲି ଗୁଳି ଓ ଦୁଇଟି ଅତିରିକ୍ତ ମ୍ୟାଗାଜିନ ଜବତ କରାଯାଇଛି। ଜାତୀୟ ସୁରକ୍ଷା ଦୃଷ୍ଟିରେ ରଖି ଏ ନେଇ ଅଧିକ ସୂଚନା ଦେବାକୁ ମନା କରିଦିଆଯାଇଛି।

### ଶେଷ ପର୍ଯ୍ୟାୟ...

ବିଧାନସଭା କ୍ଷେତ୍ରକୁ ବ୍ୟାପିଥିବା ଏହି ଅଞ୍ଚଳ ସରକାର ଗଠନ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହୋଇପାରେ। ଆରଜେଡି ନେତୃତ୍ୱାଧୀନ କଂଗ୍ରେସ ଏଠାରେ ମଜବୁତ ସ୍ଥିତିରେ ଥିବାବେଳେ ଚଳିତ ଥର ଏଆଇଏମଆଇଏମ ଏବଂ ଜନସୁରାଜ ଏହି ମହାମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି। ମୁସଲମାନ ଏବଂ ଯାଦବଙ୍କ ବହୁଳ ଏହି କ୍ଷେତ୍ରରେ ଏନ୍‌ଡିଏ ବ୍ୟାକ୍‌ଫୁଟରେ ଅଛି। ଗତ ନିର୍ବାଚନରେ ସୀମାଞ୍ଚଳର ୫ ଆସନରେ ଏଆଇଏମଆଇଏମ ବିଜୟୀ ହୋଇ ସମସ୍ତଙ୍କୁ ଚକିତ କରିଦେଇଥିଲା। ଚଳିତ ଥର ଅଧିକ ଆସନରେ ଜିତିବାକୁ ଏହି ଦଳ ଆଶାବାଦୀ ରହିଛି। କିନ୍ତୁ ଜନସୁରାଜ ଏଥିରେ କିଛି ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମତଦାନରେ ୬୫ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଥିଲା। ଏଥିରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଥିଲେ। ଏମାନଙ୍କ ଭୋଟ୍ ନୂଆ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

### ଆଜି ନୂଆପଡ଼ା...

ଭୋଟର ଥିବାବେଳେ ୧ଲକ୍ଷ ୨୯ ହଜାର ୯୩୨ଜଣ ମହିଳା ଭୋଟର ଏବଂ ୨୧ଜଣ ତୃତୀୟଲିଙ୍ଗୀ ମତଦାତା ନିଜର ମତଦାନ କରିବାକୁ ଯାଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ମତଦାନ ପ୍ରକ୍ରିୟାରେ ମୋଟ୧୫୮୪ଜଣ କର୍ମଚାରୀ ଭାଗ ନେଉଛନ୍ତି। ସେହିପରି ମତଦାନ ପ୍ରକ୍ରିୟା ପରିଚାଳନାରେ ନିର୍ବାଚନ ମଣ୍ଡଳୀରେ ମୋଟ ୧୫୮୪ଜଣ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। ମୋଟ ୩୫୮ଟି ବୁଥ୍‌ରେ ୧୫୫୨ଜଣ ପୁରୁଷ ଏବଂ ୩୨ଜଣ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୋଟ୍ ବୁଥ ଗୁଡ଼ିକ ମଧ୍ୟରୁ ୬ଟି ସଖି(ପିଙ୍କ) ବୁଥ୍ ରହିଥିବାବେଳେ ଏଥି ସକାଶେ ୮ଟି ପାର୍ଟି ବ୍ୟବସ୍ଥା କରାଯାଇଛି। ମତଦାନକୁ ନିରପେକ୍ଷ ଏବଂ ଅବାଧ କରିବାକୁ ନୂଆପଡ଼ାକୁ ନିର୍ବାଚନ ମଣ୍ଡଳୀ ବାହାର ଅର୍ଥାତ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରୁ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲାରେ ମୋଟ ୩୫୮ଟି ବୁଥ୍‌ରେ ଭୋଟଗ୍ରହଣ କରାଯାଉଥିବାବେଳେ ଏଥିରୁ ୪୭ଟି ମାଓବାଦୀ ପ୍ରଭାବିତ ବୁଥ୍ ରହିଥିବା ତଥ୍ୟ ରହିଛି। ତନ୍ମଧ୍ୟରୁ ୮ଟି ବୁଥ ଦୁର୍ଗମ ଅଞ୍ଚଳରେ ଥିବା ଯଥା ୩୨୦ନମ୍ବର ବୁଥ୍ ସୋସେଙ୍ଗ ସେବାଶ୍ରମ, ସୋସେଙ୍ଗ-୨, ଦେଓସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାବେଡା -୧, ସୁନାବେଡା ସେବାଶ୍ରମ ୧(କ), ଜାମଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗାତିବେଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ- ୧, ଗାତିବେଡା ୨ ପାଇଁ ହେଲିକପ୍ଟର ଯୋଗେ ପୋଲିଂ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିଆଯାଇଛି। ଏହାକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଏସପି ଅମ୍ରିତ ପାଲ ସିଂ ଉପସ୍ଥିତ ରହି ପ୍ରତ୍ୟକ୍ଷ ମାର୍ଗଦର୍ଶନ କରିଥିଲେ। ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ନିରପେକ୍ଷ କରିବାକୁ ବ୍ୟାପକ ପୁଲିସ ବଳ ନିୟୋଜିତ କରାଯାଇଛି। ଏଥିରେ ମୋଟ୍ ୧୨୩୧ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜଣେ ଏସ୍‌ପି, ଏଏସ୍‌ପି, ୬ଜଣ ଡିଏସପି, ୯ ଜଣ ଇନ୍ସପେକ୍ଟର, ୩୭ଜଣ ହାବିଲଦାର, ୧୨୩ଜଣ ଓଆର କନଷ୍ଟେବଲ, ୪୧ଜଣ ଏପିଆର କନ୍‌ଷ୍ଟେବଲ, ୩୭ଜଣ ଓଏପିଏଫ, ୫୭ଜଣ ହୋମଗାର୍ଡ ନିୟୋଜିତ ରହିଥିବା ଏକ ସୂତ୍ରରୁ ପ୍ରକାଶ। ଏହାବ୍ୟତୀତ ୧୪ କମ୍ପାନୀ ସିଏପିଫ, ୬ ପ୍ଲାଟୁନ ୨ସେକ୍ସନ ଏସପି ନିୟୋଜିତ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

### ସମ୍ବୋଧିତ କରିବେ...

ଏହାର ପରଦିନ ଅର୍ଥାତ୍ ୨୮ ତାରିଖରେ ୨୦୨୫ - ୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ। ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ଥିବାବେଳେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଦୃଷ୍ଟିରୁ ଅଧିବେଶନଟି ଐତିହାସିକ ହେବାକୁ ଯାଉଛି।

ବିଜ୍ଞପ୍ତି ଅନୁଯାୟୀ ୨୮ ତାରିଖରେ ଅତିରିକ୍ତ ବଜେଟ ଆଗତ ହେବା ପରେ ଏହା ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ଏହାପରେ ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ବିଧାନସଭାର ଏକ ଅଧିବେଶନକୁ କୌଣସି ଅଧିବେଶନକୁ ରାଷ୍ଟ୍ରପତି ସମ୍ବୋଧନ କରିବା ପ୍ରଥମ ଘଟଣା। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖାଯାଇ ବିଧାନସଭା ପରିସରକୁ ନୂଆ ରୂପ ଦିଆଯାଉଛି। ବିଶେଷକରି ରାଷ୍ଟ୍ରପତି ଓଡ଼ିଶା ବିଧାନସଭାର ସଦସ୍ୟ ତଥା ମନ୍ତ୍ରୀ ଥିବାବେଳେ ଯେଉଁ କୋଠରୀରେ ବସୁଥିଲେ, ତାହାର ନବୀକରଣ କରାଯାଉଛି। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅତୀତରେ ରାଇରଙ୍ଗପୁର ବିଧାନସଭା ଆସନରୁ ବିଧାନସଭାକୁ ପ୍ରତିନିଧିତ୍ୱ କରିଥିବା ବେଳେ ବିଜେଡି-ବିଜେପି ମେଣ୍ଟ ସରକାର ସମୟରେ ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

### ନିରବ ଅବଧିରେ...

ପରିଚାଳନା ଗଣତନ୍ତ୍ରର ପ୍ରକୃତ ପରିଚୟ। ଅତଏବ ନୂଆପଡ଼ା ଉପନିର୍ବାଚନର ବିଶ୍ୱସନୀୟତା ରକ୍ଷା ପାଇଁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଭାରତୀୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶାବଳୀ ଅନୁସାରେ ସାଇଲେଣ୍ଟ ପିରିୟଡ ଆରମ୍ଭ ହେଲେ ବାହାର ଅଞ୍ଚଳର ରାଜନୈତିକ ନେତା ଓ ପ୍ରଚାରକମାନଙ୍କୁ ନିର୍ବାଚନମଣ୍ଡଳୀରୁ ବାହାରିବାକୁ ପଡ଼େ। ମାତ୍ର ବିଜେପିର ନିର୍ବାଚନମଣ୍ଡଳୀ ବାହାରର ମନ୍ତ୍ରୀ, ବିଧାୟକ ଏବଂ ନେତାମାନେ ନୂଆପଡ଼ାରେ ଅବାଧ ଭାବେ ଘୁରି ବୁଲୁଛନ୍ତି। ସେମାନେ ଅସତ୍ ଉପାୟରେ ଭୋଟ ଦାତାମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ବଡ଼ ଆଶ୍ଚର୍ଯ୍ୟର କଥା ଯେ ସ୍ଥାନୀୟ ବିଜେଡି ନେତାମାନେ ଯେତେବେଳେ ଏହାର ବିରୋଧରେ ସ୍ୱର ଉଠାଉଛନ୍ତି ସେମାନଙ୍କୁ ପୁଲିସ ଅଟକ ରଖୁଛି। ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ପୁଲିସ ଏକ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପରିବର୍ତ୍ତେ କିପରି ସରକାରୀ ଦଳର ସ୍ୱାର୍ଥ ପୂରଣ ପାଇଁ ପଡ଼ିଥିବା ଏଥିରୁ ସ୍ପଷ୍ଟ ସୂଚୀତ ହେଉଛି। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଏପରି ଘଟଣା ଆଘାତ ପହଞ୍ଚାଇବା ସହ ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଥିବା ବିଶ୍ୱାସକୁ ମଳିନ କରୁଛି। ଏହା ଜାରି ରହିଲେ ନୂଆପଡ଼ା ଉପନିର୍ବାଚନର ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବ। ତେଣୁ ଏହାକୁ ରୋକିବା ଦିଗରେ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ କେତେକ ପଦକ୍ଷେପ ନେବାକୁ ନବୀନ ଅନୁରୋଧ କରିଛନ୍ତି। ୩୬ ଘଣ୍ଟାର ମୌନ ପର୍ଯ୍ୟାୟକୁ କଡ଼ାକଡ଼ି ଲାଗୁ କରିବା ସହ ବିଜେପିର ମନ୍ତ୍ରୀ, ବିଧାୟକ ଓ ନେତାମାନେ ନିର୍ବାଚନ କ୍ଷେତ୍ର ଛାଡ଼ିବା ନିର୍ବାଚନ ଆଚରଣବିଧି ଅନୁଯାୟୀ ସୁନିଶ୍ଚିତ କରାଯାଉ। ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବା ପାଇଁ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସକୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ବିଜେପି ଦ୍ୱାରା ହେରଫେର ହେବାର ଆଶଙ୍କା ନେଇ ବିଜେଡି ଏବଂ ଅନ୍ୟ ରାଜନୈତିକ ଦଳ ପକ୍ଷରୁ ତାଲିକାରେ ଦିଆଯାଇଥିବା ସମ୍ବେଦନଶୀଳ ବୁଥ୍ ଉପରେ ମଧ୍ୟ ସ୍ୱତନ୍ତ୍ର ନଜର ରଖାଯାଉ ବୋଲି ନବୀନ ନିଜ ଦାବି କରିଛନ୍ତି। ସେ କହିଛନ୍ତି ଯେ ପୂର୍ବଜମାନଙ୍କ ବହୁ ତ୍ୟାଗ ଓ ସଂଘର୍ଷ ବଳରେ ଆମେ ଭାରତର ଜନସାଧାରଣମାନେ ଏହି ଗଣତନ୍ତ୍ର ପାଇଛୁ। ଏହିପରି ସମୟରେ ପ୍ରତ୍ୟେକ ପ୍ରତିଷ୍ଠାନ, ବିଶେଷକରି ନିର୍ବାଚନ ଆୟୋଗ, ଗଣତନ୍ତ୍ରର ପବିତ୍ରତା ରକ୍ଷା କରିବା ଏବଂ ଏହାର ସୁରକ୍ଷା କରିବା ହେଉଛି ପ୍ରଧାନ କର୍ତ୍ତବ୍ୟ ବୋଲି ନବୀନ ନିଜ ଟୁଇଟରେ ଉଲ୍ଲେଖ କରିଛନ୍ତି।

### ନକଲି ଘିଅ ଦେଇଥିଲା...

ଲହୁଣୀ କିଣି ନ ଥିଲା। ଏହାସତ୍ତ୍ୱେ ଘିଅ ଏବଂ ଲହୁଣୀ ଯୋଗାଣ କରୁଥିଲା। ଏହି କମ୍ପାନୀର ମାଲିକ ପମ୍ମିଲା ଜୈନ ଏବଂ ବିପିନ ଜୈନ ଜାଲ୍ ଘିଅ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଥିଲା। ଘିଅ ଏବଂ ଲହୁଣୀ କ୍ରୟ କରାଯାଇଥିବାର ନକଲି ବିଲ୍ ପ୍ରସ୍ତୁତ କରାଯାଇଥିଲା। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧକୁ ଜେରା କରାଯାଇଥିଲା। ସେ ମୋନୋଡିଗ୍ଲିସରାଇଡ୍‌ସ ଏବଂ ଏସିଟିକ ଏସିଡ ଏଷ୍ଟର ଭଳି କେମିକାଲ ଯୋଗାଣ କରୁଥିବା ସ୍ୱୀକାର କରିଛି। ଏହାକୁ ମିଶାଇ ନକଲି ଘିଅ ପ୍ରସ୍ତୁତ କରାଯାଉଥିଲା। ୨୦୨୨ରେ ଟିଟିଡିର ଅଭିଯୋଗ କ୍ରମେ ଏହି ଭୋଲେ ବାବା ଡାଏରୀକୁ କଳାତାଲିକାଭୁକ୍ତ କରାଯାଇଥିଲା। ପରେ ଏହି ଗ୍ରୁପ ଆଉ ଏକ କମ୍ପାନୀ ଗଠନ କରିଥିଲା ଏବଂ ମନ୍ଦିରକୁ ଘିଅ-ଲହୁଣୀ ଯୋଗାଣ ଜାରି ରଖିଥିଲା। ଏଥିରେ ବୈଷ୍ଣବୀ ଡାଏରୀ (ତିରୁପତି), ମାଲ ଗଙ୍ଗା ଡାଏରୀ (ଉତ୍ତର ପ୍ରଦେଶ) ଏବଂ ଏଆର ଡାଏରୀ ଫୁଡ୍ସ (ତାମିଲନାଡୁ) ସାମିଲ ରହିଛି। ସିବିଆଇ ଏବଂ ଏଫଏସଏସଆଇର ତଦନ୍ତରୁ ଜଣାପଡ଼ିଛି ଯେ ଘିଅରେ ପଶୁ ଚର୍ବି ମିଶା ଯାଉଥିଲା। ୨୦୨୪ ଜୁଲାଇରେ ଟିଟିଡି ଏଆର ଡାଏରୀର ଚାରୋଟି ଟ୍ୟାଙ୍କରକୁ ଗ୍ରହଣ କରି ନ ଥିଲା। କିନ୍ତୁ ଏହି ଟ୍ୟାଙ୍କରକୁ ଫେରାଇ ନେବା ପରିବର୍ତ୍ତେ ବୈଷ୍ଣବୀ ଡାଏରୀ ନାମରେ ପଠାଇ ଦିଆଯାଇଥିଲା। ଗୁଜରାଟର ଏକ ଲ୍ୟାବ୍ ରିପୋର୍ଟରେ ଜଣାପଡ଼ିଥିଲା ଯେ ଏଆର ଡାଏରୀର ଘିଅରେ ମାଛ ତେଲ, ଗୋଚର୍ବି, ଲାଳ ମିଶା ଯାଉଥିଲା। ଏଥିପାଇଁ ଲାଞ୍ଚ କାରବାର ହେଉଥିଲା। ଯାଞ୍ଚରୁ ଜଣାପଡ଼ିଛି ଯେ ୫୦ ଲକ୍ଷ ଟଙ୍କା ଲୁଚାଇ ଟ୍ରାନ୍ସଫର କରାଯାଇଥିଲା। ଏହି ରାଶି ୱାଇଏସଆର କଂଗ୍ରେସର ପୂର୍ବତନ ସାଂସଦ ତଥା ଟିଟିଡିର ପୂର୍ବତନ ଅଧ୍ୟକ୍ଷ ୱାଇଭି ସୁବା ରେଡ୍ଡୀଙ୍କ ବ୍ୟକ୍ତିଗତ ସହାୟକ ଚିନ୍ନପନ୍ନାଙ୍କୁ ଦିଆଯାଇଥିଲା। ଦିଲ୍ଲୀର ଦୁଇଟି ଅଲଗା ଅଲଗା ଟ୍ରାଞ୍ଜାକ୍ସନରେ ଏଜେଣ୍ଟ ଅମନ ଗୁପ୍ତାଠାରୁ ୨୦ ଲକ୍ଷ ଟଙ୍କା ଏବଂ ବାକି ଟଙ୍କା ଏଗ୍ରି ଫୁଡ୍ସର ଅଧିକାରୀ ବିଜୟ ଗୁପ୍ତାଙ୍କଠାରୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦାବି କରିଥିଲେ ଯେ ପୂର୍ବତନ ଜଗନ ମୋହନ ରେଡ୍ଡୀଙ୍କ ସରକାରର ସମୟରେ ପଶୁ ଚର୍ବି ଥିବା ଘିଅ ଲଡୁ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିଲା। ଏହି ମାମଲା ସେତେବେଳେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ରାଜନୀତି ଏବଂ ଧର୍ମକୁ ମିଶାଇବା ଭୁଲ୍ ବୋଲି କୋର୍ଟ କହିଥିଲେ। ମାମଲାର ତଦନ୍ତ ପାଇଁ ସିବିଆଇ, ରାଜ୍ୟ ପୁଲିସ ଏବଂ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀଙ୍କୁ ନେଇ ମିଳିତ ଟିମ ଗଠନ କରିଥିଲେ।

### ବିରାଦରୀ ପ୍ରୀତି...

୨୦ ବରିଷ୍ଠ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟାର ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲା ପ୍ରଶାସନ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଏଡ଼ିଜି, ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ଏଡିଜି (ମୁଖ୍ୟାଳୟ ଓ କମ୍ୟୁନିକେସନ)ଙ୍କୁ ରିପୋର୍ଟରେ କ୍ଲିନ୍‌ଚିଟ୍ ଦିଆଗଲା। ଅର୍ଥାତ୍ ରଥଯାତ୍ରାରେ ଯାହା ସବୁ ଘଟଣା ଘଟିଲା, କେବଳ ଏହି ସାତ ଜଣକ କନିଷ୍ଠ ଅଧିକାରୀଙ୍କ ପାଇଁ ଓ ଏଥିରେ ଅନ୍ୟମାନଙ୍କର କୌଣସି ଭୂମିକା ନାହିଁ। ରଥଯାତ୍ରାରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରଥମଥର ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ସହ ଏଆଇ ସିସିଟିଭି କ୍ୟାମେରା ଲଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ୫ ମେଗାପିକ୍ସଲର ୨୮୨ଟି ଏଆଇ କ୍ୟାମେରା ଲଗାଯିବା ପାଇଁ ୮୮ ଲକ୍ଷ ଟଙ୍କା ବରାଦ ବି କରାଗଲା। ମାତ୍ର ୨୮୨ କ୍ୟାମେରା ବଦଳରେ ମାତ୍ର ୧୭୦ଟି କ୍ୟାମେରା ଲାଗିଲା ଓ ଯେଉଁ କ୍ୟାମେରା ଲଗାଗଲା, ତାହାର ମେଗାପିକ୍ସଲ ଓ ଫଟୋର ମାନ ଥିଲା ଅତ୍ୟନ୍ତ ଖରାପ। ୫ ମେଗାପିକ୍ସଲ ବଦଳରେ ୨ ମେଗାପିକ୍ସଲ କ୍ୟାମେରା ଲଗାଯାଇଥିବା ପରେ ଜଣାପଡ଼ିଲା। ମୋଟାମୋଟି ଦେଖିଲେ ଭିଡ଼, ଦଳାଚକଟା, ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପଛରେ ଏଆଇ କ୍ୟାମେରା ପରିଚାଳନାରେ ଦାୟିତ୍ୱହୀନତା ପ୍ରମୁଖ କାରଣ ହୋଇଥିଲେ ବି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତଦନ୍ତ ରିପୋର୍ଟରେ ଏକପ୍ରକାର କ୍ଲିନ୍‌ଚିଟ୍ ଦିଆଯାଇଥିବା ଅଭିଯୋଗ ହୋଇଛି। କାହିଁକି କମ୍ କ୍ୟାମେରା ଲାଗିଲା, କ୍ୟାମେରାର ମେଗାପିକ୍ସଲ କିଏ ଓ କାହିଁକି ପରିବର୍ତ୍ତନ କଲେ, କ୍ୟାମେରା ଲଗାଇଥିବା ସମ୍ପୃକ୍ତ ଠିକା ସଂସ୍ଥାକୁ ବାଛିଥିବା ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ ହେଲା ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିସିଟିଭି ଲଗାଇବା ନିମନ୍ତେ ଠିକା ସଂସ୍ଥା ଚୟନ ଦାୟିତ୍ୱରେ ଥିବା ତତ୍କାଳୀନ ପୁଲିସ ଏଡିଜି (ହେଡ୍‌କ୍ୱାର୍ଟର ଓ କମ୍ୟୁନିକେସନ)ଙ୍କୁ ଏ ସମ୍ପର୍କରେ ପ୍ରଶ୍ନଟିଏ ବି କରାଯାଇ ନାହିଁ। କନିଷ୍ଠ ପୁଲିସ କର୍ମଚାରୀଙ୍କୁ ବଳି ଦେଇ ତାଙ୍କୁ ପୂରା ଦୋଷମୁକ୍ତ କରି ଦିଆଯାଇଛି। ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ବିରାଦରୀ ପ୍ରୀତି ଯୋଗୁଁ ରିପୋର୍ଟ ନିରପେକ୍ଷତାର ଊର୍ଦ୍ଧ୍ୱକୁ ଉଠି ପାରି ନ ଥିବା ଅଭିଯୋଗ ହୋଇଛି।

ଅନୁରୂପ ଭାବରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରୀତିନୀତି ପରିଚାଳନାରେ ହୋଇଥିବା ଅବ୍ୟବସ୍ଥା ଓ ପହୁଡ଼ ବେଳେ ଉପଯୁକ୍ତ ପରିମାଣର ପୁଲିସ ମୁତୟନ କରା ନ ଯିବା ମଧ୍ୟ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିଥିଲା। ସବୁଠାରୁ ସ୍ପର୍ଶକାତର ଘଟଣାଟି ଘଟିଥିଲା ଶରଧାବାଲିରେ। ରଥଯାତ୍ରା ଦିନ ରାତିରେ ଶୋଇଥିବାବେଳେ ଶରଧାବାଲିରେ ଦଳାଚକଟା ଘଟି ୩ ଜଣଙ୍କ ମୃତ୍ୟୁ ଘଟଣାକୁ ସମ୍ପୂର୍ଣ୍ଣ ଗୁରୁତ୍ୱହୀନ କରି ଦିଆଯାଇଛି। କାହିଁକି ସେଠାରେ ଭିଡ଼ ଏକାଠି ହେବାକୁ ଦିଆଗଲା, ଦାୟିତ୍ୱରେ ଥିବା ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ କ'ଣ କରୁଥିଲେ, ଏଆଇ କ୍ୟାମେରାର ଭୂମିକା ଏଠାରେ କ'ଣ ଥିଲା ଏବଂ ଦଳାଚକଟା ସମୟରେ ଓ ଦଳାଚକଟା ପରେ ଦାୟିତ୍ୱରେ ଥିବା ଅଧିକାରୀମାନେ କୁଆଡ଼େ ଯାଇଥିଲେ ତାହାର ଉତ୍ତର କାହାରି ପାଖରେ ନାହିଁ। ତଦନ୍ତ ରିପୋର୍ଟରେ ଏଥିପାଇଁ କେବଳ କେଇଜଣ କନିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଯେଉଁ ବରିଷ୍ଠ ଅଧିକାରୀମାନେ ଦାୟିତ୍ୱରେ ଥିଲେ, ସେମାନେ କାହିଁକି ଉତ୍ତରଦାୟୀ କରାଯାଇ ନାହିଁ; ସେ ସମ୍ପର୍କରେ ସ୍ୱାଭାବିକ ପ୍ରଶ୍ନ ଉଠିଛି।

**NOTICE**
By virtue of an affidavit sworn before Executive Magistrate, Banpur, Vide No.- 4068, dated-06/11/2025 I, Adeitya Baghasingh, Address:- S/o- Prasanna Baghasingh, At- Paladhuapalli, Po.- Ayatpur, Ps.- Nachuni, Dist.- Khordha, Odisha, Pin- 752035, declare that I have changed my name from **Ajita Baghasingh** to **Adeitya Baghasingh**. Henceforth, I shall be known as **Adeitya Baghasingh** for all purposes.
Adeitya Baghasingh

**AFFIDAVIT**
I, Sri Rajesh Kumar Behera, S/o- Sri Chandra Sekhar Behera, R/o At/PO- Bijabandali, PS- Ambadola, Dist.- Rayagada declare that from now onwards my wife named Kshirodara shall be known as **KSHIRODRA** for all legal purposes by an affidavit No.384 sworn on Dt.09.06.2025.

**AFFIDAVIT**
I, Rajib Lochan Ratha, S/o- Niranjan Ratha, resident of Po/Ps-Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd-31/10/25 that I will be known and signed as Rajib Lochan Ratha for all future purpose instead of Rajib Lachan Ratha, that reflects in my Matric Certificate.

**AFFIDAVIT**
I, Hasamtun Nisha, aged about 42 years, W/o- Fazle Karim, resident of At- Mahemudabad, Po- Kerang, Ps/Dist- Khurda, Odisha, Pin- 752055 declare by this affidavit No. 2281, dtd- 10/11/2025, that now onwards I shall be known as **HASMATUN NISHA** for all future purposes.

**AFFIDAVIT**
By virtue of an affidavit (CF No. 8003, date- 04/11/2025 sworn before the Executive Magistrate, Jharsuguda. I, **Basanti Nayak,** W/o- Keshab Parida, permanent resident of At- A.N. Guhalane, Laxmi Narayan Lane, PO: Budharaja, PS: Town, Dist: Sambalpur, PIN- 768004, Odisha declare that I have changed my minor daughter's name from **Nivedita Parida** (old name) to **Siddhi Parida** (new name). Henceforth, she shall be known as **Siddhi Parida** (new name) for all purposes.
**Basanti Nayak**

**AFFIDAVIT**
By virtue of an affidavit sworn before The Executive Magistrate, Panposh, Uditnagar, Rourkela , date- 23/05/2025. I, **Santosh Kumar Mohanty,** permanent resident of Qr No. D-418, Koelnagar, PO: Saktinagar, PS: Jhirpani, Rourkela, Dist: Dundargarh, PIN: 769014 Odisha declare that I have changed my minor son's name from **Rohan Mohnaty** to **Swarit Mohanty**. Henceforth, he shall be known as **Swarit Mohanty** (new name) for all purposes.
**Santosh Kumar Mohanty**

**AFFIDAVIT**
By virtue of an affidavit sworn before The Executive Magistrate, Deogarh, date- 31/10/2025. I, **Prema Manjari Acharya,** W/o Sribatsha Kumar Acharya, resident of Deogarh Town, Panda Sahi, New Colony, Ward No.2, PO/PS: Deogarh, Tahasil/Dist: Deogarh, Pin: 768108, Odisha declare that I have changed my name from **Premalata Acharya to Prema Manjari Acharya.** Henceforth, I shall be known as **Prema Manjari Acharya** (new name) for all purposes.
**Prema Manjari Acharya**

**AFFIDAVIT**
By virtue of an Affidavit No.6588 dt.04.07.2025 before the Executive Magistrate, Bhadrak I, Balaram Rout, aged 34 years, S/o-Nirmal Rout, At- Ajimatpur, Po-Ananda Bazar, Ps-Dhamnagar, Dist- Bhadrak have declare that my previous nick name was Deepak Kumar Jena S/o-Antaryami Jena and accordingly in my service documents at ATG Tyre Pvt. Ltd. has maintained, but my real name is Balaram Rout S/o-Nirmal Rout. Aadhaar No.6892 3027 4597 and both Deepak Kumar Jena S/o- Antaryami Jena is one and same person and both the names are belong to the deponent and I am known as Balaram Rout S/o-Nirmal Rout for all future purposes.
**Sd/- Balaram Rout**

**JOB VACANCY**
Advertisement Ref no- BWFPC/2025-26/026
Marketing Manager (01 no's): Experienced; Graduate (Age limit 40)
**Rs- 15,000/- to 16,000/-**
Accountant (01 no's): Experienced; Graduate in Commerce (Age limit40)
**Rs-8,000/- to 10,000/-.**
Send CVs through Email Id- **bonaigadawomenfpc@gmail.com** or Postal through registered office address C/c - Jaimati Kisan, At/Po Sarsara Bolang, Block Bonaigarha Dist-Sundargarh Postal - 770051 Contact No - 7606999010, 8260444056)
**Deadline for receiving applications: 25.11.2025, 5:00 PM.**

**DARWIN MEMORIAL HIGHER SECONDARY SCHOOL, KUDUMULUGUMMA, MALKANGIRI**
**WALK-IN-INTERVIEW**
A walk-in-interview for **Matron (contractual basis)** in Girls Hostel will be conducted on **19th November 2025 (Wednesday) at 10.00 A.M.** Interested candidates having necessary eligibility and documents be as follows:
1. She must be a graduate.
2. Residence certificate by competent authority.
3. NOC from concerned police station/police verification report.
4. Character certificate by any Gazetted officer.
5. Age must be 18 years as on 01.01.2025. No TA/DA is admissible.
The authority reserves the right to cancel or reject the Walk-in-Interview for any reason thereof.
**Sd/-Principal-cum-Secretary**
**Darwin Memorial H.S.S., Kudumulugumma**

● ବେଫିକର ଭାବେ କଟାଯାଉଛି ଚାଲାଣ

# ଚୋରା ବାଇକ୍ ଫଟୋ ଉଠାଇ ସ୍କୁଟିକୁ ଜରିମାନା

ନୟାଗଡ଼,୧୦।୧୧(ସମିସ): ନୟାଗଡ଼ ଜିଲ୍ଲାରେ ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସ ବିଭାଗ ମନଇଚ୍ଛା ଚାଲାଣ କାଟୁଥିବା ନେଇ ପ୍ରମାଣ ସହ ଅଭିଯୋଗ ସାମ୍ନାକୁ ଆସୁଛି। ବେଫିକର ଭାବେ ଚାଲାଣ କଟାଯିବା ଦ୍ୱାରା ବାଇକ୍ ଆରୋହୀମାନେ ଜରିମାନା ଦେଇ ନୟାନ୍ତ ହେଉଛନ୍ତି। ଜିଲ୍ଲାରେ ଏଭଳି ସ୍ଥିତିକୁ ନେଇ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅଭିଯୋଗ ତାଲିକା ମଧ୍ୟ ଲମ୍ବା ହେଉଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁର ପଦ୍ମଚରଣ ମହାପାତ୍ରଙ୍କ ପୁଅ ରାମକୃଷ୍ଣ ମହାପାତ୍ରଙ୍କ ଓଡି୨୫କେ୦୪୫୭ ନମ୍ବର ବିଶିଷ୍ଟ ସ୍କୁଟିକୁ ଗତ ନଭେମ୍ବର ୬ ତାରିଖରେ ୧୧ଟା ୩୦ ସମୟରେ ପୁଲିସ୍ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ନେଇ ଚାଲାଣ କାଟିଥିଲା। ନୟାଗଡ଼ ଟାଉନଥାନା ପୁଲିସ ପକ୍ଷରୁ ଚାଲାଣ କରାଯାଇଥିବା ତାଙ୍କ ନମ୍ବରକୁ ମେସେଜ୍ ଆସିଥିଲା। ଏହା ଜାଣିବା ପରେ ରାମକୃଷ୍ଣ ଚିନ୍ତିତ ହେବା ସହ ଅନଲାଇନରୁ ଚାଲାଣ ଫର୍ମ ଡାଇନଲୋଡ୍ କରି ଦେଖିଥିଲେ। ତାଙ୍କ ସ୍କୁଟି ନମ୍ବର ଥିବା ଏକ ବାଇକ ଫଟୋ ଉଠାଯାଇ ଚାଲାଣ କଟାଯାଇଥିବା ସେ ଦେଖିବାକୁ ପାଇଥିଲେ। ଏହି ବାଇକ ନିଶ୍ଚିତ ଭାବେ ଚୋରା ବାଇକ ବୋଲି ସେ ଅନୁଭବ କରିବା ପରେ ନୟାଗଡ଼ ଟାଉନଥାନା ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏନେଇ ଅଭିଯୋଗ କରିଥିବା ଜଣାପଡ଼ିଛି। ତାଙ୍କ ସ୍କୁଟି ନମ୍ବର ବ୍ୟବହାର କରୁଥିବା ଚୋରା ବାଇକ ଫଟୋ ଉଠାଇ ପୁଲିସ ଚାଲାଣ କାଟିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ପୁଲିସ ଯଦି ଉକ୍ତ ସ୍ଥାନରେ ଚାଲାଣ କାଟିଥାନ୍ତା, ଏଭଳି ସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି ଅଭିଯୋଗ ହୋଇଛି। ଏବେ ରାମକୃଷ୍ଣଙ୍କ ସ୍କୁଟି ନମ୍ବରରେ ୫ ହଜାର ଟଙ୍କା ଜରିମାନା ରହିଥିବା ବେଳେ ଏହାକୁ କିଭଳି ସେ ପରିଶୋଧ କରିବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ଏହି ଘଟଣାକୁ ନେଇ ନୟାଗଡ଼ ଟାଉନଥାନାରେ ଏକ ଷ୍ଟେସନ ଡାଏରୀ ମଧ୍ୟ କରାଯାଇଛି।

## ଓଡ଼ଗାଁ ସମବାୟ ସମିତିରେ ସାଂଘାତିକ ଘୋଟାଲା

# ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଆତ୍ମସାତ୍ ଅଭିଯୋଗ

ନୟାଗଡ଼,୧୦।୧୧(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ସମବାୟ ସମିତିରେ ସାଂଘାତିକ କେଳେଙ୍କାରୀ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ସମ୍ପାଦକ ଦିଲ୍ଲୀପ କୁମାର ଚୌଧୁରୀ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପାଇଁ ପରିଚାଳନା ପରିଷଦ ଦାବି କରିଛି। ଜିଲ୍ଲା ପ୍ରଶାସନ କୌଣସି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆସନ୍ତା ସୋମବାରଠାରୁ ତାଲା ବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ସୂଚନାନୁସାରେ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମ୍ଭ ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦର ବୈଠକ ପାଇଁ ସଂପାଦକ ଦୀପକ କୁମାର ଚୌଧୁରୀଙ୍କୁ ଗତ ସେପ୍ଟେମ୍ବର ୨୯ ତାରିଖରେ ଚିଠି କରାଯାଇଥିଲା କିନ୍ତୁ ସଂପାଦକ ତାହାକୁ ଖାତିର ନକରି ବୈଠକ କରିନଥିଲେ। ବୈଠକରେ ସମସ୍ତ ପରିଚାଳନା ପରିଷଦ ଉପସ୍ଥିତ ରହିଥିବା ବେଳେ ସଂପାଦକ କୌଣସି କାରଣ ନ ଦର୍ଶାଇ ଉପସ୍ଥିତ ରହିନଥିଲେ। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି ହେଉଛି। ସହକାରୀ ନିବନ୍ଧକ ସମବାୟ ସମିତି ସମୂହଙ୍କ ଚିଠ ସଂଖ୍ୟା ୬୭୩ ତା. ୨୯-୦୪-୨୦୨୫ ରିଖରେ ପ୍ରତ୍ୟେକ ସୋସାଇଟ ସଂପାଦକ ମାର୍କ ଫେଡ୍‌ରୁ ସାର ଆଣି ନିର୍ଦ୍ଧାରିତ ସମୟରେ ସୁଲଭ ଦରରେ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ସମ୍ପାଦକ ସମିତିକୁ ସାର ଆଣିଲେ ନାହିଁ। ଲାଇସେନ୍ସ ରିନ୍ୟୁଆଲ କଲେ ନାହିଁ, ସାର ରଖିବା ପାଇଁ ଗୋଦାମ ଘର ଠିକ୍ କଲେ ନାହିଁ, ପିଓଏସ୍ ମେସିନ ସଜାଡ଼ିଲେ ନାହିଁ କି ପରିଚାଳନା କମିଟି କିମ୍ବା ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଲେ ନାହିଁ। ଯାହା ଫଳରେ ଚାଷୀ ହଇରାଣ ହେଲେ, ସମିତି ଅପୂରଣୀୟ କ୍ଷତି ହେଲା। ଏହାର ତଦନ୍ତ ପାଇଁ ମଧ ଦାବି କରାଯାଇଛି। ସମବାୟ ସମିତି ଅଇନ ଅନୁଯାୟୀ ଆୟବ୍ୟୟ ଖର୍ଚ୍ଚ ଅଟକଳ ବା ବଜେଟ ଅନୁମୋଦନ ନକରି ସୋସାଇଟ ଅର୍ଥକୁ ଆତ୍ମସାତ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସମ୍ପାଦକ ସଂପାଦକ ଗତ ୧୧-୬-୨୦୨୫ ରେ ୫ ଲକ୍ଷ ୩୨ ହଜାର (ପାଞ୍ଚ ଲକ୍ଷ ବତିଶି ହଜାର ଟଙ୍କା) ଓଡଗାଁ ଶାଖାରେ ଥିବା ନିଜ ଜମା ଖାତା ନଂ-୩୦୦୯ ଓ ୧୩-୬-୨୦୨୫ ରେ ୫ ଲକ୍ଷ ୩୦ ହଜାର ଟଙ୍କା ଓଡଗାଁ ଶାଖାରେ ଥିବା ନିଜ ଜମା ଖାତା ନଂ-୩୦୦୯ରେ ଚାଷୀଙ୍କ ଋଣ ଅସୁଲ ଟଙ୍କାକୁ ଡିପୋଜିଟ୍ କରିଛନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ସେ ଟଙ୍କାକୁ ଉଠାଇ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଧାନ ମଣ୍ଡି ସମୟରେ ଚାଷୀ ବିଶ୍ରାମସ୍ଥଳ ନିର୍ମାଣ ଓ ଜଳଖିଆ ବାବଦକୁ ୩୧-୩-୨୦୨୫ ରେ ୭୧ ହଜାର ଟଙ୍କା ମିଥ୍ୟା ବିଲ୍ ଭାଉଚର କରି ସୋସାଇଟ ଅର୍ଥକୁ ଉଠାଣ କରିଛନ୍ତି। ଯାହା ଫଳରେ ସୋସାଇଟର ଆର୍ଥିକ କ୍ଷତି ହୋଇଛି। ଏହାର ତଦନ୍ତ କରିବାକୁ ଦାବି ହେଉଛି। ଏନେଇ ଜିଲ୍ଲାପାଳଙ୍କୁ ପରିଚାଳନା ପରିଷଦ ସଭାପତି ବିଭୂପ୍ରସାଦ ସାହୁ ଓ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ୭ ଦିନ ମଧ୍ୟରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ନତୁବା ସମବାୟ ସମିତିରେ ତାଲା ପକାଇ ଆନ୍ଦୋଳନ କରିବାକୁ ଦାବି ହେଉଛି।

**୭ ଦିନରେ ସମାଧାନ ନ ହେଲେ ତାଲା ବନ୍ଦ ଆନ୍ଦୋଳନ**

# କୁରୁମୁଣ୍ଡାଳୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା



ଓଡ଼ଗାଁ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ, କୁରୁମୁଣ୍ଡାଳୀରେ ପ୍ରାୟ ଏକମାସରୁ ଉଦ୍ଧ୍ୱର୍ ସମୟ ଧରି ଶିକ୍ଷକ ନଥିବାରୁ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଓଡ଼ଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ କୁରୁମୁଣ୍ଡାଳୀ ପ୍ରାଥମିକ ବିଦ୍ୟାଳୟରେ ୬ ଗୋଟି ଶ୍ରେଣୀକୁ ସର୍ବନିମ୍ନ ୨ ଜଣ ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଗତ ଏକମାସ ପୂର୍ବେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏଠାରେ ଯେଉଁ ଶିକ୍ଷକ ଅଛନ୍ତି, ତାଙ୍କର ଶାରିରୀକ ଅସୁସ୍ଥତା ଯୋଗୁଁ ମଧ୍ୟାହ୍ନ ଭୋଜନ ସହିତ ବିଦ୍ୟାଳୟ ଆରମ୍ଭରୁ ଛୁଟି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ଏକାକୀ ତୁଲାଇବା ଅସମ୍ଭବ ହୋଇପଡୁଛି। ପରିସ୍ଥିତି ଏବଂ ଅବସ୍ଥାକୁ ଲକ୍ଷକରି ଯଥାଶୀଘ୍ର ଆଉଜଣେ ଶିକ୍ଷକ ଯୋଗାଇଦେବାକୁ କୁରୁମୁଣ୍ଡାଳୀ ଗ୍ରାମବାସୀଙ୍କ ତରଫରୁ ସଭାପତି କୃଷ୍ଣଚନ୍ଦ୍ର ରାଉତ, ସମ୍ପାଦକ ଛବି ରାଉତଙ୍କ ଓ କେତେକ ଛାତ୍ରଛାତ୍ରୀଙ୍କ ସହିତ ୧୫ ଜଣରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି।

## ସୁନାହାର ଛଡ଼ାଇ ନେଲେ ୩ ଦୁର୍ବୃତ୍ତ

ଓଡ଼ଗାଁ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ସୁନାମୁହିଁ ପୂର୍ତ୍ତ ବିଭାଗ ରାସ୍ତାରେ ସନ୍ୟାସୀ ପ୍ରଧାନଙ୍କ ସ୍ତ୍ରୀ କୁନ୍ତଳା ପ୍ରଧାନ ବିଲ କାମ ସାରି ଫେରୁଥିବା ବେଳେ ୩ ଜଣ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଦ୍ରୁତଗତିରେ ଆସି ଅନ୍ଧାର ବାଉତି ଠାକୁରାଣୀଙ୍କ ନିକଟରେ ଜଣେ କୁନ୍ତଳାକୁ ଧରିଥିବା ବେଳେ ଅନ୍ୟ ଜଣେ ତାଙ୍କ ବେକରୁ ସୁନାହାରକୁ ଛଡାଇ ନେଇଥିଲେ। କାନଫୁଲ ନେବାକୁ ବିଳମ୍ବ ହେବ ଭାବି ଷ୍ଟାର୍ଟ ଅବସ୍ଥାରେ ଥିବା ବାଇକ୍‌ରେ ବସି ଘଟଣାସ୍ଥଳରୁ ସମସ୍ତେ ଗଞ୍ଜାମ ଅଭିମୁଖେ ଚମ୍ପଟ୍ ମାରିଥିଲେ। ୩ ଜଣଯାକ ଦୁର୍ବୃତ୍ତ ହେଲମେଟ ପିନ୍ଧି ଥିବାରୁ ସେମାନଙ୍କୁ ଚିହ୍ନିବା ସହଜ ହୋଇନଥିଲା। ଏନେଇ ସୋମବାର ଅପରାହ୍ନରେ କୁନ୍ତଳା ପ୍ରଧାନ ଓଡ଼ଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଓଡ଼ଗାଁ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

● କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ଅଧିବେଶନ

# ନୂତନ କର୍ମକର୍ତ୍ତା ଚୟନ; ଜୁବୁଲି କରିବା ନିଷ୍ପତ୍ତି




କଣ୍ଟିଲୋ,୧୦।୧୧(ସମିସ): ସମ୍ପ୍ରତି ଦୀର୍ଘ ୫ ବର୍ଷ ହେଲା କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ବନ୍ଦ ହୋଇ ଯାଇଥିବା ବାର୍ଷିକ ମହାସଭା କଣ୍ଟିଲୋ ମେଡିକାଲ ଛକ ନିକଟସ୍ଥ ନଡ଼ିଆ ପୋଖରୀ ପାଖରେ ଥିବା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତା, ଉପଦେଷ୍ଟା କମିଟି, ପରିଚାଳନା କମିଟି ଓ ସମୀକ୍ଷକ ଚୟନ ହୋଇଛନ୍ତି। କଣ୍ଟିଲୋ ମେଡିକାଲ ଛକ ନିକଟସ୍ଥ ନଡ଼ିଆ ପୋଖରୀ ପାଖ ସଭା ଗୃହରେ କେନ୍ଦ୍ରାଞ୍ଚଳ ଶାଖାର ସଭାପତି ଚତୁର୍ଭୁଜ ମହାରଣାଙ୍କ ସଭାପତିତ୍ୱରେ ୫୦ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ମହାସଭାରେ ସମାଜର ମୋଟ ୪୫ ଥାନ ମଧ୍ୟରୁ ୩୭ ଥାନର ଥାନପତି, ଥାନ ଗୋସାଇଁ, କର୍ମକର୍ତ୍ତା, ପୂର୍ବତନ କର୍ମକର୍ତ୍ତା ଓ ନିମନ୍ତ୍ରିତ ଅତିଥି ମୋଟରେ ଶତାଧିକ ଜାତିଭାଇ ଯୋଗ ଦେଇ ଜାତି ସଂଗଠନ, ଅନୁଷ୍ଠାନ ମଜଭୁତ, କାରିଗରଙ୍କ ଭବିଷ୍ୟତ ଓ ଗୋଲ୍ଡେନ ଜୁବୁଲି କରିବା ପାଇଁ ଗଠନ ମୂଳକ ପ୍ରସ୍ତାବ ମାନ ଦେଇଥିଲେ। ସଭାପତି ଭାବେ ଅଖିଳ କୁମାର ମହାରଣା, ଉପସଭାପତି ମୃତ୍ୟୁଞ୍ଜୟ ସାହୁ, ସମ୍ପାଦକ ଶରତ ଚନ୍ଦ୍ର ମହାରଣା, ସହ ସମ୍ପାଦକ ବୈକୁଣ୍ଠ ନାଥ ସାହୁ, କୋଷାଧ୍ୟକ୍ଷ ଅଶୋକ କୁମାର ମହାରଣା, ଉପଦେଷ୍ଟା ଭାବେ ଚତୁର୍ଭୁଜ ମହାରଣା, ଦଣ୍ଡପାଣି ସାହୁ, ଅନାଦି ଚରଣ ସାହୁ ଓ ଶ୍ରୀପତି ମହାରଣା ଚୟନ ହୋଇଥିବା ବେଳେ ସମୀକ୍ଷକ ଭାବେ ପ୍ରସନ୍ନ କୁମାର ସାହୁ ଓ ରାଜ କିଶୋର ସାହୁ। ପରିଚାଳନା କମିଟି ସଦସ୍ୟ ଭାବେ ଭିକାରୀ ଚରଣ ସାହୁ, ଦୁର୍ଯ୍ୟୋଧନ ମହାରଣା, ଶୁଭ୍ରାଂଶୁ ମହାରଣା, କାଳନ୍ଦୀ ମହାରଣା, ଯତୀନ୍ଦ୍ର ମହାରଣା, ପ୍ରଭାତ କୁମାର ସାହୁ, ପବିତ୍ର ମହାରଣା ( ବୁଢା), ବିଜୟ କୁମାର ସାହୁ ଓ ରାଜେଶ୍ ଦାସ ପ୍ରଭୃତି ଆସନ୍ତା ଦୁଇ ବର୍ଷ ପାଇଁ ଚୟନ ହୋଇଛନ୍ତି।

**୩ୟ ମାଛିପଡ଼ା ପ୍ରିମିୟର ଲିଗ୍ ଉଦଯାପିତ**

# ଡାଇନାମିକ୍ ପାନ୍ଥସ୍ ଚାମ୍ପିଅନ



ନୟାଗଡ଼,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ ମାଛିପଡ଼ା ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମୁକାବିଲାରେ ଡାଇନାମିକ୍ ପାନ୍ଥସ୍ ୭୧ ରନରେ ଓମ୍ ସାଇ ଷ୍ଟାରକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଓମ୍ ସାଇ ଷ୍ଟାର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ଡାଇନାମିକ୍ ପାନ୍ଥସ୍ ୧୫ ଓଭରରେ ୫ ୱିକେଟ୍ ହରାଇ ୨୦୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଓମ୍ ସାଇ ଷ୍ଟାର ଇଲେଭେନ୍ ୧୫ ଓଭରରେ ୯ ୱିକେଟ୍ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା। ବିଜୟୀ ଦଳର ତନ୍ମୟ ବ୍ୟକ୍ତିଗତ ଭାବରେ ୪୪ ବଲରେ ୧୨୬ ରନ୍ ସଂଗ୍ରହ କରି ମୁଖ୍ୟ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ଫାଇନାଲ୍ ଟ୍ରଫି ଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ସୁଶାନ୍ତ ଶେଖର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମାଛିପଡ଼ା ସମିତିସଭ୍ୟ ବାବୁଲି ଜେନା ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ହସମ୍ମଦ ଖାଁ ଯୋଗ ଦେଇ ରନର୍ସ ଅପ୍ ଟ୍ରଫି ସହ ନଗଦ ଅର୍ଥ ରାଶି ୧୮ ହଜାର ଟଙ୍କା ପୁରସ୍କାର ଭାବେ ଭାବେ ପ୍ରଦାନ କରାଯାଇଥିଲା। ଆଜିର ଖେଳକୁ ଜିତେନ୍ଦ୍ର କୁମାର ମହାପାତ୍ର ଓ ନାସିର ଜାମସେଦ୍ ପରିଚାଳନା କରିଥିଲେ। ଶିକ୍ଷାବିତ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋଡର୍ ଦାୟିତ୍ୱ ତୁଲାଇଥିଲେ।

## ନିଟ୍ ପରୀକ୍ଷାରେ ଶୁଭମ୍ କୃତକାର୍ଯ୍ୟ



ଗଣିଆ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଧୁଆଁମଡା ଗ୍ରାମର ପବିତ୍ର ମହାରଣାଙ୍କ ପୁଅ ଶୁଭମ ମହାରଣା ନିଟ୍ ପରୀକ୍ଷାରେ ତୃତୀୟ ପର୍ଯ୍ୟାୟତାଲିକାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ନୟାଗଡ଼ ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେ ନିଜର ଦୃଢ ଇଚ୍ଛାଶକ୍ତି, ଦକ୍ଷତା ଓ କଠିନ ପରିଶ୍ରମ ବଳରେ ଏହି ସଫଳତା ହାସଲ କରି ଅନେକଙ୍କ ପାଇଁ ଏକ ପ୍ରେରଣା ସାଜିଛନ୍ତି। ଭବିଷ୍ୟତରେ ସେ ଜଣେ ଉତ୍ତମ ଡାକ୍ତର ଭାବରେ ଗରିବ ଓ ପଛୁଆ ଲୋକଙ୍କ ସେବା କରିବେ ବୋଲି ପ୍ରକାଶ କରିଛନ୍ତି। ଧୁଆଁମଡା ଭଳି ଏକ ଅନୁନ୍ନତ ଗ୍ରାମରେ ଜନ୍ମ ଗ୍ରହଣ କରି ପିଲାବେଳୁ ଜଣେ ଡାକ୍ତର ହେବାର ସ୍ୱପ୍ନ ତାଙ୍କର ପୂରଣ ହୋଇଛି ବୋଲି ପୂର୍ବତନ ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ ପ୍ରକାଶ କରିଛନ୍ତି।

■ ପ୍ରଧାନଶିକ୍ଷକ ନିଲମ୍ବନ ଘଟଣା

# ୮ ଦିନ ପରେ ବି ପ୍ରତ୍ୟାହାର ହେଲାନି ନିର୍ଦ୍ଦେଶ

ଓଡ଼ଗାଁ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ମଶାବାରି ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କ ନିଲମ୍ବନ ଆଦେଶକୁ ୪୮ ଘଣ୍ଟା ମଧ୍ୟରେ ପ୍ରତ୍ୟାହାର କରିବାକୁ ପ୍ରତିଶ୍ରୁତି ମିଳିଥିଲା। ଏହାକୁ ୮ ଦିନ ବିତିଯାଇଥିଲେ ମଧ୍ୟ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇନାହିଁ। ଗତ ୬ ତାରିଖରେ ଓଡ଼ଗାଁ ବ୍ଲକ ଗସ୍ତ ସମୟରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ପ୍ରଧାନଶିକ୍ଷକଙ୍କ ପୁନଃ ନିଯୁକ୍ତି ପାଇଁ ଜଣାଇଥିଲେ। ଏନେଇ ଗ୍ରାମବାସୀଙ୍କ ତରଫରୁ ଓଡ଼ଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୁନଃ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ର ଛାତ୍ରଛାତ୍ରୀ, ସ୍କୁଲ କମିଟି ସଦସ୍ୟ ଏବଂ ଅଭିଭାବକଙ୍କ ସହିତ ଗତ ଦୀପାବଳି ଅମାବାସ୍ୟା ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ପ୍ରଦୀପ ପ୍ରଜ୍ୱଳନ ଉତ୍ସବ ପାଳନ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବିତ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କ ପୁନଃ ନିଯୁକ୍ତି ଦାବିରେ ଗତ ୩ ତାରିଖରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକ ଓଡ଼ଗାଁ-ବାହାଡ଼ାଖୋଲା ରାସ୍ତାର ଫାଟକ ସାମ୍ନାରେ ସକାଳ ୧୦ଟାରୁ ଧାରଣାରେ ବସିଥିଲେ। ଖବରପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ଓ ଅନ୍ୟମାନେ ପହଞ୍ଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିଥିଲେ। ତେବେ ସେମାନେ ଧାରଣାରୁ ଉଠିବାକୁ ମନା କରିବାରୁ ଦାବି ଅନୁସାରେ ୪୮ ଘଣ୍ଟା ମଧ୍ୟରେ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କ ପୁନଃ ନିଯୁକ୍ତି ପାଇଁ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

ନୟାଗଡ଼,୧୦।୧୧(ସମିସ): ନୂଆଗାଁ ବ୍ଲକ ମାଳିସାହି ସରସ୍ୱତୀ ଶିଶୁମନ୍ଦିରର ତ୍ରୟୋବିଂଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ସଭାପତିତ୍ୱ କରିବା ସହିତ ସ୍ୱାଗତ ଅଭିଭାଷଣ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁମାନେ ଭବିଷ୍ୟତରେ ଭଲମଣିଷ ହୋଇ ସମୃଦ୍ଧ ଦେଶ ଗଠନରେ ସହାୟକ ହେବାକୁ ଅଭିଭାବକମାନେ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ନୟାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅଶୋକ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଓଟିଭି ଉପସ୍ଥାପକ ତଥା ସାମ୍ବାଦିକ ଜୟେନ୍ଦ୍ର ବେହେରା ଯୋଗ ଦେଇଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ତ୍ରିନାଥ ମହାପାତ୍ର ଶିଶୁମନ୍ଦିରର ଶିଶୁଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁମାମାନଙ୍କ ସକ୍ରିୟ ସହଯୋଗ ଏବଂ ଅଭିଭାବକମାନଙ୍କର ଅନୁଷ୍ଠାନ ପ୍ରତି ଥିବା ସ୍ନେହ, ସଦ୍‌ଇଚ୍ଛା ହେତୁ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ପ୍ରଧାନଆଚାର୍ଯ୍ୟ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# କୁରାଳରେ ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଓଡ଼ଗାଁ,୧୦।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ଗାଁର କାଳୁ ଚରଣ ଚୌଧୁରୀ(୫୫)ଙ୍କ ସୋମବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି ଏନେଇ ତାଙ୍କ ଝିଅ ଜ୍ୟୋତ୍ସ୍ନାମୟୀ ଚୌଧୁରୀ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିଥିଲେ। ଓଡ଼ଗାଁ ଡାକ୍ତରଖାନାରେ କାଳୁଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଅନୁସାରେ ସୋମବାର ଦିନ ପ୍ରାୟ ୧୧ଟା ବେଳେ ଜଣେ ଅର୍ଦ୍ଧ କପାଳି ରୋଗୀ ଆସି ଔଷଧ ନେବା ନିମନ୍ତେ କାଳୁ ଚୌଧୁରୀଙ୍କ ଘରେ ଡାକିଥିଲା। କେହି ନ ଶୁଣିବାରୁ ପୁଣି ଘଣ୍ଟାଏ ପରେ ଆସି ଡାକିଥିଲା। ନିକଟରେ ଥିବା ପିଲାଙ୍କୁ ଡାକିବାକୁ କହିବାରୁ ସେମାନେ ଡାକିଲେ। କେହି ନ ଶୁଣିବାରୁ ଝରକା କବାଟ ଠେଲି ଖୋଲିବାରୁ କାଳୁ ତଳ ପଡ଼ିଥିବା ଦେଖି ପଛପଟୁ ଘରେ ପଶିଥିଲେ। ରସ ବାଲଟିରେ ପଡ଼ିଥିବା ୱାଟର ହିଟର ଯୋଗୁଁ ବାଲଟି ତରଳି ଯାଇ ଲୋଚା ହୋଇଯାଇଥିଲା। ବାଲଟିକୁ ୨ ଇଞ୍ଚ ଛାଡ଼ି କାଳୁଙ୍କ ମୃତ ଶରୀର ପଡ଼ିଥିବା ଦେଖିବାକୁ ମିଳିଥିଲା। ଗାଁ ଯୁବକଙ୍କ ଠାରୁ ଖବର ପାଇ ନୟାଗଡ଼ ନିକଟ ଶାଶୁ ଘରୁ ଝିଅ ଆସି ଅପରାହ୍ନ ୨ଟା ବେଳେ ବାପ ଘରେ ପହଞ୍ଚି କାଳୁଙ୍କୁ ସଙ୍ଗେ ସଙ୍ଗେ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଆନୁଷ୍ଠାନିକ ଭାବେ ମୃତ ଘୋଷଣା କରିଥିଲେ। ଖୋର୍ଦ୍ଧାରେ ପାଠ ପଢ଼ିବାକୁ ଯାଇଥିବା ପୁଅ ଓଡ଼ଗାଁରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା।

**ଶିକ୍ଷକଙ୍କ ଉପରେ ଶିଶୁ ବାଟିକା ଚାପ**

# ପ୍ରଧାନଶିକ୍ଷକ ସାଜିଛନ୍ତି ଶିଶୁ ସେବିକା

ଗଣିଆ,୧୦।୧୧(ସମିସ)



ଜାତୀୟ ଶିକ୍ଷା ନୀତି -୨୦୨୦ ଆଧାରରେ ଚଳିତ ଶିକ୍ଷାବର୍ଷରୁ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲିଛନ୍ତି ଗଣଶିକ୍ଷା ବିଭାଗ। ଅଙ୍ଗନବାଡ଼ିରେ ଦୁଇବର୍ଷ ପାଠ ପଢିଥିବା ପିଲାମାନେ ଏବେ ସ୍କୁଲ ଆସୁଛନ୍ତି। ଶିଶୁ ବାଟିକାରେ ଶିଶୁ ସେବିକା ନିଯୁକ୍ତି କରିବାକୁ ନିଯୁକ୍ତି ନିୟମାବଳୀ ଜାରି କରି ବିଭାଗ ଚୁପ୍ ବସିଛି। ନିୟମାବଳୀ ଜାରି କରିବାକୁ ଅଢ଼େଇ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ସରକାରୀ ବିଦ୍ୟାଳୟ ଗୁଡିକରେ ଶିଶୁ ସେବିକା ନିୟୋଜିତ ହୋଇପାରିନାହାନ୍ତି। ଯାହା ଫଳରେ ପ୍ରାଥମିକ ଶିକ୍ଷକ ମାନଙ୍କ ଉପରେ ଶିଶୁ ସେବିକାର ବୋଝ ଲଦି ହୋଇରହିଛି। ପିଲାଙ୍କୁ ପାଠ ପଢ଼ାଇବେ ନା ଶିଶୁ ସେବିକାଙ୍କ ସେବା କରିବେ ସେ ନେଇ ଅତିଷ୍ଠ ହୋଇଗଲେଣି ଶିକ୍ଷକ ମାନେ। ଗଣିଆ ବ୍ଲକରେ ୫୧ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ସେଥିମଧ୍ୟରୁ ୨୪ଟି ପ୍ରାଥମିକ ବିଦ୍ୟାଳୟ ରହିଥିବା ଜଣାପଡିଛି। ତେବେ ଉକ୍ତ ବିଦ୍ୟାଳୟ ମଧ୍ୟରେ ଶିଶୁ ବାଟିକା ଖୋଲାଥିବା ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଶିଶୁ ବାଟିକାକୁ ଆସୁଥିବା ଛୋଟ ଛୋଟ ପିଲାମାନଙ୍କ ଦାୟିତ୍ୱ ନେବା ପାଇଁ ସେବିକା ନଥିବାରୁ ସେମାନେ ଝାଡା ଫେରିବା ଠାରୁ ଆରମ୍ଭ କରି ଖାଇବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଅସୁବିଧା ହେଉଛି। ଶିଶୁ ବାଟିକାରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଯେପରି ବାହାରେ ବୁଲାବୁଲି କରିବେନି, କାନ୍ଦିଲେ କିମ୍ବା ଅଝଟ ହେଲେ ଶାନ୍ତ କରିବା, ଶ୍ରେଣୀ ଗୃହରେ ସୁରକ୍ଷିତ ରହିବେ, ଶୌଚାଳୟକୁ ଗଲେ ସାଙ୍ଗରେ ଯିବା, ମାଡ଼ଗାଳି ଦେବା ନାହିଁ, ଅସୁସ୍ଥ ହେଲେ ବିଦ୍ୟାଳୟ ମୁଖ୍ୟଙ୍କୁ ଜଣାଇବା ଆଦି କାର୍ଯ୍ୟ ଶିଶୁ ସେବିକା ମାନଙ୍କର ବୋଲି ମାର୍ଗ ଦର୍ଶିକାରେ ଲେଖାଥିବା ବେଳେ ତାହା କେବେ କାର୍ଯ୍ୟକାରୀ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶିଶୁ ସେବିକା ନିଯୁକ୍ତି ନହେବା ଫଳରେ ଶିକ୍ଷକ ମାନେ ସେବିକା କାର୍ଯ୍ୟ ତୁଲାଉଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଠ ପଢାରେ ବିଳମ୍ବ ଘଟୁଛି। ଏପରିକି ଅନେକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ବେଳେ ପ୍ରଧାନଶିକ୍ଷକ ଏବେ ଶିଶୁ ସେବିକା ପାଲଟିଥିବା ଦେଖିବାକୁ ମିଳିଛି। ତେବେ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ




ଗଣିଆ,୧୦।୧୧(ସମିସ): ଗଣିଆ ପାଟଣାସାହି ପରିସରରେ ଥିବା ତ୍ରିନାଥ ଦେବଙ୍କ ୩୫ ତମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ସକାଳୁ ଠାକୁରଙ୍କ ପୂଜାର୍ଚ୍ଚନା ନୀତିକାନ୍ତି ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ହୋମଯଜ୍ଞ କାର୍ଯ୍ୟ ସମାପନ ପରେ ମହିଳା ସଂକୀର୍ତ୍ତନ ଏବଂ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନ ତମାମ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗଣିଆ ପାଟଣା ସାହିର ମନୋଜ କୁମାର ବେହେରା ନିଜ ଉଦ୍ୟମରେ ଏହି ମନ୍ଦିର ପ୍ରତିଷ୍ଠା କରିବା ସହିତ ପ୍ରତିବର୍ଷ ପ୍ରତିଷ୍ଠା ଉତ୍ସବ ପାଳନ କରୁଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହୋଇଯାଇଛି। ତେବେ ଏହି ମନ୍ଦିରର ଉନ୍ନତି କରଣ ପାଇଁ କେହି ବି ଚେଷ୍ଟା କରୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏକ ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ଜନସାଧାରଣଙ୍କ ତରଫରୁ ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି।

## ଡିସେମ୍ବର ୧୮ରୁ ମହାବୀର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ଟାଙ୍ଗୀ,୧୦।୧୧(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ମହାବୀର ଆଥ୍‌ଲେଟିକ୍ ଆସୋସିଏସନ୍ ପକ୍ଷରୁ କୁହୁଡ଼ି ଜନତା ଷ୍ଟାଡିୟମ୍‌ରେ ଡିସେମ୍ବର ୧୮ରୁ ୨୮ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ କାର୍ଯ୍ୟକାରୀ ବୈଠକ ରବିବାର ଆସୋସିଏସନ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ଆଇନଜୀବୀ ହୃଷୀକେଶ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଆସୋସିଏସନର ସମ୍ପାଦକ ମନୋଜ କୁମାର ମାନସିଂହ ସଭା ପରିଚାଳନା କରିଥିଲେ। ଏହି ବୈଠକରେ ଟୁର୍ଣ୍ଣାମେଣ୍ଟକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ କରିବା, ସଭ୍ୟ ଚାନ୍ଦା ଆଦାୟ, ପଞ୍ଚାୟତସ୍ତରୀୟ ବୈଠକ, ସଭ୍ୟ ରେଜିଷ୍ଟ୍ରେସନ୍ ତଥା ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଉପସଭାପତି ରାଜକିଶୋର ବୈରିଗଞ୍ଜନ, ସହସମ୍ପାଦକ ରମେଶ ଚନ୍ଦ୍ର ନାଇଡୁ, କୋଷାଧ୍ୟକ୍ଷ ତ୍ରିନାଥ ପାତ୍ର, ଶ୍ରୀବତ୍ସ ପରିଡ଼ା, ପବିତ୍ର ମୋହନ ଭୂଜବଳ, ଦୀପକ ମହାନ୍ତି, ଜୟରାମ ବେହେରା, ଆନନ୍ଦ ରାଓ, ସଚ୍ଚିଦାନନ୍ଦ ପ୍ରଧାନ, ବିପିନ ଉଦୟସିଂହ, ହେମନ୍ତ ଜେନା, କେଦାର ପାତାଳସିଂହ, ବିଭୂତି ଚମ୍ପତି, ଚନ୍ଦ୍ରଶେଖର ଆଚାର୍ଯ୍ୟ, ଶ୍ୱେତ କୁମାର ମେକାପ, ସଞ୍ଜୟ ସ୍ୱାଇଁ, ଲକ୍ଷ୍ମଣ ପାତ୍ର, କାଳିଆ ନାୟକ, ବିଶ୍ୱଜିତ୍ ସାହୁ, କୋଟିରାମ ନାଇଡୁ, ଲକ୍ଷ୍ମୀଧର ଦଳାଇ ପ୍ରମୁଖ ଯୋଗଦେଇଥିଲେ।

## ନାଚୁଣୀ କଲେଜରେ ନୂତନ ଅଧ୍ୟକ୍ଷ


ଚିଲିକା,୧୦।୧୧(ସମିସ): ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାନୁଯାୟୀ ନାଚୁଣୀ କଲେଜରେ ନୂତନ ଅଧ୍ୟକ୍ଷ ଭାବେ ଡ. ସୁନୀଲ କୁମାର ପଟ୍ଟନାୟକ ଯୋଗଦେଇଛନ୍ତି। ସେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷା ସଂଘମିତ୍ରା ପଟ୍ଟନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟସ୍ଥ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ରସାୟନ ବିଭାଗ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କଲେଜର ଶିକ୍ଷାର ଉନ୍ନତି ଓ ଭିତ୍ତିଭୂମିର ଅଗ୍ରଗତି କରିବେ ବୋଲି କହିଛନ୍ତି।



ପ୍ରକାଶଥାଉ କି, ଉଚ୍ଚଶିକ୍ଷା ବିଭାଗର ଅପାରଗତା ଯୋଗୁଁ ୨୦୧୬ରୁ ୨୦୨୫ ପର୍ଯ୍ୟନ୍ତ (କେବଳ ୨୦୨୩ରେ ୧୦ ମାସ ଛାଡ଼ିଦେଲେ) ଦୀର୍ଘ ୯ ବର୍ଷ ଧରି ନାଚୁଣୀ କଲେଜରେ କେହି ସ୍ଥାୟୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇ ନ ଥିଲେ। ୯ ବର୍ଷ ଧରି ୭ ଜଣ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା କଲେଜ ପରିଚାଳିତ ହେଉଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ନିରାକାରପୁର,୧୦।୧୧(ସମିସ): ସାମ୍ବାଦିକ ସନ୍ଧ୍ୟାରାଣୀ ମିଶ୍ରଙ୍କ ବାପା ସଚ୍ଚିଦାନନ୍ଦ ତ୍ରିପାଠୀ (୮୭)ଙ୍କର ଚମ୍ପାଝର ଗ୍ରାମସ୍ଥିତ ନିଜସ୍ୱ ବାସଭବନରେ ପରଲୋକ ହୋଇଯାଇଛି। ସେ ଭୋର୍ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ନେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ତିନି ପୁଅ, ଦୁଇ ବୋହୂ, ତିନି ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେ ଜଣେ ଶାନ୍ତ, ସରଳ, ଦରଦୀ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ପୁଅ ନୃସିଂହ ଚରଣ, ପୂର୍ଣ୍ଣଚନ୍ଦ୍ର ଓ ସୁରେଶ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।



# ୩୧ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୨ ଗିରଫ

ଖୋର୍ଦ୍ଧା,୧୦।୧୧(ସମିସ)

ଜିଲ୍ଲାରେ ବ୍ରାଉନ୍‌ସୁଗର କାରବାର ବଢ଼ିଥିବାବେଳେ ଏଥିରେ ରୋକ୍ ଲଗାଇବାକୁ ପଣ କରିଛି ପୁଲିସ। ପୁଲିସର ସ୍ୱତନ୍ତ୍ର ଟିମ୍ ଓ ସ୍ଥାନୀୟ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପ୍ରତ୍ୟେକ ସମୟରେ ବ୍ରାଉନ୍‌ସୁଗର ବେପାରୀଙ୍କୁ ଗିରଫ କରୁଛନ୍ତି। ଏହି କ୍ରମରେ ସୋମବାର ଶିଳ୍ପାଞ୍ଚଳ ପୁଲିସ ସାମନ୍ତରାପୁର ଜରିପୋଖରୀ ନିକଟରୁ ଜଣେ ମହିଳା ବ୍ରାଉନ୍‌ସୁଗର ମାଫିଆଙ୍କଠାରୁ ମାଲ୍ ନେବାବେଳେ ଯୁବକଙ୍କ ସମେତ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ମହିଳା ବେପାରୀ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ଠେଙ୍ଗାହାଟର ସୁନିତା ବେହେରା (୩୭) ହୋଇଥିବାବେଳେ ମାଲ୍ ନେବାକୁ ଆସିଥିବା ଗ୍ରାହକ ହେଲେ ପୁରୀ ଜିଲ୍ଲା ଗଡ଼ିଶାଗଡା ଥାନା ଚନ୍ଦ୍ରମାପାଟପୁର ଆଲୋକ ସାହୁ(୩୬)। ସେମାନଙ୍କଠାରୁ ପୁଲିସ ୩୧ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ସମେତ ଗୋଟିଏ ବାଇକ୍ ଓ ୨ଟି ମୋବାଇଲ୍ ଫୋନ୍‌କୁ ଜବତ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୩ ଲକ୍ଷ ୧୦ ହଜାର ହେବ ବୋଲି ଥାନାଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି। ଏନେଇ ପୁଲିସ ୨୬୬/୨୫ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି।



ପୁଲିସ ସୂଚନା ଅନୁସାରେ, ସାମନ୍ତରାପୁର ଠେଙ୍ଗାହାଟର ସୁନିତା ଓ ତାଙ୍କ ପରିବାର ଲୋକେ ହେଉଛନ୍ତି ପେସାଦାର ବ୍ରାଉନ୍‌ସୁଗର ବେପାରୀ। ସୁନିତାଙ୍କ ପରିବାର ଉପରେ ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ରହିଥିଲା ନଜର। ଗତ ଦୁଇମାସ ତଳେ ତାଙ୍କ ପୁଅ ସିଦ୍ଧାନ୍ତ ବେହେରା ଓରଫ ବାବୁକୁ ଶିଳ୍ପାଞ୍ଚଳ ପୁଲିସ ଗିରଫ କରିଥିଲା। ପୁଅର ଗିରଫ ପରେ ବି

### କେବେ ଫାଶରେ ପଡ଼ିବେ ଗୁଣ୍ଡିଚାନଗର ମହିଳା ବେପାରୀ !

ଥମି ନ ଥିଲା ବେପାର। ପୁଲିସ ଆଖିରେ ଧୂଳିଦେଇ ଗ୍ରାହକଙ୍କୁ ମାଲ୍ ଯୋଗାଇ ଆସୁଥିଲେ ସୁନିତା। ତେବେ ସୋମବାର ଅପରାହ୍ଣରେ ଜରିପୋଖରୀ ନିକଟରେ ମାଲ୍ ଦେବାକୁ ଡିଲ୍ ହୋଇଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ପୂର୍ବପ୍ରସ୍ତୁତି ଅନୁଯାୟୀ, ସୋମବାର ଅପରାହ୍ଣ ୩ଟାବେଳେ ସୁନିତା ଜରିପୋଖରୀ ନିକଟରେ ଆଲୋକ ଓ ଅନ୍ୟଜଣେ ଯୁବକକୁ ମାଲ୍ ଦେବାବେଳେ ଇନ୍ସପେକ୍ଟର ଭାଗ୍ୟଶ୍ରୀ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉବେଳେ ପୁଲିସକୁ ଦେଖି ସୁନିତା ଓ ଯୁବକ ଦ୍ୱୟ ଖସିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ସୁନିତା ଓ ଆଲୋକକୁ କାବୁ କରିଥିଲା। ଯାଞ୍ଚ ସମୟରେ ଆଲୋକଠାରୁ ୩୧ ଗ୍ରାମ୍ ବ୍ରାଉନ୍‌ସୁଗର, ଏକ ବାଇକ୍ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲା। ସେହିପରି ସୁନିତାଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ପୁଲିସ ଜବତ କରିଛି। ତେବେ ସୁନିତା ନିଜ ପାଖରେ ବ୍ରାଉନ୍‌ସୁଗର ବିପୁଳ ପରିମାଣର ଷ୍ଟକ୍ ରଖି ପରେ ଏହାକୁ ସହର ଉପକଣ୍ଠ ଓ ଜିଲ୍ଲା ଉପକଣ୍ଠର ବେପାରୀଙ୍କୁ ଯୋଗାଇ ଆସୁଥିବା ପୁଲିସ ଆଗରେ ସ୍ୱୀକାର କରିଥିବା ଜଣାଯାଇଛି। ତେବେ ଏତେ ପରିମାଣର ବ୍ରାଉନ୍‌ସୁଗର ସୁନିତା କିପରି ରଖୁଥିଲା ଏବଂ କାହାଠାରୁ ଆଣୁଥିଲା ପୁଲିସ ତା'ର ଛାନ୍‌ଭିନ୍ ଆରମ୍ଭ କରିଥିବା ଜଣାଯାଇଛି। ସୁନିତାର ଲିଙ୍କ୍ ଖୋର୍ଦ୍ଧା ସହରର ବରୁଣେଇ ସାହି ଗୁଣ୍ଡିଚା ନଗରର ଜନୈକା ମହିଳାଙ୍କ ସହ ରହିଥିବାବେଳେ ଅନେକ ଯୁବ ବେପାରୀଙ୍କ ସହ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି। ଗୁଣ୍ଡିଚା ନଗରର ଏହି ମହିଳାଙ୍କ ଘରକୁ ବିଳମ୍ବିତ ରାତିରେ ବହୁ ଯୁବକ ଆସୁଥିବାବେଳେ ସେମାନଙ୍କ ଗତିବିଧି ନିଶାଡ଼ିଙ୍କ ଭଳି ହୋଇଥିବା ସ୍ଥାନୀୟ ଲୋକେ ନିକଟରେ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଥିବା ନଜିର ରହିଛି।

ପ୍ରକାଶ ଥାଉକି, ଗତ ସେପ୍ଟେମ୍ବର ୮ରେ ଶିଳ୍ପାଞ୍ଚଳ ଥାନା ପୁଲିସ ସ୍ଥାନୀୟ ମଠସାହି ଜାଗେଶ୍ୱରୀ ମନ୍ଦିର ନିକଟରେ ବ୍ରାଉନ୍‌ସୁଗର କାରବାରବେଳେ ସୁନିତାର ପୁଅ ଠେଙ୍ଗାହାଟର ସିଦ୍ଧାନ୍ତ ବେହେରା ଓରଫ ବାବୁ (୨୦) ସମେତ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ପୁଲିସ ୪୨.୨୧ ଗ୍ରାମ୍ ବ୍ରାଉନ୍‌ସୁଗର ସମେତ ନଗଦ ସାଢ଼େ ୪ହଜାର ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଏବଂ ଆକ୍ଟିଭା ସ୍କୁଟିକୁ ପୁଲିସ ଜବତ କରିଥିଲା।

## ଦିନକ ପରେ ପ୍ରଥମାଷ୍ଟମୀ
## ହଳଦୀ ପତ୍ରରେ ମହକୁଛି ଖୋର୍ଦ୍ଧା ସହର

ଖୋର୍ଦ୍ଧା,୧୦।୧୧(ସମିସ): ବୁଧବାର ହେଉଛି ପ୍ରଥମାଷ୍ଟମୀ। ଏହା ଘରେ ଘରେ ପାଳନ ହେବା ସହ ପିଠାପଣା ପ୍ରଭୃତିରେ ଘର ମହକି ଉଠିବ। ଖାସ୍ କରି ଏଣ୍ଡୁରି ପିଠା ଏହି ପର୍ବରେ କରାଯାଇଥାଏ। ଏହା ସାଧାରଣତଃ ହଳଦୀ ପତ୍ରରେ ତିଆରି କରାଯାଇଥାଏ। ସେଥିପାଇଁ ବଜାରରେ ହଳଦୀ ପତ୍ରର ପସରା ସବୁଠି ଖୋଲିଲାଣି। କାର୍ତ୍ତିକ ମାସରେ ହଳଦୀ ଚାଷ କରାଯାଏ ଏବଂ ମାର୍ଗଶିର ମାସ ହେଉଛି ହଳଦୀ ପତ୍ର ଅମଳର ସମୟ। ଖୋର୍ଦ୍ଧା ସହରର ରାସ୍ତାକଡ଼ରେ ଦେଖିବାକୁ ମିଳୁଛି ହଳଦୀ ପତ୍ରର ପସରା। ବିଶେଷକରି ସମବାୟ ବ୍ୟାଙ୍କ ଛକଠାରୁ ଆରମ୍ଭ କରି ପୋଷ୍ଟ ଅଫିସ୍ ଛକ, ନୟାଗଡ଼ ରୋଡ୍, ମେଡିକାଲ ରୋଡ୍, ପୁରୁଣା ଟ୍ରାଫିକ୍ ଛକ, କୋର୍ଟ ଛକ, ଫରେଷ୍ଟ କଲୋନୀ ରାସ୍ତାପାଶ୍ୱର, ନୂଆ ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି ପଲ୍ଲାହାଟ ଛକ ଏବଂ କଣ୍ଟାଛକଠାରେ ହଳଦୀ ପତ୍ର ବିକ୍ରି ହେଲାଣି। ବିଡ଼ା ପ୍ରତି ହଳଦୀ ପତ୍ରର ଦାମ୍ ରହିଛି ୧୦ରୁ ୧୫ ଟଙ୍କା। ବଜାରକୁ ଗତ ୪ଦିନ ହେଲା ହଳଦୀ ପତ୍ର ବିକ୍ରି ପାଇଁ ଆସିଲାଣି। କିନ୍ତୁ କିଣିବା ପାଇଁ ଦୁଇଦିନ ହେଲା ଗ୍ରାହକଙ୍କ ଭିଡ଼ ଲାଗୁଛି। ବ୍ୟବସାୟୀଙ୍କ କହିବାନୁଯାୟୀ, ସେମାନେ ଉପକଣ୍ଠ ଗାଁଗୁଡ଼ିକରୁ ହଳଦୀ ପତ୍ର ଆଣି ଏଠାରେ ବିକ୍ରି କରୁଛନ୍ତି। ଯେତିକି ହଳଦୀ ପତ୍ର ଆସିଥିଲା ତାହା ପ୍ରାୟ ସରିଆସିଲାଣି। ପୂର୍ବ ବର୍ଷଗୁଡ଼ିକରେ ପ୍ରଥମାଷ୍ଟମୀ ଦୁଇ ତିନି ଦିନ ପୂର୍ବରୁ ହଳଦୀ ପତ୍ର ଦାମ୍ ଯାହା ଥିଲା ଏବର୍ଷ ମଧ୍ୟ ସେତିକି ରହିଛି। କିନ୍ତୁ ପୂର୍ବ ବର୍ଷମାନଙ୍କର ସ୍ଥିତିକୁ ଦେଖିଲେ ପ୍ରଥମାଷ୍ଟମୀ ପୂର୍ବ ଦିନ ହିଁ ହଳଦୀ ପତ୍ର ଦାମ୍ ହଠାତ୍ ବୃଦ୍ଧି ପାଇଥାଏ। ଏମିତିକି ଗତବର୍ଷ ମଧ୍ୟ ପ୍ରଥମାଷ୍ଟମୀ ପୂର୍ବଦିନ ବିଡ଼ା ୧୫ ଟଙ୍କାରେ ବିକ୍ରି ହୋଇଥିଲା। ଚଳିତ ବର୍ଷ କିନ୍ତୁ ହଳଦୀ ପତ୍ର ବିଡ଼ାର ଦର ଠିକ୍ ରହିଛି ବୋଲି କହିଛନ୍ତି କୁଣ୍ଡିଲୋର ବ୍ୟବସାୟୀ ସନ୍ତୋଷ ସାହୁ। ଏଥିସହିତ କେତେକ କ୍ଷେତ୍ରରେ ପ୍ରଥମାଷ୍ଟମୀ ପରଦିନ ମଧ୍ୟ ହଳଦୀ ପତ୍ର ବିକ୍ରି ହୋଇଥାଏ। ଗ୍ରାହକ ମଧୁସ୍ମିତା ରଥଙ୍କ କହିବାନୁଯାୟୀ ସେ ବହୁ ହଳଦୀ ପତ୍ର କ୍ରୟ କରିଛନ୍ତି। ଏମିତିକି ଅଷ୍ଟମୀ ଯିବାର ସପ୍ତାହେ ପର୍ଯ୍ୟନ୍ତ ଘରେ ହଳଦୀ ପତ୍ର ପିଠା କରି ଖାଇବେ।



## ● ଜାତୀୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା
## ବାଣପୁରର ଶିବପ୍ରସାଦ ମନୋନୀତ

ବାଣପୁର,୧୦।୧୧(ସମିସ): ବାଣପୁର ବ୍ଲକ୍ ପୁଞ୍ଜିଆମା ଶାସନ ଗ୍ରାମର ସନ୍ତୋଷ କୁମାର ହୋତା ଓ ସୁମିତ୍ରା ହୋତାଙ୍କ ଏକମାତ୍ର ପୁଅ ତଥା ବାଣପୁର ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଶିବପ୍ରସାଦ ହୋତା ବର୍ତ୍ତମାନ ୧୯ ବର୍ଷରୁ କମ୍ ଜାତୀୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ଓଡ଼ିଶା ଦଳରେ ସାମିଲ୍ ହୋଇଛନ୍ତି। ସୋମବାର ଓଡ଼ିଶା ଦଳ ତରଫରୁ ଶିବପ୍ରସାଦ ମଧ୍ୟପ୍ରଦେଶ ଯାତ୍ରା କରିଛନ୍ତି। ପିଲାଟି ଦିନରୁ କ୍ରୀଡ଼ା ପ୍ରତି ରୁଚି ରଖିଥିବା ଶିବପ୍ରସାଦ ନିଜର କଠିନ ପରିଶ୍ରମ ବଳରେ ବାରିପଦାଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଭଲିବଲ୍ ପ୍ରତିଯୋଗିତାର ସିଲେକ୍ସନ ଟ୍ରାଏଲ୍‌ରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଓଡ଼ିଶା ଦଳରେ ୧୨ ଜଣ ଖେଳାଳିଙ୍କ ମଧ୍ୟରେ ନିଜର ସ୍ଥାନ ସୁରକ୍ଷିତ ରଖିପାରିଥିଲେ। ଏଥିପାଇଁ ନିଜର କୋଚ୍ ଓ କ୍ରୀଡ଼ା ଶିକ୍ଷୟିତ୍ରୀ କଳ୍ପଶ୍ରୀ ପ୍ରଧାନଙ୍କୁ ଏହାର ଶ୍ରେୟ ଦେବା ସହ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଅବିନାଶ ପଟ୍ଟନାୟକ, ଅଧ୍ୟକ୍ଷ ଜ୍ୟୋତିର୍ମୟ ତ୍ରିପାଠୀଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା'ଙ୍କୁ ଏହି ସଫଳତା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତତ୍‌ସହିତ ସମସ୍ତଙ୍କ ଅତୁଟ ସମର୍ଥନ ଓ ସହଯୋଗ ପାଇଁ ସମସ୍ତଙ୍କ ନିକଟରେ ଋଣି ବୋଲି ଶିବପ୍ରସାଦ କହିଛନ୍ତି। ଏହି ଖବର ପ୍ରସାର ହେବାରେ ଶିବପ୍ରସାଦଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି।



## ଜିଲ୍ଲାରେ ଧିମେଇଛି 'ମନରେଗା' ଯୋଜନା
## ଶ୍ରମିକଙ୍କୁ ମିଳୁନି ୧୦୦ ଦିନର କାମ

ନିରାକାରପୁର,୧୦।୧୧(ସମିସ): ମହାତ୍ମା ଗାନ୍ଧୀ ଜାତୀୟଗ୍ରାମୀଣକର୍ମନିଯୁକ୍ତି(ମନରେଗା) ଯୋଜନାରେ ଗାଁରେ ରହୁଥିବା ଜବ୍ କାର୍ଡଧାରୀମାନେ ବର୍ଷକୁ ୧୦୦ ଦିନ କାର୍ଯ୍ୟ କରିବାର ସୁବିଧା ଅଛି। ଦାଦନ ବିରୋଧରେ ବା ଦାଦନକୁ ହଟାଇବା ଉଦ୍ଦେଶ୍ୟରେ ଏହା କାର୍ଯ୍ୟକାରୀ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଲୋକ କୃଷି ଏବଂ ଦୈନିକ ମଜୁରୀ ଉପରେ ନିର୍ଭର କରନ୍ତି। ଗ୍ରାମରେ ରହୁଥିବା ଲୋକେ କୁଆଡ଼େ ନ ଯାଇ ଜବ୍‌କାର୍ଡଟିଏ ଥିଲେ ନିଜ ଗାଁ ପୋଖରୀ, ମାଟି ରାସ୍ତା, ଟ୍ରେଞ୍ଚ, ଗଛ ଲଗାଇବା, କୂଅ ଖୋଳିବା ଇତ୍ୟାଦି କାର୍ଯ୍ୟ କରିପାରିବେ। ଏହାକୁ ଲକ୍ଷ୍ୟ ରଖି ୨୦୨୫-୨୬ ବର୍ଷ ପାଇଁ ଦୈନିକ ମଜୁରୀ ୨୭୩ ଟଙ୍କା ରଖାଯାଇଛି। ଖୋର୍ଦ୍ଧା ଜିଲ୍ଲାର ୧୯୦ ପଞ୍ଚାୟତରେ ଥିବା ୧.୩୦ ଲକ୍ଷ ଜବ୍‌କାର୍ଡଧାରୀଙ୍କ ମଧ୍ୟରୁ ୨.୧୫ ଲକ୍ଷ ଶ୍ରମିକ ଅଛନ୍ତି। ତେବେ ୨୦୨୪-୨୫ ବର୍ଷ ପାଇଁ ୧୪.୯୮ ଲକ୍ଷ ମ୍ୟାନ୍ ଡେଜ୍ ବଜେଟ୍ ସ୍ଥିର ହୋଇଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୧.୦୨ ଲକ୍ଷ ମ୍ୟାନ୍ ଡେଜ୍ ବାର୍ଷିକ ବଜେଟ୍ ସ୍ଥିର କରାଯାଇଛି ବୋଲି ଚଳିତ ମାସ ୮ ତାରିଖ ସୁଦ୍ଧା ରିପୋର୍ଟରୁ ଜଣାପଡ଼ିଛି। ସେହି ଅନୁସାରେ ଦିନକୁ ଦିନ 'ମନରେଗା' ଯୋଜନାରେ ଲୋକଙ୍କୁ କାମ ଦେବାରେ ଜିଲ୍ଲା ପ୍ରଶାସନ ପଛାଇଛି। ଅନେକ ଲୋକ ମଧ୍ୟ ଏଥିପ୍ରତି ଅନାଗ୍ରହ କରୁଛନ୍ତି।

ଖୋର୍ଦ୍ଧା ଜିଲ୍ଲାରେ ବର୍ତ୍ତମାନ ରିପୋର୍ଟ ଅନୁସାରେ, ୯୦୨୫ଟି ପ୍ରୋଜେକ୍ଟ କାର୍ଯ୍ୟ ଚାଲୁ ରହିଛି ଏବଂ ୧୭୩୭୭ ପ୍ରୋଜେକ୍ଟ ମଞ୍ଜୁର ହେଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଟାଙ୍ଗୀ ବ୍ଲକ୍‌ରେ ୧୦୭୧ଟି ପ୍ରୋଜେକ୍ଟ ଚାଲୁ ରହିଥିବାବେଳେ ୨୨୭୮ଟି ପ୍ରୋଜେକ୍ଟ ଆର୍ଥିକ ମଞ୍ଜୁର ହେଲା ପରେ ମଧ୍ୟ କାମ ଆରମ୍ଭ ହୋଇପାରି ନାହିଁ। ମନରେଗା କାର୍ଯ୍ୟଗୁଡ଼ିକ ପଞ୍ଚାୟତ ଏବଂ ସମିତିସ୍ତରରେ ଆର୍ଥିକ ମଞ୍ଜୁର ହୋଇଥାଏ। ପଞ୍ଚାୟତସ୍ତରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତରେ ପେମେଣ୍ଟ କରାଯାଇଥାଏ। ସମିତିସ୍ତରରେ ପଞ୍ଚାୟତ ସମିତି ଚେୟାରମ୍ୟାନ୍ ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତରେ ପେମେଣ୍ଟ କରାଯାଇଥାଏ। ୨୦୨୨-୨୩ରେ ୭୦୧.୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦୨୩-୨୪ରେ ୫୬୮.୮୬ ଲକ୍ଷ, ୨୦୨୪-୨୫ରେ ୩୨୧.୭୯ ଲକ୍ଷ, ୨୦୨୫-୨୬ରେ ଚଳିତ ମାସ ୮ ତାରିଖ ସୁଦ୍ଧା ୧୮୬.୫୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଯାହାକି ଦର୍ଶାଉଛି ଯେ, ଟାଙ୍ଗୀ ବ୍ଲକ୍‌ରେ ମନରେଗା କାର୍ଯ୍ୟ ପଛରେ ପଡ଼ିଛି। ଅନେକ ଶ୍ରମିକ କାମ ଅଭାବରୁ ଘରେ ବସି ରହୁଛନ୍ତି। ସେମାନଙ୍କୁ କାମ ଯୋଗାଇଦେବା ସହ ନୂଆ ନୂଆ ପ୍ରକଳ୍ପ ମଞ୍ଜୁର କରିବା ସହ ମଞ୍ଜୁର ହୋଇ କାମ ଆରମ୍ଭ ହୋଇପାରୁ ନ ଥିବା ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ଆରମ୍ଭ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ସ୍ୱାସ୍ଥ୍ୟ ସେବା ଓ ରାସ୍ତା ସୁବିଧା ଦାବିରେ ଚାଷୀ ମୂଲିଆ ସଂଘର ବିକ୍ଷୋଭ

ବାଣପୁର,୧୦।୧୧(ସମିସ): ସାଧାରଣ ମୌଳିକ ସୁବିଧା ତଥା ଜୀବନଯାପନ ପାଇଁ ଆବଶ୍ୟକ ହେଉଥିବା ପାନୀୟଜଳ, ଗମନାଗମନ ପାଇଁ ରାସ୍ତା ଓ ସ୍ୱାସ୍ଥ୍ୟ ସେବା ସମେତ ଜଙ୍ଗଲ ଜମିର ପଟ୍ଟା ଆଦି ୬ ଦଫା ଦାବି ନେଇ ଅଲ୍ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭା ଏବଂ ଓଡ଼ିଶା ସହ ଅନୁବନ୍ଧିତ ଚାଷୀ ମୂଲିଆ ସଂଘ ପକ୍ଷରୁ ବାଣପୁର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୋମବାରେ ଅଲ୍ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭାର ରାଜ୍ୟ ସଂଯୋଜକ ନିରାକାର ନାୟକ, ଜିଲ୍ଲା ସଂଯୋଜକ ରଞ୍ଜନ ଶବର, ଚାଷୀ ମୂଲିଆ ସଂଘର ରଶ୍ମିତା ଶବର ପ୍ରମୁଖଙ୍କ ନେତୃତ୍ୱରେ ଆଦିବାସୀ ଅଧ୍ୟୁଷିତ ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ଆଞ୍ଚଳିକ କମିଟିର କର୍ମକର୍ତ୍ତାଙ୍କ ସମେତ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ସାମିଲ୍ ହୋଇ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜମି ପଟ୍ଟା ସମେତ ଭାଗ ଚାଷୀଙ୍କୁ ଚିହ୍ନଟ ଓ ପ୍ରମାଣପତ୍ର ଆଦି ୬ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଣପୁର ତହସିଲ୍‌ଦାର ଟି.ପଦ୍ମନାଭ ଦୋରାଙ୍କୁ ପ୍ରଦାନ କରିଛନ୍ତି। ବାଣପୁର ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ଜଙ୍ଗଲ ପାହାଡ଼ଘେରା ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ପଞ୍ଚାୟତର ଆଦିବାସୀମାନେ ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଦୈନନ୍ଦିନ ଜୀବନ ଧାରଣ ପାଇଁ ଥିବା ସମସ୍ତ ସୁବିଧାସୁଯୋଗ ସେମାନଙ୍କ ପାଇଁ ସାତସପନ ହୋଇ ପଡ଼ିଛି। ବିଶୁଦ୍ଧ ପାନୀୟଜଳ, ଗମନାଗମନ ଓ ସ୍ୱାସ୍ଥ୍ୟ ସେବା ଆଜି ମଧ୍ୟ ସେମାନଙ୍କ ପାଖରେ ଅପହଞ୍ଚ ରହିଛି। ଆଦିବାସୀମାନେ ଏଠାରେ ତିନି ଚାରି ପୁରୁଷ ଧରି ବସବାସ କରିବା ସହ ଜଙ୍ଗଲ ଜମିରେ ଚାଷ କରି ଆସୁଛନ୍ତି। ସରକାରୀ ନିୟମ ଅନୁଯାୟୀ, ସେମାନଙ୍କୁ ଜଙ୍ଗଲ ଜମିର ପଟ୍ଟା ଯୋଗାଇଦେବାକୁ ଦୀର୍ଘ ବର୍ଷ ଧରି ସେମାନେ ଆବେଦନ କରିଥିବାବେଳେ ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ ହୋଇ ସୁପାରିସ୍ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇ ନାହିଁ। ବାସହୀନଙ୍କୁ ବାସଗୃହ ପଟ୍ଟା ପ୍ରଦାନ କରାଯିବା ସହ ଭାଗ ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଚାଷୀର ମାନ୍ୟତା ପ୍ରଦାନ କରାଯିବା ସହ ସରକାରୀସ୍ତରରେ ସେମାନଙ୍କୁ ସମସ୍ତ ସୁବିଧାସୁଯୋଗ ପ୍ରଦାନ କରାଯିବା ପାଇଁ କର୍ମକର୍ତ୍ତା ସଭାରେ ଦୃଢ଼ ଦାବି କରିଥିଲେ। ତତ୍‌ସହିତ ହାତୀ, ବାରହା ଆଦି ଜଙ୍ଗଲି ଜନ୍ତୁ ବର୍ଷ ତମାମ ଆଦିବାସୀଙ୍କ ପଡ଼ାରେ ପଶି ବ୍ୟାପକ କ୍ଷୟକ୍ଷତି କରିବା ସହ ଫସଲକୁ ଖାଇ ଦଳିଚକଟି ନଷ୍ଟ କରି ଦେଉଛନ୍ତି। ଏନେଇ ବନ ବିଭାଗ ଓ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦେବାକୁ ଆଦିବାସୀ ଦାବି କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ଦାବିପତ୍ର ପ୍ରଦାନ

## ଇଡ୍‌କୋକୁ ଜମି ହସ୍ତାନ୍ତରକୁ ବିରୋଧ
# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଗୟାବନ୍ଧ ଗ୍ରାମବାସୀ

ନିରାକାରପୁର,୧୦।୧୧(ସମିସ)

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ୍ ଅନ୍ତର୍ଗତ ଜଙ୍କିଆ ଥାନା ଅଧୀନ ଛଣଗିରି ରାଜସ୍ୱ କାର୍ଯ୍ୟାଳୟ ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ଶତାଧିକ ଗ୍ରାମବାସୀ ଗତ ମାସ ୧୬ ତାରିଖରେ ଟାଙ୍ଗୀ ତହସିଲ୍‌ଦାରଙ୍କୁ ଭେଟି ସେମାନଙ୍କ ଗୟାବନ୍ଧ ମୌଜାର ମୋଟ୍ ୧୩୦ ଏକର ଗୋଚର ଓ ପୁରାତନ ପତିତ ଜମିକୁ ଇଡ୍‌କୋକୁ ହସ୍ତାନ୍ତର ନ କରିବାକୁ ଅଭିଯୋଗ କରିଥିଲେ। ଗତ ୬ ତାରିଖରେ ତହସିଲ୍‌ଦାରଙ୍କ ସହ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସୋମବାର ପରିବେଶ ପ୍ରେମୀ ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ କିଛି ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ କି, ଗତ ଅକ୍ଟୋବର ୪ ଓ ୧୦ ତାରିଖରେ ଟାଙ୍ଗୀ ତହସିଲ୍‌ଦାରଙ୍କ ତରଫରୁ ଚାରୋଟି ନୋଟିସ୍ ଅନୁସାରେ ଗୟାବନ୍ଧ ମୌଜାର ଖାତା ନଂ ୩୩୮ ର ୧୨ଟି ପ୍ଲଟ୍ ଏବଂ ଖାତା ନଂ ୩୪୦ର ୬ଟି ପ୍ଲଟ୍ ସମୁଦାୟ ୧୩୦ ଏକରରୁ ଅଧିକ ଗୋଚର ଓ ପୁରାତନ ପତିତ ଜମି ରହିଛି। ସେହିପରି ନୟାକୋଟ ମୌଜାରେ ୧୦ଟି ପ୍ଲଟ୍‌ରେ ଥିବା ମୋଟ୍ ୨୦୧ ଏକର ୬୯୫ ଡେସିମିଲରୁ ଊର୍ଦ୍ଧ୍ୱ ଜାଗାରେ ଥିବା କିସମ ଗୋଚରକୁ ପରିବର୍ତ୍ତନ କରି ଇଡ୍‌କୋକୁ ହସ୍ତାନ୍ତର କରିବାକୁ ପଞ୍ଚାୟତକୁ ଜଣାଇ ଦିଆଯାଇଥିଲା। ତେଣୁ ଗ୍ରାମବାସୀମାନେ ଏହି ବିଷୟରେ ଆଲୋଚନା ପାଇଁ ଗ୍ରାମରେ ଏକ ସଭା ଗତ ମାସ ୧୩ ତାରିଖରେ ଡକାଇଥିଲେ। ଏହାପରେ ଗ୍ରାମରେ ଏକ କମିଟି ତହସିଲ୍ ପକ୍ଷରୁ ନୋଟିସ୍ ହୋଇଥିବା ସମସ୍ତ ପ୍ଲଟ୍‌ଗୁଡ଼ିକୁ ଯାଇ ତଦାରଖ କରିଲା ପରେ ଜାଣିଲା ଯେ ମୌଜା ଗୟାବନ୍ଧରେ ଥିବା ପ୍ଲଟ୍‌ଗୁଡ଼ିକରେ ଗ୍ରାମବାସୀମାନେ ଗ୍ରାମର ସୃଷ୍ଟି କାଳୁ ଜୀବନ ଜୀବିକା ନିର୍ବାହ ସହିତ ଘରଦ୍ୱାର ଏବଂ ମନ୍ଦିର ବାଡ଼ି, ଖେଳପଡ଼ିଆ ଆଦି କରି ରହି ଆସୁଛନ୍ତି। ଗ୍ରାମରେ ଥିବା ୪୦୦ରୁ ଊର୍ଦ୍ଧ୍ୱ ପରିବାରର ସମସ୍ତ ଗାଈଗୋରୁ ଏବଂ ଗୃହପାଳିତ ପଶୁ ଏହି ଜାଗାରେ ଚରାବୁଲା କରି ଆସୁଛନ୍ତି। ପ୍ଲଟ୍ ନଂ ୬୦୨ରେ ଗ୍ରାମର ଖେଳ ପଡ଼ିଆ ରହିଛି। ଏଠାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ କ୍ରିକେଟ ଏବଂ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଖେଳ ପ୍ରତିବର୍ଷ ଅନୁଷ୍ଠିତ ହେଉଛି। ଦୈନିକ ସକାଳେ ଲୋକମାନେ ପ୍ରାତଃ ଭ୍ରମଣ ଓ ଯୋଗାଭ୍ୟାସ କରିବା ସହ ଉପରବେଳା ପିଲାମାନେ ଖେଳକୁଦ କରିଥା'ନ୍ତି। ବହୁ ସଂଖ୍ୟାରେ ଏଠାରେ ନିକଟସ୍ଥ ଜଙ୍ଗଲରେ ବନ୍ୟଜନ୍ତୁ ଯଥା- ମୟୂର, ହରିଣ, ବାରହା, ବଣ କୁକୁଡା, ହାତୀ ଆଦି ଦୀର୍ଘ ଦିନ ଧରି ରହି ଆସୁଛନ୍ତି। ଯଦି ସରକାର ଏମିତି ପଦକ୍ଷେପ ନିଅନ୍ତି ଗ୍ରାମର ସମସ୍ତ ପରିବାର, ଗୃହପାଳିତ ପଶୁ ଏବଂ ବନ୍ୟଜନ୍ତୁମାନେ ବହୁ ମାତ୍ରାରେ ପ୍ରଭାବିତ ହେବେ। ପ୍ରଶାସନ ଯଦି ସେମାନଙ୍କ ଅଭିଯୋଗକୁ ଅଣଦେଖା କରେ ତା'ହେଲେ ସେମାନେ ପ୍ରଶାସନ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ବାବଦରେ ଗତ ୬ ତାରିଖରେ ତହସିଲ୍‌ଦାର ଗୟାବନ୍ଧର କିଛି ଗ୍ରାମବାସୀଙ୍କୁ ଡକାଇ ମୌଖିକ ଆଶ୍ୱାସନା ଦେବା ସହିତ ଏକ ନିର୍ଦ୍ଦିଷ୍ଟ ଦିନ ଯାଇ ସରଜମିନ୍ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



## ଖୋର୍ଦ୍ଧାରେ ମାଛ ଚାଷ, ହସ୍ତତନ୍ତ ଉତ୍ପାଦନକୁ ଗୁରୁତ୍ୱ

ନିରାକାରପୁର,୧୦।୧୧(ସମିସ): ପ୍ରଧାନମନ୍ତ୍ରୀ ପ୍ରାକୃତିକ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟମ ସଂସ୍ଥାପନ ବ୍ୟବସ୍ଥା ଯୋଜନାରେ ଓଡ଼ିଶାରେ ୨୦୨୦ରୁ ଆରମ୍ଭ ହୋଇଛି 'ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦନ' ଯୋଜନା। ଏଥିରେ ମତ୍ସ୍ୟଚାଷ, ହସ୍ତତନ୍ତ ଉତ୍ପାଦନକୁ ଅନ୍ତର୍ଭୁକ୍ତ କରାଯାଇଛି। ସ୍ଥାନୀୟ ସମ୍ପଦକୁ ବିନିଯୋଗ କରି ଏବଂ ଚାକିରି ସୁଯୋଗ ସୃଷ୍ଟି କରି ସାମଗ୍ରିକ ଆର୍ଥିକ ବିକାଶ କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। ମାଛ ଚାଷ ପାଇଁ ଆବଶ୍ୟକୀୟ ସୁବିଧା ବ୍ୟାଙ୍କ୍ ଯୋଗେ ଋଣ ଯୋଗାଇବା, କେମିତି ସବ୍‌ସିଡି ପାଇବେ, କେଉଁ ବିଭାଗରେ କ'ଣ ସୁବିଧା ଯୋଗାଇବା ହେଉଛି ଜିଲ୍ଲା ପ୍ରଶାସନର କାମ। ପ୍ରାୟତଃ ଜିଲ୍ଲାରେ ମାଛ ଚାଷ ଉତ୍ପାଦନ, ପଥର ଖୋଦେଇ, ପଟ୍ଟ ଚିତ୍ରକଳା, ତାଳ ପତ୍ର ଖୋଦେଇରେ ଜିଲ୍ଲାକୁ ଅନ୍ତର୍ଜାତୀୟ ସ୍ତରରେ ଉନ୍ନତି ଏବଂ ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାର "ଏକ ଜିଲ୍ଲା ଏକ ଉତ୍ପାଦ' ଯୋଜନାରେ ସାମିଲ୍ କରିଛନ୍ତି। ଜିଲ୍ଲାରେ ସାମୁଦ୍ରିକ ମାଛ ଏବଂ ମଧୁର ଜଳରେ ମାଛ ଉତ୍ପାଦନ ସହ ଅନ୍ତର୍ଜାତୀୟସ୍ତରରେ ନେବାକୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥିର କରାଯାଇଛି।

ସାମୁଦ୍ରିକ ମାଛ ଚାଷରେ ଚାନ୍ଦି କିମ୍ବା ପାମ୍ଫଲେଟ୍, ଚିଙ୍ଗୁଡ଼ି, ଇଲିଶି ଏବଂ ମଧୁର ଜଳରେ ରୋହି, ଭାକୁର, ମିରିକାଳି ମାଛ ଚାଷ ଉତ୍ପାଦନକୁ ଅନ୍ତର୍ଭୁକ୍ତ କରାଯାଇଛି। ମାଛ ସଂରକ୍ଷଣ ଏବଂ ଶୁଖେଇବା କାର୍ଯ୍ୟ, ମାଛ ଆଚାର, ଡବା ବନ୍ଦ ମାଛ, ମାଛ ଆଧାରିତ ଜଳଖିଆ, ମାଛ ପ୍ରୋଟିନ୍, ମାଛ ତେଲକୁ ମଧ୍ୟ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ଶହେ ବର୍ଷରୁ ଅଧିକ ସଂସ୍କୃତି ହେଉଛି ଖୋର୍ଦ୍ଧା ଜିଲ୍ଲାର ପଥର ଖୋଦିତ କାରୁକାର୍ଯ୍ୟ, ପଟ୍ଟ ଚିତ୍ରକଳା ଏବଂ ତାଳପତ୍ର ଖୋଦେଇରେ ସାରା ରାଜ୍ୟରେ ଖୋର୍ଦ୍ଧା ଜିଲ୍ଲାର ସଂସ୍କୃତି ଏବଂ ଐତିହ୍ୟ ପ୍ରଶଂସନୀୟ। ମାଛ ଚାଷ ଏବଂ ଉତ୍ପାଦନ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ମତ୍ସ୍ୟ ପୋଖରୀ ଯୋଜନା (ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା), ଆର୍ଥିକ ସହାୟତା ଚାଷୀମାନଙ୍କୁ ଦେବାର ମଧ୍ୟ ବ୍ୟବସ୍ଥା ରହିଛି। "ଗୁରୁ-ଶିଷ୍ୟ ପରମ୍ପରା' ଯୋଜନାରେ ହସ୍ତଶିଳ୍ପ କାରୁକାର୍ଯ୍ୟ ଗୁରୁଙ୍କୁ ଆଣି ହସ୍ତ ଖୋଦେଇ କରୁଥିବା ଶିଳ୍ପୀମାନଙ୍କୁ ଶିକ୍ଷା ଦିଆଯାଇଥାଏ। "ଶିଳ୍ପୀ ଉନ୍ନତି ଯୋଜନା'ରେ ୨୦ ହଜାର ପର୍ଯ୍ୟନ୍ତ ଆର୍ଥିକ ସହାୟତା ରାଶି ଋଣ ଆକାରରେ ନୂଆ କରି ଉତ୍ପାଦନ ୟୁନିଟ୍ କରିବା ପାଇଁ ସରକାରଙ୍କୁ ଦେବାର ସୁବିଧା ଅଛି। ଓଡ଼ିଶା ଗ୍ରାମ୍ୟ ଉନ୍ନତି ଏବଂ ବିକ୍ରିଯୋଗ୍ୟ ସମିତି ସଂସ୍ଥା ଯାହାକି ପଞ୍ଚାୟତ ପାନୀୟଜଳ ବିଭାଗ ଅଧୀନରେ କାର୍ଯ୍ୟ କରୁଛି। ସେହିପରି ଜିଲ୍ଲାରେ ଜିଲ୍ଲା ଯୋଗାଣ ଏବଂ ବିକ୍ରିଯୋଗ୍ୟ ସମିତି (ଡିଏସ୍‌ଏମ୍‌ଏସ୍) ଅଫିସଟି ଜିଲ୍ଲା ପରିଷଦ ଖୋର୍ଦ୍ଧା (ଡିଆର୍‌ଡିଏ) କାର୍ଯ୍ୟାଳୟ ମଧ୍ୟରେ ଅବସ୍ଥିତ। ଡିଏସ୍‌ଏମ୍‌ଏସ୍ ଅଫିସର କିଏ ଏବଂ ସେ ଅଫିସଟି କେଉଁଠି ଅଛି ସେ ବାବଦରେ ଅନେକ ଶିଳ୍ପୀ ଜାଣି ନ ଥିବାର ମତ ଦେଇଛନ୍ତି। 'ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ' ଯୋଜନାରେ ମାଛ ଚାଷ ଏବଂ ଉତ୍ପାଦନ ସହ ହସ୍ତଶିଳ୍ପ ଯଥା- ପଥର ଖୋଦେଇ, ପଟ୍ଟଚିତ୍ର କଳା, ତାଳପତ୍ର ଖୋଦେଇରେ ସାମୂହିକ ସଚେତନତା ସହ ଶିଳ୍ପୀମାନଙ୍କୁ ପାହାନ୍ତାରେ ଗ୍ରାମାଞ୍ଚଳରେ ଟ୍ରେନିଂ ଦେଇ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ ରହିଛି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୦୦ ● ପାଉଣ୍ଡ ୧୧୫.୨୮
- ୟୁରୋ ୧୦୧.୫୯ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୨,୯୫୦ (ନୂଆଦିଲ୍ଲୀ)
- ରୁପା : ୧,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୩,୫୩୫.୦୦
- ନିଫ୍ଟି ୨୫,୫୭୪.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ପ୍ରଭାବିତ ହୋଇପାରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ବୃହତ୍ ଟାରିଫ୍ ବା ଶୁଳ୍କ ଉପରେ ଆମେରିକାର ସୁପ୍ରିମକୋର୍ଟରେ ଚାଲିଥିବା ମାମଲା ଭାରତ ପାଇଁ ଏବେ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସମ୍ପ୍ରତି ଭାରତୀୟ ଅଧିକାରୀ ଏବଂ ବାଣିଜ୍ୟ ବିଶେଷଜ୍ଞ ଏହି ମାମଲା ଉପରେ ନଜର ରଖିଛନ୍ତି। କାରଣ ହେଉଛି ଏହି ଟାରିଫ୍ ମାମଲା ସିଧାସଳଖ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ପ୍ରଭାବିତ କରିପାରେ। ଏପ୍ରିଲରେ,

**ଭାରତର ଚିନ୍ତା ବଢ଼ିଲା**

ଟ୍ରମ୍ପ ଦେଶର ବର୍ଦ୍ଧିତ ବାଣିଜ୍ୟ ନିଅଣ୍ଟକୁ ଏକ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ ଅଧିକାଂଶ ଦେଶ ଉପରେ ବ୍ୟାପକ ଶୁଳ୍କ ଲଗାଇଥିଲେ। ବର୍ତ୍ତମାନ, କୋର୍ଟ ନିଷ୍ପତ୍ତି ନେବେ ଯେ ରାଷ୍ଟ୍ରପତିଙ୍କର ଏତେ ବ୍ୟାପକ ଅଧିକାର ଅଛି କି ନାହିଁ।

ଗତ ସପ୍ତାହରେ ଏକ ଶୁଣାଣିରେ, ସୁପ୍ରିମକୋର୍ଟର ବିଚାରପତିମାନେ ଟ୍ରମ୍ପଙ୍କ ଶୁଳ୍କ ଲାଗୁ କରିବାର ଅଧିକାର ଉପରେ ସନ୍ଦେହ ପ୍ରକାଶ କରିଥିଲେ। ଅନେକ ବିଚାରପତି ପ୍ରଶ୍ନ କରିଥିଲେ ଯେ ଏକ ଜରୁରୀକାଳୀନ ଆଇନ ରାଷ୍ଟ୍ରପତିଙ୍କୁ ଆମଦାନୀ ଶୁଳ୍କ ବୃଦ୍ଧି କିମ୍ବା ହ୍ରାସ କରିବାର କ୍ଷମତା ଦିଏ କି ନାହିଁ। ଆମେରିକା ସମ୍ବିଧାନ କଂଗ୍ରେସକୁ ଶୁଳ୍କ ଲାଗୁ କରିବାର ଅଧିକାର ପ୍ରଦାନ କରେ, କିନ୍ତୁ ପ୍ରଥମ ଥର ପାଇଁ, ଟ୍ରମ୍ପ ପ୍ରଶାସନ ଦାବି କରୁଛି ଯେ ଜରୁରୀକାଳୀନ ଆଇନ ସେମାନଙ୍କୁ ଏହି କ୍ଷମତା ପ୍ରଦାନ କରେ। ବିଚାରପତିମାନଙ୍କ ମନ୍ତବ୍ୟ ଟ୍ରମ୍ପଙ୍କ ଯୁକ୍ତିକୁ ଦୁର୍ବଳ କରୁଥିବା ପରି ମନେ ହେଉଛି।



ଯଦି କୋର୍ଟ ଟ୍ରମ୍ପଙ୍କ ବିରୁଦ୍ଧରେ ରାୟ ଦିଏ, ତେବେ ଏହା ବିଶ୍ୱ ବାଣିଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆଣିପାରେ।

ଭାରତ ଏବଂ ଆମେରିକାର ଟିମ୍ ଏକ ବାଣିଜ୍ୟ ଚୁକ୍ତିନାମା ପାଇଁ ଆଲୋଚନା କରୁଛନ୍ତି। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ଯେକୌଣସି କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ନିର୍ଭର କରିବ। ସେ କହିଛନ୍ତି, ଭାରତୀୟ ଦଳ କୌଣସି ତରବରିଆ ନିଷ୍ପତ୍ତି ନେବାକୁ ଚାହୁଁନାହିଁ। ସବୁକିଛି କୋର୍ଟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ।

ବାଣିଜ୍ୟ ଏବଂ ଶିଳ୍ପ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ କୋର୍ଟ ଟ୍ରମ୍ପଙ୍କ ବିରୁଦ୍ଧରେ ରାୟ ଦେଲେ ମଧ୍ୟ ସେ ହାର ମାନିବେ ନାହିଁ। ଯଦିଓ ନିଷ୍ପତ୍ତି ଟ୍ରମ୍ପଙ୍କ ସପକ୍ଷରେ ନ ଯାଏ, ତଥାପି ସେ କୌଣସି ପ୍ରକାରେ ଶୁଳ୍କ ଲାଗୁ କରିବେ। ଶୁଳ୍କ ହେଉଛି ଟ୍ରମ୍ପଙ୍କ ପ୍ରିୟ ଅସ୍ତ୍ର। କୋର୍ଟଙ୍କ କଟକଣା ସତ୍ତ୍ୱେ, ଟ୍ରମ୍ପ ଅନ୍ୟ ଆଇନର ଆଶ୍ରୟ ନେଇ ବାଣିଜ୍ୟିକ ଅଂଶୀଦାରମାନଙ୍କୁ ଟାର୍ଗେଟ କରିପାରିବେ।

ଦିଲ୍ଲୀ-ଭିତ୍ତିକ ଏକ ଥିଙ୍କ ଟ୍ୟାଙ୍କ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆରଆଇ) ଦ୍ୱାରା ଗତ ସପ୍ତାହରେ ଜାରି ଏକ ରିପୋର୍ଟରେ ଚେତାବନୀ ଦିଆଯାଇଥିଲା ଯେ ଯଦି ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଜରୁରୀକାଳୀନ କ୍ଷମତାକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ତାଙ୍କର "ମୁକ୍ତି ଦିବସ" ଶୁଳ୍କ ଉଠାଇ ଦିଅନ୍ତି, ତେବେ ଏହାର ଆମେରିକା ବାହାରେ ବଡ଼ ପ୍ରଭାବ ପଡ଼ିପାରେ। ରିପୋର୍ଟରେ କୁହାଯାଇଛି ଯେ ଏହା ଇୟୁ, ଜାପାନ, ଦକ୍ଷିଣ କୋରିଆ ଏବଂ ୟୁକେ ଭଳି ଦେଶ ସହିତ

**ଟ୍ରମ୍ପଙ୍କ ଶୁଳ୍କ ଉପରେ ଆମେରିକା ସୁପ୍ରିମକୋର୍ଟରେ ମାମଲା**

ସାମ୍ପ୍ରତିକ ବାଣିଜ୍ୟ ଚୁକ୍ତିକୁ ପଲଟାଇଦେଇପାରେ, କାରଣ ସେଗୁଡ଼ିକ ସବୁ ଶୁଳ୍କ ଚାପରେ କରାଯାଇଥିଲା।

ଭାରତ ସହିତ ଚାଲିଥିବା ଆଲୋଚନା, ଯେଉଁଠାରେ ଆମେରିକା ଚାପ ପ୍ରୟୋଗ କରିବା ପାଇଁ ଶୁଳ୍କକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି, ତାହା ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହେବ। ଗତ ସପ୍ତାହରେ ଏକ ସାକ୍ଷାତକାରରେ ଟ୍ରମ୍ପ ସ୍ପଷ୍ଟ ଭାବରେ କହିଥିଲେ ଯେ ଶୁଳ୍କ ହଟାଇବା ତାଙ୍କ ଦେଶ ପାଇଁ ଏକ ବିପର୍ଯ୍ୟୟ ହେବ। ସେ ଚେତାବନୀ ଦେଇଥିଲେ ଯେ ଯଦି ସେ ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ଶୁଳ୍କ ଲାଗୁ କରିପାରିବେ ନାହିଁ, ତେବେ ସମଗ୍ର ବିଶ୍ୱ ମାନସିକ ଅବସାଦରେ ବୁଡ଼ିଯିବ।

## ଖିମଜୀ ଗ୍ରୁପ୍ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର,୧୦।୧୧(ସମିସ): ଖିମଜୀ ଗ୍ରୁପ୍ ପକ୍ଷରୁ ଭାରତୀୟ ରେଡକ୍ରସ ସୋସାଇଟି (ଆଇଆରସିଏସ୍), ଓଡ଼ିଶା ରାଜ୍ୟ ଶାଖା ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଭୁବନେଶ୍ୱରସ୍ଥିତ ଏନଏସ୍ଆଇସି ସୌଧରେ ଥିବା ଖିମଜୀ ଗ୍ରୁପ୍ କର୍ପୋରେଟ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରକୁ ମିତେଶ ଖିମଜୀ, ମ୍ୟାନେଜିଂ ଡାଇରେକ୍ଟର ଖିମଜୀ ଗ୍ରୁପ୍ ଏବଂ ଡା. ରଘୁନାଥ ବେହେରା, ମେଡିକାଲ ଅଫିସର, ଆଇଆରସିଏସ୍ ବିଶିଷ୍ଟ ଅତିଥି ଗୁଲଶନ କୁମାର ଦାଶ, ରେଡକ୍ରସ ପ୍ରତିନିଧି, ତ୍ରିଲୋଚନ ଦାଶ, ସଂଯୋଜକ, ଓଡ଼ିଶା ରକ୍ତ ସଞ୍ଚାର ମହାସଂଘ ଏବଂ ଖିମଜୀ ଜୁଏଲର୍ସର ବରିଷ୍ଠ ପ୍ରତିନିଧିଗଣ, ଖିମଜୀ ଫିନସର୍ଭ ଓ ଖିମଜୀ ଫାଉଣ୍ଡେସନ୍‌ର ମାନବ ସମ୍ବଳ ଓ କର୍ପୋରେଟ କମ୍ୟୁନିକେସନ ଟିମ୍‌ର ପ୍ରତିନିଧିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମିତେଶ ଖିମଜୀ କହିଥିଲେ ଯେ, କହିବାକୁ ଗଲେ ରକ୍ତ ହେଉଛି ଲାଲ ସୁନା ଏବଂ ଏହାର ମୂଲ୍ୟ ଜରୁରୀ ପରିସ୍ଥିତିରେ କେତେ ମୂଲ୍ୟବାନ ତାହା ଜଣାପଡିଥାଏ। ପ୍ରତ୍ୟେକ ରକ୍ତ ବୁନ୍ଦା ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିଙ୍କ ପାଇଁ ଆଶାର କିରଣ। ଖିମଜୀରେ ଆମେ ବିଶ୍ୱାସ ରଖୁଛୁ ଯେ ପ୍ରତ୍ୟେକ ୟୁନିଟ ରକ୍ତର ତିନିଟି ମୂଲ୍ୟବାନ ଜୀବନ ବଞ୍ଚାଇବାର ଶକ୍ତି ରହିଛି। ଏହି ରକ୍ତଦାନ ଶିବିରରେ ମୋଟ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଖିମଜୀ ଗ୍ରୁପର ୨୪ଜଣ ଉତ୍ସାହୀ କର୍ମଚାରୀଙ୍କ ସହିତ ଏନଏସ୍ଆଇସିରୁ ୧୦ଜଣ ରକ୍ତଦାନ କରିଥିଲେ।

## ଟାରିଫ୍‌ରୁ ପ୍ରତି ଆମେରିକୀୟଙ୍କୁ ୧.୭୭ ଲକ୍ଷ ଦେବେ ଟ୍ରମ୍ପ

ୱାଶିଂଟନ୍,୧୦।୧୧(ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଟ୍ରୁଥ୍ ସୋସିଆଲ ମିଡିଆରେ ପୋଷ୍ଟ କରି ଦାବି କରିଛନ୍ତି ଯେ ସେ ଲାଗୁ କରିଥିବା ଟାରିଫ୍ କୋଟି କୋଟି ଡଲାର ରାଜସ୍ୱ ସୃଷ୍ଟି କରୁଛି। ସେ କହିଛନ୍ତି ଯେ ଏହି ରାଜସ୍ୱ ଅର୍ଥକୁ ଆମେରିକା ବାସୀଙ୍କ ମଧ୍ୟରେ ବାଣ୍ଟି ଦିଆଯିବ। ଧନୀ ଲୋକଙ୍କୁ ଛାଡି ଏଥିରୁ ପ୍ରତ୍ୟେକ ଆମେରିକୀୟ ନାଗରିକଙ୍କୁ ୨୦୦୦ ଡଲାର (ପ୍ରାୟ ୧.୭୭ ଲକ୍ଷ ଟଙ୍କା) ର "ଲାଭାଂଶ" ପ୍ରଦାନ କରିବ। ପୋଷ୍ଟରେ ଟ୍ରମ୍ପ ଶୁଳ୍କର ସମାଲୋଚକମାନଙ୍କୁ "ମୂର୍ଖ" ବୋଲି କହିଛନ୍ତି। ସେ କହିଛନ୍ତି, ଯେଉଁମାନେ ଶୁଳ୍କ ବିରୁଦ୍ଧରେ କଥା କୁହନ୍ତି ସେମାନେ ମୂର୍ଖ। ଆମ ସରକାର ଆମେରିକାକୁ ବିଶ୍ୱର ସବୁଠାରୁ ଧନୀ ଏବଂ ସବୁଠାରୁ ସମ୍ମାନଜନକ ଦେଶ କରିଛି, ଯେଉଁଠାରେ ମୁଦ୍ରାସ୍ଫୀତି କିଛି ବି ନୁହେଁ ଏବଂ ସେୟାର ବଜାର ରେକର୍ଡ ସ୍ତରରେ ଅଛି। ତଥାପି, ଟ୍ରମ୍ପ ଏହି ସୁବିଧା କିଏ ପାଇବେ ତାହା ସ୍ପଷ୍ଟ କରି ନାହାଁନ୍ତି, ଯୋଗ୍ୟତା ମାନଦଣ୍ଡ (ଯେପରିକି ଆୟ ସୀମା) କିମ୍ବା ସମୟସୀମା ବିଷୟରେ କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରିନାହାଁନ୍ତି। ଏହା ପ୍ରଥମ ଥର ନୁହେଁ ଯେତେବେଳେ ସେ ଏପରି ପ୍ରତିଶ୍ରୁତି ଦେଇଛନ୍ତି।

## ଭାରତ ମସଲା ପକ୍ଷରୁ ୪ର୍ଥ ଦିନର ଲକି ଡ୍ର

କଟକ,୧୦।୧୧(ସମିସ): ପ୍ରତିଦିନ କଟକ ବାଲିଯାତ୍ରାରେ ଭାରତ ମସଲା ପକ୍ଷରୁ ଲକି ଡ୍ର କାର୍ଯ୍ୟକ୍ରମ ଜାରି ରହିଛି। ଗ୍ରାହକଙ୍କ ଭାରି ଚାହିଦାକୁ ଆଖି ଆଗରେ ରଖି ମସଲାର ମାନ, ଗୁଣବତ୍ତା ଓ ମୂଲ୍ୟରେ କମ୍ପାନୀ ଏ ପର୍ଯ୍ୟନ୍ତ ସାଲିସ କରିନି ବୋଲି ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ଆଜିର ଲକି ଡ୍ର ବିଜେତାମାନଙ୍କୁ ମୁଖ୍ୟ ଅତିଥି ଭାରତ ମସଲାର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ଆଜିର ପ୍ରଥମ ଭାଗ୍ୟଶାଳୀ ବିଜେତା ଢେଙ୍କାନାଳ ଜିଲ୍ଲା ଗୁଡ଼ିଆକାଟେଣୀ ଅଞ୍ଚଳର ଭରତ କୁମାର ରାଉତଙ୍କୁ ମାଇକ୍ରୋ ଓଭେନ୍, ଦ୍ୱିତୀୟ ବିଜେତା ସିଡିଏ ସେକ୍ଟର ୧୦ ର ପ୍ରଦୀପ କୁମାର ଦାସଙ୍କୁ ରେସିଂ ବାଇସାଇକେଲ, ତୃତୀୟ ବିଜେତା ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ଈଶ୍ୱର ଚନ୍ଦ୍ର ବଳଙ୍କୁ ବାଉଲ ସେଟ୍ ଓ ସାନ୍ତ୍ୱନା ମୂଳକ ପୁରସ୍କାର ସ୍ୱରୂପ ସାଇଲୋ ଗୋବିନ୍ଦପୁର ମେଘା ଅଞ୍ଚଳର ମୀନକେତନ ରାଉତରାୟଙ୍କୁ ଫ୍ରାଇଂ ପ୍ୟାନ୍ ଶ୍ରୀ ପଣ୍ଡା ପ୍ରଦାନ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ଜିନ୍ଦଲ ଷ୍ଟେନ୍‌ଲେସ୍ ତ୍ରୈମାସିକ ଆର୍ଥିକ ଫଳାଫଳ

ଭୁବନେଶ୍ୱର, ୧୦।୧୧(ସମିସ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ)ର ନିର୍ଦ୍ଦେଶକ ମଣ୍ଡଳୀ ଆଜି ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରିଛନ୍ତି। କମ୍ପାନୀର ବିକ୍ରି ପରିମାଣ ୬,୪୮,୦୫୦ ଟନ୍ ରେକର୍ଡ ହୋଇଛି, ଯାହା ବାର୍ଷିକ ଆଧାରରେ ୧୪.୮% ବୃଦ୍ଧି ପାଇଛି। ମୋଟ ରାଜସ୍ୱ ୧୦,୮୮୧ କୋଟି ଟଙ୍କା ହୋଇଛି,ଯାହା ବାର୍ଷିକ ଆଧାରରେ ୧୧.୬% ବୃଦ୍ଧି ପାଇଛି। ଷ୍ଟାଣ୍ଡଆଲୋନ୍ ଇବିଆଇଟିଡିଏ ଏବଂ ଟିକସ ପରବର୍ତୀ ଲାଭ ଯଥାକ୍ରମେ ୧,୦୬୦ କୋଟି ଟଙ୍କା ଏବଂ ୬୪୪ କୋଟି ଟଙ୍କା ହୋଇଛି, ଯାହା ବାର୍ଷିକ ଭିତିରେ ଯଥାକ୍ରମେ ୫.୩% ଏବଂ ୯.୩% ବୃଦ୍ଧି ପାଇଛି। ଏକୀକୃତ ଭାବେ, ମୋଟ ରାଜସ୍ୱ ୧୦,୮୯୩ କୋଟି ଟଙ୍କା ହୋଇଛି, ଯାହା ବାର୍ଷିକ ଭିତିରେ ୧୧.୪% ବୃଦ୍ଧି ପାଇଛି। ଏକୀକୃତ ଇବିଆଇଟିଡିଏ ୧,୩୮୮ କୋଟି ଟଙ୍କା ଏବଂ ଟିକସ ପରବର୍ତ୍ତୀ ଲାଭ ୮୦୮ କୋଟି ଟଙ୍କା ରେକର୍ଡ ହୋଇଛି, ଯାହା ବାର୍ଷିକ ଭିତିରେ ଯଥାକ୍ରମେ ୧୭% ଏବଂ ୩୨.୬% ବୃଦ୍ଧି ପାଇଛି। ଏକୀକୃତ ମୋଟ ଋଣ ୩,୬୪୬ କୋଟି ଟଙ୍କା ଥିଲା, ଯେତେବେଳେ ମୋଟ ଋଣ-ଇକ୍ୱିଟି ଅନୁପାତ ୦.୨x ରହିଛି।

## ବେଦାନ୍ତ ଆଲୁମିନିୟମ୍‌ର 'ପ୍ରୋଜେକ୍ଟ ସମ୍ପର୍କ'


ଭୁବନେଶ୍ୱର, ୧୦।୧୧(ସମିସ): ବେଦାନ୍ତ ଆଲୁମିନିୟମ ଏହାର ସାମୁଦାୟିକ ବିକାଶ ପଦକ୍ଷେପ ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ସ୍ଥାୟୀତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, କମ୍ପାନୀ ବଞ୍ଜାରୀ, କୁତାଲୋଇ ଏବଂ ପିପଲିମାଲ ଗ୍ରାମରୁ ୧,୦୦୦ରୁ ଅଧିକ ମହିଳାଙ୍କୁ ରୋଷେଇ ଘର ଉଦ୍ୟାନ ଗ୍ରହଣ କରିବା ଏବଂ ଜୈବିକ ଘରେ ଉତ୍ପାଦିତ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ପାଇଁ ସଶକ୍ତ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଜୈବିକ ସାର ସହିତ ୧୦ ପ୍ରକାରର ପନିପରିବା ବିହନ ଥିବା ଏକ ରୋଷେଇ ଘର ଉଦ୍ୟାନ କିଟ୍ ମିଳିଥିଲା। ମୋଟ ୧୦,୦୦୦ରୁ ଅଧିକ ବିହନ ପ୍ୟାକେଟ ମହିଳା ଏବଂ ଅଙ୍ଗନୱାଡି କର୍ମୀଙ୍କୁ ବଣ୍ଟନ କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁଛୁ ଯେ ସ୍ଥାୟୀ ବିକାଶ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ। ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ, ଆମେ ଗ୍ରାମୀଣ ଓଡ଼ିଶାର ମହିଳାମାନଙ୍କୁ ରୋଷେଇ ଘର ଉଦ୍ୟାନ ଚାଷ କରି ସେମାନଙ୍କ ପରିବାରର ପୁଷ୍ଟି ଏବଂ କଲ୍ୟାଣର ଦାୟିତ୍ୱ ନେବାକୁ ସକ୍ଷମ କରୁଛୁ।




**ଆସିଲା ନୂଆ ଆଧାର ଆପ୍**

# କ୍ୟୁଆର୍‌ରେ ସେୟାର ହେବ ଆଧାର କାର୍ଡ

- ଆଉ ସାଥିରେ ନେବାକୁ ପଡ଼ିବନି ଆଧାର କାର୍ଡ
- ମୋବାଇଲରେ ହିଁ ସେଭ୍ ହୋଇ ରହିବ ଆଧାର କାର୍ଡ




ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି):ଏଣିକି ଆଉ ସବୁବେଳେ ସଙ୍ଗରେ ନେବାକୁ ପଡ଼ିବନି ଆଧାର କାର୍ଡ। ମୋବାଇଲରେ ହିଁ ସେଭ୍ ହୋଇ ରହିବ ଆଧାର କାର୍ଡ। ଇଣ୍ଟରନେଟ ଥାଉ କି' ନ ଥାଉ ଆପ୍ ମାଧ୍ୟମରେ କାଢ଼ିପାରିବେ ନିଜର ଓ ନିଜ ପରିବାର ସଦସ୍ୟଙ୍କ ଆଧାରକାର୍ଡ। ଖାଲି ସେତିକି ନୁହେଁ ସୁରକ୍ଷିତ ଉପାୟରେ ଆଧାରକାର୍ଡର କେବଳ ଜରୁରୀ ତଥ୍ୟ ହିଁ ଶେୟାର କରିପାରିବେ। ଆଧାର କାର୍ଡର ଡିଜିଟାଲ ବ୍ୟବହାରକୁ ଆହୁରି ସରଳ ଓ ସହଜ କରିବା ପାଇଁ ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟି ଅଫ୍ ଇଣ୍ଡିଆ ବା ୟୁଆଇଡିଏଆଇ ଏକ ନୂଆ ମୋବାଇଲ ଆପ୍ ଲଞ୍ଚ କରିଛି। ଏହି ଆପ୍ ଜରିଆରେ ଏଣିକି ଆପଣ ନିଜ ଆଧାର କାର୍ଡକୁ ସବୁବେଳେ ଫୋନ୍‌ରେ ନେଇପାରିବେ। ଅର୍ଥାତ ଆପଣଙ୍କୁ କୌଣସି ଫିଜିକାଲ ଆଧାରକାର୍ଡ ପାଖରେ ରଖିବା ଆବଶ୍ୟକ ପଡିବନାହିଁ। ପୁରୁଣା ଏମ-ଆଧାର ଆପ୍‌ଠାରୁ ଅଲଗା ନୂଆ ଆପ୍‌ରେ ଆଧାର କାର୍ଡ ସହ ଜଡ଼ିତ କୌଣସି ଭେରିଫିକେସନ ୟୁପିଆଇ ପେମେଣ୍ଟ ଭଳି ସହଜରେ ହୋଇପାରିବ। ଇ-ଆଧାର ସବୁବେଳେ ସମସ୍ତଙ୍କ ପାଖରେ ଫୋନ୍‌ରେ ରହିପାରିବ। ପେପର କପି ରଖିବାର ଆବଶ୍ୟକତା ପଡ଼ିବନି। ଯଦି ଆପଣ ନିଜ ଆଧାର କାର୍ଡ କେଉଁଠାରେ ବ୍ୟବହାର କରିବାକୁ ଚାହିବେ ତେବେ ଆପଣଙ୍କୁ ଫେସ୍ ସ୍କାନ କରିବାକୁ ହେବ। ଏହା ସହ ବାୟୋମେଟ୍ରିକ ଅଥେଣ୍ଟିକେସନ ଦ୍ୱାରା ଆପ ଖୋଲି ହେବ। ଆପ୍‌ର ଏକାଧିକ ଭାଷା, ଅଫ୍‌ଲାଇନ୍ ୟୁଜ ଭଳି ସୁବିଧା ମଧ୍ୟ ରହିଛି। ସୂଚନାଥାଉକି, ପୂର୍ବରୁ ଏମ ଆଧାର ଆପ୍‌ର ବ୍ୟବହାର ହେଉଥିଲା। ଏହା ଆଧାର ଡିଟେଲ ଚେକ୍ କରିବା, ଡିଜିଟାଲ ଆଧାର କାର୍ଡ ଡାଉନଲୋଡ କରିବା ଏବଂ ପିଭିସି କାର୍ଡ ମଗାଇବା ପାଇଁ ବ୍ୟବହାର ହେଉଥିଲା। ସେହିଭଳି ନୂଆ ଆପ୍‌ରେ ୟୁଜର୍ସ ନିଜ ଆଧାର ତଥ୍ୟକୁ ନିରାପଦ ରଖି ସ୍କାନ କରି ଶେୟାର କରିପାରିବେ। ନୂଆ ଆପ ଦ୍ୱାରା ଚେକ-ଇନ୍, ସିମ୍ ଆକ୍ଟିଭେସନ କିମ୍ବା ବ୍ୟାଙ୍କ୍ କେୱାଇସି ସହଜ ହେବ। ପରିବାର ସଦସ୍ୟଙ୍କ ଆଧାର କାର୍ଡ ମଧ୍ୟ ଏଥିରେ ସହଜରେ ରହିପାରିବ। ତଥାପି ପିଡିଏଫ ଡାଉନଲୋଡ କିମ୍ବା ପିଭିସି କାର୍ଡ ପାଇଁ ଏବେ ବି ଏମଆଧାର ବ୍ୟବହାର କରନ୍ତୁ।ଭର୍ଚୁଆଲ ଆଇଡି ଜେନେରେଟ୍ କିମ୍ବା କିଛି ଅପଡେଟ କରିବା ପାଇଁ ୟୁଆଇଡିଆଇ ପୋର୍ଟାଲ କିମ୍ବା ଏମ ଆଧାର ହିଁ ଉତ୍ତମ। ନୂଆ ଆପ୍‌ରେ ପ୍ରାଇଭେସୀକୁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା କେବଳ ଆବଶ୍ୟକୀୟ ତଥ୍ୟ ହିଁ ଶେୟାର କରିପାରିବେ।

**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023** **Dated: 07/10/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023, wherein prior approval of the Ministry of Environment, Forest & Climate Change for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., was sought in accordance with Section-2 (1)(ii) of the Van (Sanrakshan Evam Samvardhan) Adhiniyam, 1980. After due consideration of the proposal by the Ministry of Environment, Forest & Climate Change, the in-principle approval for diversion of the said forest land was accorded by Ministry vide this office letter of even number dated 24.01.2025, subject to fulfillment of certain conditions. The State Government has furnished the compliance report in respect of the conditions stipulated in the in-principle approval and has requested to grant final approval of the proposal.

2. In this connection, I am directed to say that on the basis of the compliance report furnished by the Addl. PCCF & Nodal Officer (FCA), Odisha vide their letter No.19249/9F (Rail)-391/2023 dated 15.09.2025 and submission of the compliance report by the State Govt. in Parivesh web portal on 26.09.2025, Stage-II/final approval of the Ministry of Environment, Forest & Climate Change is hereby granted under Section 2 (1)(ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions:-

**1. General Conditions**

| S. No | Conditions |
|---|---|
| 1.1 | The State Govt. shall ensure that the legal status of diverted forest land shall remain unchanged. |
| 1.2 | The State Govt. shall ensure that the user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.3 | The State Govt. should ensure that the non-forest land proposed for CA shall be notified as PF under Section 29 of the IFA, 1927 or local Act before handing over of the diverted forest land to the user agency and after notification of such non-forest land, the Nodal Officer, Odisha shall upload a copy of said notification on the PARIVESH portal. |
| 1.4 | The State Govt. shall ensure the compliance on FRA, 2006 as per Van (Sanrakshan Evam Samvardhan) Rules and guidelines issued from time to time before handing over of the diverted forest land to user agency. |
| 1.5 | The State Govt. shall ensure that the KML files of the area to be diverted, CA and Addl. CA areas shall be uploaded on the e-Green watch portal with all requisite details before handing over of the diverted forest land to the user agency. |
| 1.6 | The State Govt. shall ensure that the boundary of the diverted forest land shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.7 | The State Govt. shall ensure that the State Forest Department will raise compensatory afforestation over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.8 | The State Govt. shall ensure that the State Forest Department will raise additional compensatory afforestation over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.9 | The State Govt. shall ensure that the species to be planted in the CA and Addl. CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.10 | The State Govt. shall ensure that State Forest Department shall implement the Site Specific Wildlife Conservation Plan duly approved by Chief Wildlife Warden, Odisha the project cost. |
| 1.11 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLW of the State Govt. There should be regular communication with the local forest department to know the presence/movement of elephant near the track. |
| 1.12 | The State Govt. and User Agency shall ensure that speed regulating signage will be erected along the railway line at regular intervals in Protected Areas/Forest Areas. |
| 1.13 | The State Govt. and the User Agency shall ensure that the designing of new culverts/bridges, if any, over the natural streams/ rivers/canals should be done in such a manner that it does not hamper the natural course of water, does not give rise to water-logging, so that it does not hamper movement of wild animals. |
| 1.14 | The State Govt. and the User Agency shall ensure that the reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed. |
| 1.15 | The State Govt. shall ensure that the user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.16 | The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.17 | The State Govt. shall ensure that the period of diversion under this approval shall be co-terminus with the period of lease granted in favour of user agency or the project life, whichever is less. |
| 1.18 | The State Govt. shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas. |
| 1.19 | The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner. |
| 1.20 | The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency. |
| 1.21 | The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change. |
| 1.22 | The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change. |
| 1.23 | The State Govt. shall ensure that no damage to the flora and fauna of the adjoining area shall be caused. |
| 1.24 | The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area. |
| 1.25 | The State Govt. shall ensure that the user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Integrated Regional Office of this Ministry by the end of March every year regularly. |
| 1.26 | The State Govt. shall ensure that any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency. |
| 1.27 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.28 | Any other direction issued by the Ministry as a result of Hon'ble Supreme Court order will have bearing on this approval. |
| 1.29 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**

**3. Specific Conditions**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Sujoy Dutta)**
**Assistant Commissioner (Forestry)**

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ସମସ୍ୟା ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟାର ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ଅଚାନକ ସମସ୍ୟାରେ ପଡ଼ିପାରନ୍ତି। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେଇପାରେ। ପିଲାମାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଯୋଜନା କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ। ଦାନ ଧର୍ମ କରିବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।


**କୁମ୍ଭ:** ପରିବାର ସଦସ୍ୟଙ୍କ ସହିତ ହସ ଖୁସିରେ ସମୟ ବିତାଇବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ। ଆୟ ଅନୁସାରେ ଖର୍ଚ୍ଚ କରିବେ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୮୯- ୱାଶିଂଟନ୍‌କୁ ଆମେରିକାର ୪୨ ତମ ପ୍ରାନ୍ତ ଘୋଷଣା କରାଗଲା।
- ୧୯୫୬- ରାଜଧାନୀ ଦିଲ୍ଲୀ କେନ୍ଦ୍ରଶାସିତ ଅଞ୍ଚଳ ହେଲା।
- ୧୯୬୬- ନାସା ମହାକାଶ ଯାନ 'ଜେମିନି-୧୨' ଲଞ୍ଚ୍ କଲା।
- ୧୯୭୩- ପ୍ରଥମ ଅନ୍ତରାଷ୍ଟ୍ରୀୟ ଡାକଟିକଟ ପ୍ରଦର୍ଶନୀ ନୂଆଦିଲ୍ଲୀରେ ଆରମ୍ଭ ହେଲା।
- ୧୯୮୨- ଇସ୍ରାଏଲର ସେନା ମୁଖ୍ୟାଳୟରେ ଗ୍ୟାସ୍ ବିସ୍ଫୋରଣ ଯୋଗୁଁ ପାଖାପାଖି ୬୦ ଲୋକଙ୍କ ମୃତ୍ୟୁ।
- ୨୦୦୧-ଦୋହା ବୈଠକରେ ଡବ୍ଲୁଟିଓ ଭାରତର ସମର୍ଥନ କଲା।

## ଜାତୀୟ ଶିକ୍ଷା ଦିବସ



ଦେଶର ବିକାଶରେ ମାନବ ସମ୍ବଳର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ଦକ୍ଷ ମାନବ ସମ୍ବଳ ପାଇଁ ଉପଯୁକ୍ତ ଶିକ୍ଷା ଅପରିହାର୍ଯ୍ୟ। ମଣିଷ ଜୀବନରେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୧କୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଶିକ୍ଷା ହେଉଛି ଏକ ଶକ୍ତିଶାଳୀ ସାଧନ ଯାହା ମାଧ୍ୟମରେ ଆମେ ଆମ ଜୀବନକୁ ଉନ୍ନତ କରିପାରିବା । ଏହା ଆମକୁ ଜ୍ଞାନ, କୌଶଳ, ଏବଂ ଦକ୍ଷତା ପ୍ରଦାନ କରିବା ସହ ଆମ ଲକ୍ଷ୍ୟ ପୂରଣ କରିବାରେ ଏବଂ ବିଶ୍ୱର ଉନ୍ନତି କରିବାରେ ସାହାଯ୍ୟ କରିଥାଏ। ଏହିଦିନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ତଥା ଭାରତ ରତ୍ନ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମ ଦିବସ। ମୌଲାନା ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ଲେଖକ ଥିଲେ। ସେ ୧୮୮୮ ମସିହା ଆଜିର ଦିନରେ ଆରବର ମକ୍କା ସହରରେ ଜନ୍ମଗ୍ରହଣ କରିଥିଲେ। ମୌଲାନା ତାଙ୍କୁ ପ୍ରଦତ୍ତ ଏକ ସମ୍ମାନସ୍ୱଦ ଉପାଧି ଥିଲା। ପରବର୍ତ୍ତୀ ସମୟରେ ସେ ତାଙ୍କ ନାମରେ ଆଜାଦ ଯୋଡ଼ିଥିଲେ, ଯାହାର ଅର୍ଥ ମୁକ୍ତି । ୧୫ ଅଗଷ୍ଟ ୧୯୪୭ରୁ ଫେବ୍ରୁଆରୀ ୨, ୧୯୫୮ ପର୍ଯ୍ୟନ୍ତ ସେ ଭାରତର ଶିକ୍ଷା ମନ୍ତ୍ରୀ ଥିଲେ। ମୌଲାନାଙ୍କ ଅନୁସାରେ, ବିଦ୍ୟାଳୟ ଏପରି ଏକ ପ୍ରୟୋଗଶାଳା, ଯେଉଁଠାରେ ରାଷ୍ଟ୍ରର ଭବିଷ୍ୟତ ପିଢ଼ିଙ୍କ ବିକାଶ ହୋଇଥାଏ। ଭାରତରେ ପ୍ରତିଷ୍ଠିତ ବିଭିନ୍ନ ଆଇଆଇଟିଗୁଡ଼ିକର ଶ୍ରେୟ ତାଙ୍କୁ ଦିଆଯାଏ। ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ। ଶିକ୍ଷା ମନ୍ତ୍ରୀ ଥିବା ସମୟରେ ସେ ଜାତୀୟ ଶିକ୍ଷା ନୀତିର ସ୍ଥାପନା କାରିଥିଲେ। ପ୍ରାଥମିକ ଶିକ୍ଷାର ଅଗ୍ରଗତି ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ୧୯୯୨ ମସିହାରେ ତାଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେଶ ସ୍ୱାଧୀନ ହେବା ପରେ ସେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ସ୍ଥାପନା କରିଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରୁ ନଭେମ୍ବର ୧୧ ତାରିଖକୁ 'ଜାତୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଶିକ୍ଷା ବିଷୟରେ ଲୋକଙ୍କୁ ସଚେତନ କରିବା ତଥା ଲୋକଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ । ବିଦ୍ୟାଳୟ, କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ପୁସ୍ତକ ମେଳାର ଆୟୋଜନ କରାଯାଇଥାଏ ।

## ଟଙ୍କା ଦେଇ ୱେଟର୍ ସାଜନ୍ତି ଗ୍ରାହକ



ରେସ୍ତୋରାଁଗୁଡ଼ିକ ବିଭିନ୍ନ ଉପାୟ ଅବଲମ୍ବନ କରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନା କରନ୍ତି। ଏହି କ୍ରମରେ ଜାପାନରେ ଏମିତି ଏକ ରେସ୍ତୋରାଁ ରହିଛି ଯେଉଁଠି ଗ୍ରାହକ ୱେଟର୍ ଅନୁଭୂତି ପାଇବାକୁ ରେସ୍ତୋରାଁ ଆସନ୍ତି। ଆଉ ଟଙ୍କା ଦେଇ ୱେଟର୍ ସାଜନ୍ତି। ଜାପାନର ଏକ ଲୋକପ୍ରିୟ ରେସ୍ତୋରାଁରେ ଗ୍ରାହକ ଟଙ୍କା ଦେଇ ୱେଟର୍ ସାଜିବା ଅନୁଭୂତି ନେଉଛନ୍ତି। ଏଥିପାଇଁ ରେସ୍ତୋରାଁ ପକ୍ଷରୁ ଗ୍ରାହକଙ୍କୁ ୱେଟର୍‌ଙ୍କ ପୋଷାକ ଦିଆଯାଏ। ତେବେ ସାମାଜିକ ଗଣମାଧ୍ୟମରେ ରେସ୍ତୋରାଁର ଏହି ନିୟମ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପପ୍-ଅପ୍ ଆଉଟଲେଟରେ କିଛି ଗ୍ରାହକ ଖାଦ୍ୟ ଖାଇବା ସହ ୱେଟର୍ ସାଜିବା ସଉକ ପୂରା କରିବାକୁ ଆସିଥାନ୍ତି। ରେସ୍ତୋରାଁରେ ଗ୍ରାହକ ୱେଟର୍ ପୋଷାକ ପିନ୍ଧି ରେସ୍ତୋରାଁର କର୍ମଚାରୀମାନଙ୍କୁ ଖାଦ୍ୟ ପରଷନ୍ତି। ଅବଶ୍ୟ ଗ୍ରାହକଙ୍କୁ ଏଭଳି ସଉକ ପୂରଣ କରିବା ପାଇଁ ୯୦ ମିନିଟ୍‌କୁ ଭାରତୀୟ ମୁଦ୍ରାରେ ୨,୨୯୮ ଟଙ୍କା ଦେବାକୁ ପଡ଼େ। ଏହାଦ୍ୱାରା ଗ୍ରାହକ କିଛି ସମୟ ପାଇଁ ନିଜକୁ ୱେଟର୍ ଭାବିଥାନ୍ତି। କିଛି ଲୋକ ୱେଟର୍‌ଙ୍କ ଭଳି ପୂରା ପୋଷାକ ନ ପିନ୍ଧି କେବଳ ପୋଷାକ ଉପରେ ତାକୁ ଗଳାଇ ଦେଇଥାନ୍ତି।

## ବିବାହ ପରେ ବିଦା ହୁଏ ବର

ସାଧାରଣତଃ ବିବାହକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ସଂସ୍କୃତି, ପ୍ରଥା, ପରମ୍ପରା ଆଦି ଦେଖିବାକୁ ମିଳିଥାଏ। ଏହିକ୍ରମରେ ମେଘାଳୟର ଖାସୀ ଜନଜାତିରେ ମଧ୍ୟ ବିବାହକୁ ନେଇ ଅଜବ ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ବିବାହ ପରେ କନିଆ ବଦଳରେ ବର ବିଦା ହୋଇଥାଏ। ତେବେ ଏହି ଜନଜାତିରେ ମହିଳାମାନଙ୍କର ରାଜୁତି ଚାଲେ। ଏଥିସହ ସମାଜରେ ସେମାନଙ୍କ ଭୂମିକା ସର୍ବୋଚ୍ଚ ବୋଲି କୁହାଯାଏ। ଏହି ପରମ୍ପରା ବର୍ଷ ବର୍ଷ ଧରି ଏଠାରେ ପାଳିତ ହୋଇ ଆସୁଛି। ଏଠାକାର ସମାଜ ମାତୃକୈନ୍ଦ୍ରିକ। ଏଠାରେ ପରିବାର ମୁଖ୍ୟ ଘରର ମହିଳା ହୋଇଥାନ୍ତି। ଘରର ସମ୍ପତ୍ତି, ଉପନାମ ସହ ଘରର ସମସ୍ତ ଦାୟିତ୍ୱ ଝିଅ ନେଇଥାଏ। ସେହିପରି ବିଶେଷ କଥା ହେଉଛି ପରିବାରର ସବୁଠୁ ସାନ ଝିଅଙ୍କୁ ମାଆବାପାଙ୍କ ଦେଖାଶୁଣା ଦାୟିତ୍ୱ ଦିଆଯାଏ। ପୁରୁଷମାନେ ଏଠି ମହିଳାମାନଙ୍କୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରନ୍ତି। ଶେଷ ନିଷ୍ପତ୍ତି କିନ୍ତୁ ମହିଳାଙ୍କ ଦ୍ୱାରା ହିଁ ନିଆଯାଇଥାଏ। ଏହି ନିଆରା ପରମ୍ପରା ମହିଳାଙ୍କ ସ୍ୱାଧୀନ ଚିନ୍ତାଧାରା ପ୍ରତୀକ। ଖାସି ଜନଜାତିର ସବୁଠୁ ରୋଚକୀୟ କଥା ହେଉଛି ବିବାହ ପରେ ବର ଶ୍ୱଶୁର ଘରକୁ ଯାଇଥାଏ। ବର ଶ୍ୱଶୁର ଘରକୁ ଯାଇ କନିଆ ପରିବାର ସହ ମିଶି ଜୀବନ ଅତିବାହିତ କରିଥାଏ। ଏହି ପରମ୍ପରା ଜନଜାତିଙ୍କ ପାଇଁ ଗର୍ବର ବିଷୟ ଭାବେ ଜଣାଯାଏ। ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଲୋକବିଶ୍ୱାସ ଅନୁଯାୟୀ, ଏହାଦ୍ୱାରା ପରିବାର ମଜଭୁତ ରହିବା ସହ ମହିଳାଙ୍କୁ ସାମାଜିକ ସମାନତା ମିଳିଥାଏ। ନିକଟରେ ଏହାକୁ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସଭିଙ୍କ ଧ୍ୟାନ ଆକର୍ଷଣ କରିଥିଲା।



## 'ବର୍ଡର ୨'

## ଆସିଲା ବରୁଣଙ୍କ ଲୁକ୍

ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ 'ବର୍ଡର ୨' ଫିଲ୍ମରୁ ବରୁଣ ଧୱନଙ୍କ ଲୁକ୍ ସାମ୍ନାକୁ ଆସିଛି । ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି । ଏହାପୂର୍ବରୁ ଫିଲ୍ମରୁ ସନ୍ନି ଦେଓ୍ୱଲଙ୍କ ଲୁକ୍ ଭାଇରାଲ ହୋଇଥିଲା । ଜାନୁଆରୀ ୨୩, ୨୦୨୬ରେ ଏହା ପରଦାକୁ ଆସିବ । ସାମାଜିକ ଗଣମାଧ୍ୟମରେ ବରୁଣ ଫିଲ୍ମର ପୋଷ୍ଟର ସେୟାର୍ କରି ଲେଖିଛନ୍ତି- 'ଦେଶର ସିପାହୀ ପିବିସି ହୋସିଆର ସିଂହ ଦହିଆ ।' ପୋଷ୍ଟର୍‌ରେ ବରୁଣ ସେନା ପୋଷାକରେ ବନ୍ଧୁକ ଧରିଥିବାର ଦେଖାଯାଇଛନ୍ତି । ତାଙ୍କ ଆଖପାଖରେ କିଛି ସୈନିକ ମଧ୍ୟ ଅଛନ୍ତି । ତନ୍ମଧ୍ୟରୁ କିଛି ଜଣ ଆହତ ହୋଇଥିବାବେଳେ ଆଉ କିଛି ଲଢୁଥିବାର ଦେଖାଯାଇଛନ୍ତି । ବରୁଣଙ୍କ ଆଖିରେ ଶତ୍ରୁପକ୍ଷ ପ୍ରତି ଆକ୍ରୋଶ ସ୍ପଷ୍ଟ ବାରି ହୋଇ ପଡୁଛି । ଏଥିରେ ବରୁଣଙ୍କ ସହ ସନ୍ନି ଦେଓ୍ୱଲ, ଦିଲଜିତ୍ ଦୋସାଞ୍ଜ,ଅହାନ୍ ସେଟ୍ଟୀ, ମେଘା ରାଣା, ମୋନା ସିଂହ, ସୋନମ୍ ବାଜୱା ପ୍ରମୁଖ ନଜର ଆସିବେ । ସେହିଭଳି ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା, ନିଧି ଦତ୍ତା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି । ଏଠାରେ ପ୍ରକାଶ ଥାଉ କି, 'ବର୍ଡର ୨' ୧୯୯୭ରେ ଆସିଥିବା ଜେପି ଦତ୍ତାଙ୍କ ନିର୍ଦ୍ଦେଶିତ 'ବର୍ଡର'ର ସିକ୍ୱେଲ ।






## କୁକୁଡ଼ା ବସନ୍ତ

**ବର୍ତ୍ତମାନ ଆମ ରାଜ୍ୟର ଅଧିକାଂଶ ଜିଲ୍ଲାରେ କୁକୁଡ଼ା ବସନ୍ତ ରୋଗ ଦେଖାଯାଉଛି । ଏହା ଏକ ଭୂତାଣୁଜନିତ ରୋଗ । ଶୀତଋତୁରେ ଆର୍ଦ୍ର ବାତାବରଣ ଯୋଗୁଁ କୁକୁଡ଼ା ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି । ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସକଙ୍କ ପରାମର୍ଶରେ ଚିକିତ୍ସା ଯୋଗାଇଦେବା ଆବଶ୍ୟକ ।**



କୁକୁଡ଼ା ବସନ୍ତ ରୋଗରେ ଆକ୍ରାନ୍ତ କୁକୁଡ଼ାଙ୍କ ମୁଣ୍ଡ, ପାଟି, ଆଖି ଆଦି ସ୍ଥାନରେ ଘା' ହୋଇଯାଏ । ଆଖି ବନ୍ଦ ହୋଇଯିବାରୁ ସେମାନେ ଦେଖିପାରନ୍ତିନି । ପ୍ରାୟତଃ ଅନ୍ଧ ହୋଇଯାଆନ୍ତି । ଚୂଳ, ଥଣ୍ଟ, ବେକ ଆଦି ସ୍ଥାନରେ ବସନ୍ତ ହୋଇ ଫୋଟକା ସୃଷ୍ଟି ହୁଏ । ଏହି ରୋଗରେ ଆକ୍ରାନ୍ତ କୁକୁଡ଼ା ଖାଇବା ପିଇବା ବନ୍ଦ କରିଥାନ୍ତି । ଗମ୍ଭୀରସ୍ଥିତିରେ କୁକୁଡ଼ା ମୃତ୍ୟୁବରଣ କରିଥାନ୍ତି । ତେବେ ଆକ୍ରାନ୍ତ କୁକୁଡ଼ାଠାରୁ ଅନ୍ୟକୁକୁଡ଼ାଙ୍କୁ ଏହି ରୋଗ ବହୁତ ଜୋରରେ ବ୍ୟାପୁଥିବାରୁ ରୋଗର ଲକ୍ଷଣ ଦେଖିବାମାତ୍ରେ ଡାକ୍ତରଙ୍କ ପରାମର୍ଶରେ ଯତ୍ନ ନେବା ଜରୁରି । ରୋଗର ନିରାକରଣ ପାଇଁ ବଡ଼ କୁକୁଡ଼ା ଓ ଛୋଟ କୁକୁଡ଼ାଙ୍କୁ ଟିକା କରଣ କରାଯାଏ । କୁକୁଡାର ପର ତଳେ ୦.୧ ମିଲି ଟିକା ଦିଆଯାଇଥାଏ । ସେହିପରି ଘା' ଗୁଡିକୁ ପଟାସ ପାଣିରେ ଧୋଇବା ଜରୁରି । ଯଦି ଟିକା ଉପଲବ୍ଧ ନ ଥାଏ, ହୋମିଓପାଥି ଉପଚାର କରି ପାରିବେ । ପାଣିରେ ହୋମିଓପାଥି ଔଷଧ ପକାଇ କୁକୁଡ଼ାଙ୍କୁ ଦେଲେ ରୋଗର ତୀବ୍ରତା କମିଥାଏ । ତେବେ ସଂକ୍ରମିତ କୁକୁଡ଼ାଙ୍କୁ ସୁସ୍ଥ କୁକୁଡ଼ାଙ୍କଠାରୁ ଦୂରେଇ ରଖନ୍ତୁ ।

## ଏମାସର ଚାଷ

**ଆମ ରାଜ୍ୟର ପ୍ରାୟତଃ ଚାଷୀ ଧାନ ଚାଷ ସହିତ ବିଭିନ୍ନ ପ୍ରକାର ପରିବା ଚାଷ କରିଥାନ୍ତି । ତେଣୁ ନଭେମ୍ବର ମାସରେ ପରିବା ଚାଷ କରୁଥିଲେ; କିଛି କଥାକୁ ଧ୍ୟାନ ଦେବା ଜରୁରି ।**



ଚାଷ ପୂର୍ବରୁ ଜମିରେ ମାଟିକୁ ଗୁଣ୍ଡ କରି ଏକର ପ୍ରତି ୧୦ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରି ମାଟିକୁ ସମତଳ କରିଦିଅନ୍ତୁ । ନଭେମ୍ବର ମାସରେ ଆଳୁ, ଗାଜର, ମୂଳା, ବିଟ୍, କୋବି ଓ ଟମାଟୋ ଆଦି ପନିପରିବା ଚାଷ କରିପାରିବେ । ମୁଖ୍ୟତଃ ଏହି ଦିନେ ତାପମାତ୍ରା କମ୍ ରୁହେ, ତେଣୁ ଗଛ ମୂଳରେ ଅଧିକ ମାତ୍ରାର ପାଣି ଦେବା ଅନୁଚିତ । ଏହାଦ୍ୱାରା ଗଛ ମୂଳ ସଢ଼ିଯାଇଥାଏ । ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଗଛ ଲଗାଇବା ଭଲ । ଜମିରେ ବୁଣାକାମ ପୂର୍ବରୁ ମାଟିରେ ଖତ ମିଶାଇ ଦିଅନ୍ତୁ । ଗଛରେ ଯବକ୍ଷାରଜାନ ଓ ପଟାସ ଆଦି ଉପଯୋଗ କରିପାରିବେ । ଯଦି ଚାହିଁବେ ଜୈବିକ ପ୍ରଣାଳୀରେ ଚାଷ କରିପାରିବେ ।

ଗଛ ଲଗାଇବା ପରେ ସପ୍ତାହ ଅନ୍ତରରେ ୪ରୁ ୫ ଥର ଜଳ ସିଞ୍ଚନ କରିବାକୁ ଭୁଲନ୍ତୁନି । ଏକମାସ ପରେ ଚାଷଜମିରେ କୋଡାଖୋସା କରିବା ଆବଶ୍ୟକ । ଘାସ ନିୟନ୍ତ୍ରଣ କରି ଜୈବିକ ସାର ପ୍ରୟୋଗ କଲେ ଫସଲ ସୁରକ୍ଷିତ ରୁହେ । ୪୫ ଦିନରେ ୩ରୁ ୪ କ୍ୱିଣ୍ଟାଲ ପ୍ରତି ଏକର ପିଛା ଜିଆ ଖତ ପ୍ରୟୋଗ କରିପାରିବେ ।

## ନଡ଼ା ସଫା ଯନ୍ତ୍ର



ଅଧିକାଂଶ ଚାଷୀ ଫସଲ ଅମଳ ପରେ ସେହି ଜମିରେ ଅନ୍ୟ ଫସଲ ଚାଷ କରିଥାନ୍ତି । ପ୍ରତ୍ୟେକ ଚାଷକାର୍ଯ୍ୟ ଆରମ୍ଭରୁ ମାଟିକୁ ଭଲ ଭାବେ ଗୁଣ୍ଡ କରି ଜମି ପ୍ରସ୍ତୁତ କରାଯାଏ । ତେବେ ପ୍ରଥମ ଫସଲ ଯଥା ଧାନ, ଗହମ କିମ୍ବା ଅନ୍ୟାନ୍ୟ ଫସଲ ଅମଳ ପରେ ଜମିରେ ଏହାର ଅବଶିଷ୍ଟାଂଶ ରହିଥାଏ । ଏନେଇ ଅଧିକାଂଶ ଲୋକ ଚାଷ ପୂର୍ବରୁ ପୁରୁଣା ଫସଲର ଅବଶିଷ୍ଟାଂଶକୁ ପୋଡ଼ିଥାନ୍ତି । ଏହା ଯୋଗୁଁ ଜମିରେ ଉପଯୋଗୀ ଜୀବାଣୁ ନଷ୍ଟ ହୋଇଯାଇଥାନ୍ତି । ମାଟି ଟାଣ ହେବା ସହ ଜଳଧାରଣା କ୍ଷମତା କମିଯାଏ । ତେଣୁ ଏବେ ଏହି ସମସ୍ୟାକୁ ଦୂର କରିବ ସୁପର ସିଡର । ଏହି କୃଷି ଯନ୍ତ୍ରଟି ଗହମ, ଧାନ ତଥା ଅନ୍ୟ ଫସଲ କାଟିବା ପରେ ଜମିରେ ବଳକା ଥିବା କୁଟା, ନଡ଼ା, କାଠି ଆଦିକୁ ସିଧାସଳଖ ମାଟିରେ ମିଶାଇ ଦିଏ । ଏହାଦ୍ୱାରା ଚାଷୀଙ୍କୁ ଆଉ ଫସଲ ବର୍ଜ୍ୟକୁ ପୋଡିବାକୁ ପଡ଼ି ନ ଥାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଦ୍ୱାରା ଜମିର ବର୍ଜ୍ୟ ମାଟିରେ ମିଶି ଫସଲରେ ଖତ ପରି କାମ ଦିଏ । ଏହି କୃଷି ଯନ୍ତ୍ରର ମୂଲ୍ୟ ପାଖାପାଖି ୨.୪୦ଲକ୍ଷରୁ ୩ ଲକ୍ଷ ଟଙ୍କା ହେବ । ଏହି ଯନ୍ତ୍ରଟିକୁ ଟ୍ରାକ୍ଟର ସହିତ ଫିଟ୍ କରି ଜମିରେ ବ୍ୟବହାର କରିବାକୁ ପଡ଼େ । ଫଳରେ ଚାଷୀମାନେ ସହଜ ଓ ସ୍ୱଳ୍ପ ମୂଲ୍ୟରେ ହଳ ସହିତ ବୁଣା କାମ କରିପାରନ୍ତି ।

## କୁଣ୍ଡରେ ମଟର ଅମଳ

ଶୀତଦିନେ ମଟରର ଚାହିଦା ଅଧିକ ଥାଏ । ତେଣୁ ବାଲ୍‌କୋନି କିମ୍ବା ଘରେ କୁଣ୍ଡରେ ମଟର ଚାଷ ସମ୍ଭବ । ମଟର ଚାଷ କରିବାକୁ ୧୦ରୁ ୧୨ ଇଞ୍ଚ ଗଭୀର କୁଣ୍ଡ ଆବଶ୍ୟକ ହୋଇଥାଏ । କୁଣ୍ଡ ତଳପାର୍ଶ୍ୱରେ ବାୟୁ ଚଳାଚଳ ପାଇଁ ଛୋଟ କଣା ରହିଥିବା ଜରୁରି । ମାଟି, ସଢ଼ାଗୋବର, ଖତ ବାଲି ଆଦିକୁ ମିଶାଇ କୁଣ୍ଡ ଭର୍ତ୍ତି କରି ସେଥିରେ ଗଛ ଲଗାଯାଏ । ମାଟିରେ ବାୟୁ ଚଳାଚଳ ଯେପରି ହୋଇପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ । କୁଣ୍ଡରେ ମଞ୍ଜିକୁ ୩ରୁ ୪ ସେମି ଗଭୀରରେ ପୋତି ଗଛକୁ ଗଛ ୧୦ରୁ ୧୫ ସେମି ଦୂରରେ ରଖାଯାଏ ।



ସେହିପରି ଗଛକୁ ଯେପରି ୬ଘଣ୍ଟା ସୂର୍ଯ୍ୟକିରଣ ମିଳିପାରିବ ତାହାକୁ ଧ୍ୟାନ ଦେବା ଆବଶ୍ୟକ । ମଟର ଗଛର ଲତା ବଢ଼ିଲେ ଏହାକୁ ସାହାରା ଦେବାକୁ ରଞ୍ଜା (ବାଉଁଶ, ଜାଲି) ବନ୍ଦୋବସ୍ତ କରିପାରିବେ । ସମୟେ ସମୟେ ଘାସ ନିୟନ୍ତ୍ରଣ କରିବାକୁ ଭୁଲନ୍ତୁନି । ଗଛରେ ରୋଗପୋକ ଦେଖାଦେଲେ, କୃଷି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଔଷଧ ସିଞ୍ଚନ କରନ୍ତୁ । ଏହାଦ୍ୱାରା ଗଛରେ ଶୀଘ୍ର ଫଳ ଆସିଥାଏ । ମଟର ଫଳିବାକୁ ପାଖାପାଖି ଦୁଇରୁ ଅଢ଼େଇ ମାସ ସମୟ ଲାଗେ । ମଟର ଛୁଇଁ ପରିପକ୍ୱ ହୋଇଥିଲେ ଏହାକୁ ତୋଳି ପାରିବେ ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ କାଟି ନିଅନ୍ତୁ । ବେଙ୍ଗଳା ପରେ ଧାନକୁ ଭଲ ଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ ।
- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଓ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ଅମଳକ୍ଷମ ପିଆଜର କିସମ ଗୁଡିକ ହେଲା- ଆଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆଗ୍ରିଫାଉଣ୍ଡ ଡାର୍କ ରେଡ୍, ଭୀମ ଶକ୍ତି, ଭୀମ ସୁପର ଇତ୍ୟାଦି ।
- ଉଚ୍ଚ-ମଧ୍ୟମ ଜମିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଚାଷ କରନ୍ତୁ ।
- ଲଙ୍କାରେ ଉକୁଣିଆ ପୋକର ପରିଚାଳନା ପାଇଁ ଏକର ପିଛା ୮ଟି ଅଠାଳିଆ ଯନ୍ତା ଲଗାନ୍ତୁ ।
- ଶୀତଋତୁରେ ମାଛମାନଙ୍କ ଦେହରେ କବକ ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ପାଇଁ ଶୀତଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି କିମ୍ବା ପଟାସିୟମ ପରମାଙ୍ଗାନେଟ୍ ୧ ରୁ ୨ କେଜି କିମ୍ବା ଚୂନ ୫୦ରୁ ୧୦୦ କେଜି ମିଶାଇ ବିଶୋଧନ କରନ୍ତୁ ।



● ଆଇପିଏଲ୍-୨୦୨୬

## ସିଏସ୍‌କେରୁ ଖେଳିପାରନ୍ତି ସାମସନ, ରାଜସ୍ଥାନରୁ ଜାଡ଼େଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଆସନ୍ତାବର୍ଷ ଖେଳାଯିବାକୁ ଥିବା ଆଇପିଏଲ୍-୧୯ ର ନିଲାମ ଏଥର ମଧ୍ୟ ବିଦେଶରେ ହେବ। ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଡିସେମ୍ବର ୧୫ କିମ୍ବା ୧୬ରେ ଏହି ମିନି ନିଲାମ ଆବୁଧାବିରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଗତ ଦୁଇବର୍ଷ ହେଲା ଏହା ଯଥାକ୍ରମେ ଜେଦ୍ଦା, ସାଉଦି ଆରବ ଓ ଦୁବାଇରେ ଆୟୋଜିତ ହୋଇଥିଲା। ନଭେମ୍ବର ୧୫ ସୁଦ୍ଧା ଖେଳାଳି ରିଟେନସନ ତାଲିକା ବିସିସିଆଇର ହସ୍ତଗତ ହେଲେ ନିଲାମ ତାରିଖ ଘୋଷଣା କରାଯିବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ମହିଳା ପ୍ରିମିୟର ଲିଗ୍ ଲାଗି ନିଲାମ ନୂଆଦିଲ୍ଲୀରେ ନଭେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଜଣାଇଦିଆଯାଇଛି। ଏହା ମଧ୍ୟରେ ଆଉ ଏକ ଘଟଣାକ୍ରମରେ ସଞ୍ଜୁ ସାମସନ ଏଥର ଚେନ୍ନାଇ ସୁପରକିଙ୍ଗ୍‌ସ (ସିଏସ୍‌କେ) ପକ୍ଷରୁ ଏବଂ ରବୀନ୍ଦ୍ର ଜାଡେଜା ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବେ ବୋଲି ଏକପ୍ରକାର ସ୍ଥିର ହୋଇଛି। ଆଇପିଏଲ ଟ୍ରେଡ୍ ମାଧ୍ୟମରେ ଏହା ସମ୍ଭବ ହେବାକୁ ଯାଉଛି। ସଞ୍ଜୁ ସାମସନଙ୍କୁ ହଟାଇବା ଲାଗି ରାଜସ୍ଥାନ ରୟାଲ୍ସ ଏକାଧିକ ଫ୍ରାଞ୍ଚାଇଜ୍ ସହ ଆଲୋଚନା କରିଛି। କିନ୍ତୁ ଏଥିରେ ବିଫଳ ହେବା ପରେ ସିଏସ୍‌କେ ରାଜି ହୋଇଛି।

## ପାକିସ୍ତାନ କ୍ରିକେଟର୍ ନସୀମଙ୍କ ଘର ଉପରକୁ ଗୁଳି ମାଡ଼

ଇସଲାମବାଦ୍, ୧୦।୧୧ (ଏଜେନ୍ସି): ପାକିସ୍ତାନ କ୍ରିକେଟର୍ ନସୀମ ଶାହଙ୍କ ଘର ଉପରକୁ ଅଜଣା ଆତତାୟୀମାନେ ଦିନ ଦ୍ୱିପହରେ ଆଖିବୁଜା ଗୁଳିଚାଳନା କରିଛନ୍ତି। ଖାଇବର ପଖତୁନଖୱା ପ୍ରଦେଶର ଲୋୟର ଡି ଜିଲ୍ଲାରେ ଥିବା ନସୀମଙ୍କ ଘରର ମୁଖ୍ୟ ଦ୍ୱାରରେ ଏହି ଗୁଳିମାଡ଼ ହୋଇଥିବା ଜଣାପଡ଼ିଛି। ଗୁଳିମାଡ଼ରେ ଲୁହାରେ ନିର୍ମିତ ମୁଖ୍ୟ ଦ୍ୱାରରେ ଅନେକ ଛିଦ୍ର ହୋଇଥିବାବେଳେ ନିକଟରେ ଥିବା ଏକ କାର୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ୫ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

● ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟ

## ସମ୍ବିତ୍ ଓ ଅନ୍ୱେଷଙ୍କୁ ଟାଇଟଲ୍

ଭୁବନେଶ୍ୱର,୧୦।୧୧(ସମିସ): ଆଇଏମ୍ ସମ୍ବିତ ପଣ୍ଡା ଓ ଡାକ୍ତର ଅନ୍ୱେଷ ଉପାଧ୍ୟାୟ ପ୍ରଥମ ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଚେସ୍‌ଟର୍ଫ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶାରେ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଆୟୋଜିତ ହୋଇଥିଲା। ସମଗ୍ର ରାଜ୍ୟରୁ ୨୫୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ



କରିଥିଲେ। ସମ୍ବିତ ସମସ୍ତଙ୍କୁ ପଛରେ ପକାଇ ରାପିଡ୍ ବିଭାଗରେ ଚାମ୍ପିଅନ ହେବା ସହ ଟ୍ରଫି ଓ ୨୧,୦୦୦ ଟଙ୍କାର ପୁରସ୍କାର ଜିତିଥିଲେ। ଏହି ବିଭାଗରେ ଫିଡେ ମାଷ୍ଟର ଶ୍ରୀଅଂଶ ଦାସ ଦ୍ୱିତୀୟ ସ୍ଥାନରେ ରହି ୧୧,୦୦୦ ଟଙ୍କା ଓ ଅନ୍ୱେଷ ତୃତୀୟ ସ୍ଥାନରେ ରହି ୮,୦୦୦ ଟଙ୍କାର ପୁରସ୍କାର ପାଇଥିଲେ। ସେହିପରି ବ୍ଲିଜ୍ ବିଭାଗରେ ଡାକ୍ତର ଅନ୍ୱେଷ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କୁ ପୁରସ୍କାର ବାବଦରେ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ବିଭାଗରେ ସମ୍ବିତ ରନର୍ସଅପ୍ ଓ ଜ୍ୟୋତ୍ସ୍ନାଭ ତାଲୁକଦାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୋଟ ୧.୭୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ, ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଟ୍ଟ ଓ ଆୟୋଜକ ଚେସ୍‌ଟର୍ଫ ଏକାଡେମୀର ସମ୍ପାଦକ ସ୍ୱୟଂଶୁ ସତ୍ୟକାମ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ଜୁନିଅର ମହିଳା ବିଶ୍ୱକପ୍ ଲାଗି ଭାରତୀୟ ହକି ଦଳ ଘୋଷିତ

# ଟିମ୍‌ରେ ଓଡ଼ିଶାରୁ ସୁନେଲିତା, ହର୍ଷାରାଣୀ, ପୂଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍ ଲାଗି ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଜ୍ୟୋତି ସିଂ ପୂର୍ବପରି ଜୁନିଅର ଦଳର ନେତୃତ୍ୱ ବଜାୟ ରଖିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଚିଲିର ସାଣ୍ଟିଆଗୋଠାରେ ଡିସେମ୍ବର ୧ରୁ ୧୩ ତାରିଖଯାଏ ଅନୁଷ୍ଠିତ ହେବ। ଜୁନିଅର ହକିର ଏହି ମେଗା ଇଭେଣ୍ଟରେ ଭାରତ ପୁଲ-ସି'ରେ ସ୍ଥାନ ପାଇଛି। ଏହା ମଧ୍ୟରୁ ଦଳ ପ୍ରଥମ ମ୍ୟାଚ୍ ନାମିବ୍ୟା ସହ ଡିସେମ୍ବର ୧ରେ, ଦ୍ୱିତୀୟ ମ୍ୟାଚ୍ ଜର୍ମାନୀ ସହ ଡିସେମ୍ବର ୩ ଓ ତୃତୀୟ ମ୍ୟାଚ୍ ଆୟର୍ଲାଣ୍ଡ ସହ ଡିସେମ୍ବର ୫ରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ନକ୍‌ଆଉଟ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଡିସେମ୍ବର ୭ରୁ ୧୩ ତାରିଖଯାଏ ନକ୍‌ଆଉଟ ମ୍ୟାଚ୍ ଗୁଡ଼ିକ ଖେଳାଯିବ। ଏହା ମଧ୍ୟରେ ଡିସେମ୍ବର ୧୩ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।








ଭାରତ ପକ୍ଷରୁ ଘୋଷିତ ୨୦ ଜଣିଆ ଦଳରେ ୧୮ଜଣ ଖେଳାଳି ଓ ୨ଜଣ ବଦଳ ଖେଳାଳି ରହିଛନ୍ତି। ଏମାନଙ୍କ ବ୍ୟତୀତ ୩ଜଣଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଗୋଲରକ୍ଷକ ଏଞ୍ଜେଲ ହର୍ଷାରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ସମସ୍ତଙ୍କର ଜୁନିଅର ଅନ୍ତର୍ଜାତୀୟ ହକି ଖେଳିବାରେ ଅଭିଜ୍ଞତା ରହିଛି। ସୁନେଲିତା ଟପ୍ପୋ ଗୋଟିଏ ପାଦ ଆଗେଇଯାଇ ସିନିଅର ଦଳ ପକ୍ଷରୁ ଖେଳିଛନ୍ତି। ସେହିପରି ମମିତା ଓରାମ ଚତୁର୍ଥ ଖେଳାଳିମାନେ ଷ୍ଟାଣ୍ଡବାଇରେ ରହିଛନ୍ତି। ମହିଳା ହକି ଦଳର ହେଡ୍ କୋଚ୍ ତୁଷାର ଖାଣ୍ଡେକର ଦଳଠାରୁ ଭଲ ପ୍ରଦର୍ଶନ ଆଶା ରଖିଛନ୍ତି। ଖେଳାଳିମାନଙ୍କୁ ଶିବିରରେ ରଖାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ପରେ ବିଭିନ୍ନ ଟୁର୍‌ରେ ମଧ୍ୟ ଏମାନେ ଖେଳିଥିଲେ। ଏଣୁ ଅନ୍ତର୍ଜାତୀୟ ଅଭିଜ୍ଞତା ଥିବା ଖେଳାଳିମାନେ ଏଥର ଦଳରେ ସ୍ଥାନ ପାଇଛନ୍ତି ଓ ଏଥର ଦଳ ଭଲ ଖେଳିବ ବୋଲି ଖାଣ୍ଡେକର କହିଛନ୍ତି।

**ଖେଳସୂଚୀ**

- ୧-୧୨ ବନାମ ନାମିବ୍ୟା
- ୩-୧୨ ବନାମ ଜର୍ମାନୀ
- ୫-୧୨ ବନାମ ଆୟର୍ଲାଣ୍ଡ

**ଘୋଷିତ ଦଳ**

ନିଧି, ଏଞ୍ଜିଲ ହର୍ଷାରାଣୀ ମିଞ୍ଜ୍ (ଗୋଲରକ୍ଷକ), ସାକ୍ଷୀ ଶୁକ୍ଳା, ପୂଜା ସାହୁ ଓ ନନ୍ଦିନୀ (ସମସ୍ତେ ଡିଫେଣ୍ଡର), ସାକ୍ଷୀ ରାଣା, ଇଶିକା, ସୁନେଲିତା ଟପ୍ପୋ, ଜ୍ୟୋତି ସିଂ (ଅଧିନାୟିକା), କେ, ଶିଲେଇମା ଚାନୁ, ବିନିମା ଧାନ୍ (ମିଡ୍‌ଫିଲ୍ଡର), ସୋନମ, ପୂର୍ଣ୍ଣିମା ଯାଦବ, କନିକା ସିୱାଚ୍‌ଲ ହୀନା ବାନୋ ମନୀଷା, ଲାଲଥାନଲୁଆଲାଙ୍ଗି ଓ ସୁଖବୀର କୌର।

### ରଣ୍‌ଜୀ ଟ୍ରଫି: ବିଦର୍ଭର ଅମନ, ଧ୍ରୁବଙ୍କ ଶତକ

## ଓଡ଼ିଶା ଆଗରେ ୩୪୫ ରନ୍‌ର ଟାର୍ଗେଟ

ଭୁବନେଶ୍ୱର, ୧୦।୧୧ (ସମିସ): ଅମନ ମୋଖାଡେ ଓ ଧ୍ରୁବ ସୋରେଙ୍କ ଶତକ ବଳରେ ଏଠାରେ ଚାଲିଥିବା ରଣଜୀ ଟ୍ରଫିର ଏଲିଟ୍-ସି'ର ଏକ ମ୍ୟାଚ୍‌ରେ ଘରୋଇ ବିଦର୍ଭ ଦଳ ଭ୍ରମଣକାରୀ ଓଡ଼ିଶା ଆଗରେ ୩୪୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୧୨ ଓଭର ଖେଳି ବିନା ୱିକେଟରେ ୪୪ ରନ୍ କରିନେଇଛି। ଦୁଇ ଓପନର ସ୍ୱସ୍ତିକ ସାମଲ ୨୫ ଓ ଗୌରବ ଚୌଧୁରୀ ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ପିଚ୍‌ରେ ମ୍ୟାଚ୍ ବଞ୍ଚାଇବା କଷ୍ଟକର ହୋଇଥିଲାବେଳେ ମ୍ୟାଚ୍ ଜିତିବାକୁ ଆସନ୍ତାକାଲି ଚତୁର୍ଥ ତଥା ଶେଷ ଦିନରେ ବାକିଥିବା ସମସ୍ତ ୧୦ଟିଯାକ ଦ୍ୱିତୀୟ ଇନିଂସ ୱିକେଟ୍‌ରେ ଆଉ ୩୦୧ ରନ୍ ଆବଶ୍ୟକ ହେଉଛି। ଓଡ଼ିଶାର ଦ୍ୱିତୀୟ ଇନିଂସ ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ଇନିଂସ ଶେଷ କରିଥିଲେ। ଗତକାଲି ୬ ୱିକେଟରେ ୧୨୨ ରନ୍ କରିଥିବା ଓଡ଼ିଶା ଆଜି ଆଉ ୩୮ ରନ୍ ଯୋଡିବା ପରେ ୧୬୦ ରନ୍‌ରେ ଅଲଆଉଟ ହୋଇଥିଲା। ଶେଷଭାଗରେ ସମ୍ବିତ ବରାଳଙ୍କ ୨୯ ରନ୍ ଲାଗି ଏହା ସମ୍ଭବ ହୋଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୪୧ ରନ୍ କରିଥିଲେ। ଘରୋଇ ଦଳର ଦୁଇ ମିଡିୟମ ପେସ୍ ବୋଲର ଗୌରବ ଫାର୍ଡେ ୪ଟି ଓ ପାର୍ଥ ରେଖାଡେ ୨ଟି ୱିକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୨୬ ରନ୍‌ରେ ଆଗୁଆ ଥିବା ବିଦର୍ଭ ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୧୮ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିଥିଲା। ଅମନ ମୋଖାଡେ ଅପରାଜିତ ୧୦୧ ରନ୍ କରିଥିଲାବେଳେ ଧ୍ରୁବ ସୋରେ ୧୦୧ ରନ୍ କରି ଆଉଟ ହୋଇଥିଲେ। ୨ଟିଯାକ ୱିକେଟ ବାଦଲ ବିଶ୍ୱାଳଙ୍କୁ ମିଳିଥିଲା। ଧ୍ରୁବ ମଧ୍ୟ ପ୍ରଥମ ଇନିଂସରେ ଶତକ ସହ ୧୪୪ ରନ୍‌ର ବିରାଟ ଇନିଂସ ଖେଳିଥିଲେ।


## କିଟ୍ ଓ କିସ୍‌ରେ ୩୨ କୋଚ୍‌ଙ୍କୁ ନିଯୁକ୍ତି



ଭୁବନେଶ୍ୱର, ୧୦।୧୧ (ସମିସ): କିଟ୍ ଓ କିସ୍ ପକ୍ଷରୁ ଏହାକୁ କ୍ରୀଡ଼ା ଇକୋସିଷ୍ଟମକୁ ସୁଦୃଢ଼ କରିବା ଲାଗି ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ୩୨ଜଣ ପୂର୍ବତନ କ୍ରୀଡ଼ାବିତ୍ ଓ ଏନ୍‌ଆଇଏସ୍-ପ୍ରମାଣିତ ପ୍ରଶିକ୍ଷକଙ୍କୁ କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗରେ ନିଯୁକ୍ତି କରାଯାଇଛି। ନିଯୁକ୍ତି ପାଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅଲିମ୍ପିଆନ ରାହୁଲ ବାନାର୍ଜୀ (ମୁଖ୍ୟ କୋଚ୍, ତୀରନ୍ଦାଜୀ), ସିଏସ୍ ଲାଗୁରୀ, କୁନି ଭଦ୍ରା, ଉମା ଦଳପତି, ଜଗନ୍ନାଥ ମାଝୀ, ସରିତା ଏକ୍କା, ମକରନ୍ଦ ପ୍ରଧାନ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ଖେଳାଳି ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରି ଓଡ଼ିଶା ଓ ଦେଶ ପାଇଁ ସଫଳତା ଆଣିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ନବନିଯୁକ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ନିଯୁକ୍ତି ଫଳରେ କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗରେ କର୍ମଚାରୀ ସଂଖ୍ୟା ୩୩୭କୁ ବୃଦ୍ଧି ପାଇଛି।

## ସାଓ ପାଓଲୋ ଗ୍ରାଁପ୍ରି ଜିତିଲେ ନୋରିସ

ସାଓ ପାଓଲୋ, ୧୦।୧୧ (ଏଜେନ୍ସି): ମ୍ୟାକଲରେନ୍‌ର ଚାଳକ ଲାଣ୍ଡୋ ନୋରିସ ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସିଂ ସାଓ ପାଓଲୋ ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ୭୧ ଲ୍ୟାପ୍ ତଥା ୩୦୫.୮ କିମି ବିଶିଷ୍ଟ ଏହି ରେସକୁ ନୋରିସ ଏକ ଘଣ୍ଟା ୩୨ ମିନିଟ୍ ଓ ୦୧.୫୯୬ ସେକେଣ୍ଡ ସମୟ ନେଇ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ମର୍ସିଡିଜର ଯୁବ ଚାଳକ କିମି ଆଣ୍ଟୋନେଲି ୧୦.୩୮୮ ସେକେଣ୍ଡ ଅଧିକ ସମୟ ନେଇ କ୍ୟାରିୟର ଶ୍ରେଷ୍ଠ ପ୍ରଥମ ରନର୍ସଅପ୍ ଓ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ୧୦.୭୫ ସେକେଣ୍ଡ ଅଧିକ ସମୟ ସହ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ଏଠାରେ ବିଜୟ ସହ ନୋରିସ ବର୍ଷର ଶ୍ରେଷ୍ଠ ଫର୍ମୁଲା ୱାନ ଡ୍ରାଇଭର ଟାଇଟଲ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ନୋରିସ ବର୍ତ୍ତମାନ ୩୯୦ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ମ୍ୟାକଲରେନର ଅନ୍ୟତମ ଚାଳକ ଓସ୍କାର ପିଆଷ୍ଟ୍ରି ମୋଟ୍ ୩୬୬ ପଏଣ୍ଟ ସହ ଦ୍ୱିତୀୟ ଓ ଭର୍ଷ୍ଟାପେନ ୩୪୧ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛନ୍ତି। ଚଳିତ ସିଜନରେ ଆଉ ୩ଟି ରେସ୍ ବାକି ରହିଥିବାବେଳେ ୪୯ ପଏଣ୍ଟ ପଛରେ ଥିବା ଭର୍ଷ୍ଟାପେନଙ୍କ ଟାଇଟଲ୍ ଜିତିବା ଆଶା ମଉଳି ଯାଇଛି।




### ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

## ହର୍ଷିତ ପ୍ରିୟଦର୍ଶୀଙ୍କୁ ତ୍ରିମୁକୁଟ, ନିମିଶା ଓ ସୌମ୍ୟଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୦।୧୧(ସମିସ): ଓଡ଼ିଶା ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଭୁବନେଶ୍ୱର ପୋଖରୀପୁଟସ୍ଥିତ ବିଜୁପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମ୍‌ରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ ବାଳକ ବିଭାଗରେ କଟକର ହର୍ଷିତ ପ୍ରିୟଦର୍ଶୀ ବେହେରା ତ୍ରିମୁକୁଟ ଲାଭ କରିଛନ୍ତି। ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝା ଓ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ମଧ୍ୟ ଦ୍ୱିମୁକୁଟ ଲାଭ କରିଛନ୍ତି।



୧୫ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଫାଇନାଲରେ ସମ୍ବଲପୁରର ଅୟଙ୍କ ସାହୁଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ବାଳକ ଡବଲ୍ସରେ ସେ ଓ ଅୟଙ୍କ, ମିକ୍ସଡ ଡବଲ୍ସରେ ସେ ଓ ଆଦ୍ୟାଶା ମହନ୍ତ ଟାଇଟଲ ଜିତିଥିଲେ। ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ଡବଲ ସଫଳତା ମିଳିଛି। ସିଙ୍ଗଲ୍ସ ଫାଇନାଲରେ ସେ କଟକର ସ୍ୱାତୀ ନାୟକଙ୍କୁ ହରାଇଥିଲେ। ଡବଲ୍ସରେ ନିମିଶା ଓ ସ୍ୱାତୀ ନାୟକ ଚାମ୍ପିଅନ ହୋଇଥିଲେ। ୧୭ ବର୍ଷରୁ କମ୍ ବିଭାଗରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଥିଲା। ବାଳକ ବିଭାଗ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ୨-୦ରେ ନିଜ ଜିଲ୍ଲାର ବାପୁନ ରାଉତଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ସେ ଓ ଭଦ୍ରକର ଜେସିକା ସାହୁ ଟାଇଟଲ ଜିତିନେଇଥିଲେ। ଡବଲ୍ସରେ ଖୋର୍ଦ୍ଧାର ବାପୁନ ରାଉତ ଓ ସମ୍ବଲପୁରର ଜୟକୃଷ୍ଣ ଗର୍ଡିଆ ଟାଇଟଲ କବ୍‌ଜା କରିଥିଲେ। ବାଳିକା ବିଭାଗ ସିଙ୍ଗଲ୍ସରେ କଟକର ସ୍ୱାତୀ ନାୟକ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ହରାଇ ଟାଇଟଲ ଜିତିଥିଲେ। ଡବଲ୍ସରେ ଯାଜପୁରର ରତିକା ଦାସ ଓ ଭଦ୍ରକର ବି.ଲକ୍ଷ୍ମୀ ରେଡ୍ଡୀ ଚାମ୍ପିଅନ ହୋଇଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର, ଆୟୋଜନ କମିଟି ସମ୍ପାଦକ କମଳ ଦାଶ୍ ଓ ଅଜିତ ମହାନ୍ତି, ପର୍ଯ୍ୟବେକ୍ଷକ ଶିବମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଶୁଭମ ନାୟକ, ଚିଫ୍ ରେଫରୀ ରୀତା ଦାଶ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଭଙ୍ଗାଯିବ ଜବାହରଲାଲ୍ ନେହରୁ ଷ୍ଟାଡିୟମ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀର ଐତିହାସିକ ଜବାହରଲାଲ ନେହରୁ ଷ୍ଟାଡିୟମ ଏବେ ଇତିହାସ ହୋଇଯିବ। ଦିଲ୍ଲୀର ପ୍ରତୀକ ଭାବେ ବିବେଚିତ ହେଉଥିବା ଏହି ଷ୍ଟାଡିୟମ ଭଙ୍ଗାଯିବ। ଏହି ଷ୍ଟାଡିୟମକୁ ଭାଙ୍ଗି ଏଠାରେ ୧୦୨ ଏକର ଜାଗାରେ ସ୍ପୋର୍ଟ୍ସ ସିଟି ନିର୍ମାଣ କରାଯିବ। ଯେଉଁଥିରେ ସମସ୍ତ ପ୍ରମୁଖ ଖେଳର ଆୟୋଜନ ସ୍ଥଳ ଏବଂ ଆଥ୍‌ଲେଟଙ୍କ ଲାଗି ଅତ୍ୟାଧୁନିକ ସୁବିଧା ବ୍ୟବସ୍ଥା କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଯୋଜନା କରିଛି। ଏହାର ବଜେଟ ବିବରଣୀ ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନ ଥିବା ଜଣାପଡ଼ିଛି। ୨୦୩୬ ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ଭାରତ ରହିଥିବାରୁ ଏହାକୁ ଲକ୍ଷ୍ୟ ରଖି ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରାଯାଉଛି। ରିପୋର୍ଟ ଅନୁସାରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏବେ ବିଶ୍ୱର ବିଭିନ୍ନ ଷ୍ଟାଡିୟମର ମଡେଲର ଅଧ୍ୟୟନ କରାଯାଉଛି। କତାର ଓ ଅଷ୍ଟ୍ରେଲିଆରେ ରହିଥିବା ସ୍ପୋର୍ଟ୍ସ ସିଟି ପ୍ରକଳ୍ପର ନିର୍ମାଣ ଢାଞ୍ଚାକୁ ନଜରରେ ରଖି ଦିଲ୍ଲୀର କ୍ରୀଡ଼ା ନଗରୀ ନିର୍ମାଣ ହେବାର ଯୋଜନା ରହିଛି। ଉଲ୍ଲେଖଯୋଗ୍ୟ, ୧୯୮୨ରେ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ ତିଆରି କରାଯାଇଥିଲା। ଏହାର ଦର୍ଶକ କ୍ଷମତା ୬୦ ହଜାର ରହିଛି। ଗତ ୧୫ ବର୍ଷ ମଧ୍ୟରେ ଏହି ଷ୍ଟାଡିୟମର ନବୀକରଣରେ ପାଖାପାଖି ୧୦୧୧ କୋଟି ଟଙ୍କା ଖର୍ଚ୍ଚ କରାଯାଇସାରିଛି। ନିକଟରେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଲାଗି ୩୦ କୋଟି ଟଙ୍କା ବ୍ୟୟରେ ଏକ ଟ୍ରାକ୍ ବିଛାଯାଇଥିଲା।

# ମହିଳାରେ ପୁରୀ, ପୁରୁଷରେ ଜଟଣୀ ଚାମ୍ପିଅନ

**ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ**

ଭୁବନେଶ୍ୱର,୧୦।୧୧(ସମିସ): ପୁରୀ ସଦର ଓ ଜଟଣୀ ଦଳ ସୋଆ ୟୁନିଭର୍ସିଟି କ୍ୟାମ୍ପସରେ ଶେଷ ହୋଇଥିବା ୩୩ତମ ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍‌ରେ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇଛନ୍ତି। ମହିଳା ବିଭାଗରେ ଯାଜପୁର ଜିଲ୍ଲା ଓ ପୁରୁଷ ବିଭାଗରେ ପୁରୀ ସଦର ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ମହିଳା ବିଭାଗରେ ପୁରୀ ଜିଲ୍ଲା ଓ ସୋଆ, ପୁରୁଷ ବିଭାଗରେ ଭଦ୍ରକ ଓ ପୁରୀ ସଦର ମିଳିତଭାବେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ, ମାର୍ଗଦର୍ଶକ କୃଷ୍ଣଚନ୍ଦ୍ର ପଣ୍ଡା ଓ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାସନାଲ ରେଫରୀ ଯଶୋବନ୍ତ ପରମଗୁରୁ, ଦୀପ୍ତିରଞ୍ଜନ ସାମନ୍ତରାୟ, ସେକ୍ ଆଜାରୁଦ୍ଦିନ, ଏସ୍ ଜଗା ରେଡ୍ଡୀ ଓ କଳ୍ପନା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।



ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS